

ସ୍ୱର୍ଣ୍ଣ ଜିତିଲେ ବିଭୂତି
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17





Vol. 33 | ISSUE 108 | ଭାଗ ୩୩ | ସଂଖ୍ୟା ୧୦୮
Bhubaneswar | Wednesday 9 July 2025 | Page 8 Rs. 4.00
ଭୁବନେଶ୍ୱର ବୁଧବାର ୯ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ମନମୋହନଙ୍କ ଚତୁର୍ଥ ପାଳି ଆରମ୍ଭ

# ଆମ ଘୋଡ଼ିକୁ ଘୋଡ଼ା ସରିହେବନି



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଚତୁର୍ଥ ଥର ପାଇଁ ବିଜେପି ରାଜ୍ୟ ସଭାପତି ଭାବେ ଦାୟିତ୍ୱ ପାଇଛନ୍ତି ମନମୋହନ ସାମଲ। କ୍ରମାଗତ ଭାବେ ରାଜ୍ୟରେ ଦଳକୁ ସଫଳତାର ପାହାଚ ଚଢ଼ାଇ ଚାଲିଥିବା ମନମୋହନଙ୍କ ଉପରେ ପୁଣିଥରେ ଦଳ ଭରସା କରିବା ସହ ତାଙ୍କ ନେତୃତ୍ୱରେ ଦଳ ରାଜ୍ୟରେ ଲମ୍ବା ଇନିଂସ ଖେଳିବା ଲକ୍ଷ୍ୟରେ ରହିଛି। ଚତୁର୍ଥ ଥର ପାଇଁ ସଭାପତି ଭାବେ ଦାୟିତ୍ୱ ନେବା ପରେ ତାଙ୍କୁ ଦଳର ପ୍ରମୁଖ ନେତାମାନେ ବଧେଇ ଜଣାଇଥିଲେ। ଏହି ଅବସରରେ ମନମୋହନ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ କାର୍ଯ୍ୟକର୍ତ୍ତାମାନେ ପରିଶ୍ରମ କରି ନ ଥିଲେ, ବିଜେପି କଦାପି ସାଇନ ବୋର୍ଡ ପାର୍ଟିରୁ ଆଜି ସରକାରୀ ପାର୍ଟିରେ ପରିଣତ ହୋଇପାରିନଥାନ୍ତା। ୧୯୮୮ରେ ଆମକୁ ସାଇନ୍‌ବୋର୍ଡ ପାର୍ଟି ବୋଲି

**ସରକାରଙ୍କ ସହ ଖୁଣ୍ଟ ଭଳି ଠିଆ ହେବ ଦଳ**

**ରାଜ୍ୟରେ ଟ୍ରିପଲ 'ଏମ୍' ସରକାର: ସମ୍ବିତ**

**ସାଇନ୍ ବୋର୍ଡ ପାର୍ଟିରୁ ସରକାରୀ ପାର୍ଟି ପାଇ କାର୍ଯ୍ୟକର୍ତ୍ତାଙ୍କୁ ଶ୍ରେୟ**

କୁହାଯାଉଥିଲା। ଆମକୁ ଅପମାନିତ କରାଯିବାର କୌଣସି ସୁଯୋଗ ବିରୋଧୀ ଛାଡୁନଥିଲେ। ମାତ୍ର ଆଜି ଆମେ ସରକାରୀ ଦଳ। ଏହା ହେଉଛି ଏକମାତ୍ର ଦଳ, ଯେଉଁଥିରେ ଜଣେ ଚା' ବିକାଳି ମଧ୍ୟ ପ୍ରଧାନମନ୍ତ୍ରୀ ହୋଇପାରେ, ଜଣେ ଶିଶୁ ମନ୍ଦିର ଶିକ୍ଷକ ମୁଖ୍ୟମନ୍ତ୍ରୀ ହୋଇପାରେ। ଦଳର କାର୍ଯ୍ୟକର୍ତ୍ତାଙ୍କ କଠିନ ପରିଶ୍ରମ ଓ ଧୈର୍ଯ୍ୟ ଯୋଗୁ ବାରମ୍ବାର ଅପମାନକୁ ପ୍ରତିହତ କରି ଆଜି ଆମେ କ୍ଷମତା ଦଖଲ କରିପାରିଛୁ। କାର୍ଯ୍ୟକର୍ତ୍ତା ପରିଶ୍ରମ କରି ନ ଥିଲେ ଆଜି ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସରକାର ହୋଇ ନ ଥାନ୍ତା। ଓଡ଼ିଶା ସମ୍ଭାବନାର ରାଜ୍ୟ। ଏଠାରେ ଖଣି, ପାଣି, ଜଙ୍ଗଲ ଜମି ଓ ସମ୍ଭାବପୂର୍ଣ୍ଣ ଲୋକ ଅଛନ୍ତି। ଆମେ ସରକାରକୁ ଆସିବା ପରେ ଆମୂଳଚୂଳ ଆଇନରେ ପରିବର୍ତ୍ତନ କରି ଲୋକଙ୍କୁ ସେବା ଯୋଗାଇଦେଉଛୁ। ସରକାରଙ୍କ ଉଦ୍ୟମ ଯୋଗୁଁ ରାଜ୍ୟରେ ୧୭ ଲକ୍ଷ କୋଟିର ➪ପୃଷ୍ଠା-୬

## ୩୨ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚିତ

ରାଷ୍ଟ୍ରୀୟ ନିର୍ବାଚନ ଅଧିକାରୀ ଡ. କେ.ଲକ୍ଷ୍ମଣଙ୍କ ନିର୍ଦ୍ଦେଶାନୁଯାୟୀ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚନ ଲାଗି ଗତକାଲି ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଜି ବିଧିବଦ୍ଧ ଭାବେ ନାମ ଘୋଷଣା କରାଯାଇଛି। ରାଜ୍ୟ ସଭାପତି ପଦରେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ

**ଘୋଷଣା କଲେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ**

ମନମୋହନ ସାମଲ ନିର୍ବାଚିତ ହେବା ସହ ୩୨ ଜଣ ରାଷ୍ଟ୍ରୀୟ ପରିଷଦ ସଦସ୍ୟଙ୍କ ନାମ ଘୋଷଣା କରାଯାଇଛି। ଓଡିଶା ଦାୟିତ୍ୱରେ ଥିବା ରାଷ୍ଟ୍ରୀୟ ପର୍ଯ୍ୟବେକ୍ଷକ ଡ. ସଞ୍ଜୟ ଜୟସ୍ୱାଲ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସଭାପତି ଭାବେ ଏକମାତ୍ର ପ୍ରାର୍ଥୀ ଭାବେ ଶ୍ରୀ ସାମଲଙ୍କ ନାମାଙ୍କନପତ୍ର କାଏମ ରହିବା ସହ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସେହିପରି ଓଡ଼ିଶାରୁ ୩୨ ଜଣ ➪ପୃଷ୍ଠା-୬

# ରାଜ୍ୟବ୍ୟାପୀ ଚକାଜାମ କଲା ଡ୍ରାଇଭର ସଂଘ



**୭ ଦଫା ଦାବି ପୂରଣ ନେଇ ଅଡ଼ି ବସିଛନ୍ତି ଡ୍ରାଇଭର**

**ଆନ୍ଦୋଳନ ଯୋଗୁଁ ଯାତ୍ରୀ ହନ୍ତସନ୍ତ**

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଓଡ଼ିଶା ଡ୍ରାଇଭର ଏକତା ମହାମଞ୍ଚର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁ ସାରା ରାଜ୍ୟରେ ଠପ ହୋଇଯାଇଛି ପରିବହନ ସେବା। କେବଳ ଆମ୍ବୁଲାନ୍ସ ଓ ସ୍କୁଲ ଗାଡ଼ି ଭଳି ଜରୁରୀ ସେବାକୁ ବାଦ ଦେଲେ ଅନ୍ୟସବୁ ଗାଡ଼ି ଗଡ଼ିବା ବନ୍ଦ ହୋଇଛି। ୭ ଦଫା ଦାବିରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଅନ୍ଦୋଳନ ଡାକରା ଦିଆଯାଇଛି। ଅଟୋ ଡ୍ରାଇଭରମାନଙ୍କୁ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଆଣ୍ଡ୍ ୱାର୍କର୍ସ ୱେଲ୍‌ଫେୟାର ବୋର୍ଡରେ ସାମିଲ କରିବାକୁ ଦାବି ସହ ସାଧାରଣ ଲୋକଙ୍କ ଆକ୍ରୋଶରେ ଶିକାର ହେଉଥିବା ଡ୍ରାଇଭରଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ, ବୃତ୍ତିଗତ ଡ୍ରାଇଭରଙ୍କୁ ୬୦ ବର୍ଷ ବୟସ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ଗାଡ଼ିଗୁଡ଼ିକ ପାର୍କିଂ ଓ ଡ୍ରାଇଭରମାନଙ୍କ ବିଶ୍ରାମ ପାଇଁ ପାର୍କିଂ ସହ ବିଶ୍ରାମାଗାର ଓ ଶୌଚାଳୟ ବ୍ୟବସ୍ଥା, ରାଜ୍ୟରେ ଥିବା ପ୍ରତ୍ୟେକ ଖଣିଖାଦାନ ଓ କାରଖାନାଗୁଡ଼ିକରେ ୭୦ ପ୍ରତିଶତ ରାଜ୍ୟ ଡ୍ରାଇଭରମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯିବା ଓ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ➪ପୃଷ୍ଠା-୬

# ରତ୍ନବେଦିକୁ ଫେରିଲେ ମହାପ୍ରଭୁ

**ସିଂହଦ୍ୱାରରେ ଲକ୍ଷ୍ମୀ-ନାରାୟଣ କଳି**

**ରସଗୋଲା ଖୁଆଇ କଲେ ମାନଭଞ୍ଜନ**

**ଆଜିଠୁ ରତ୍ନ ସିଂହାସନରେ ଶ୍ରୀଜିଉଙ୍କ ଦର୍ଶନ**

ପୁରୀ,୮।୭(ସଂଚାର ବ୍ୟୁରୋ): ନବଦିନାତ୍ମକ ଯାତ୍ରା ସାରି ନୀଳକନ୍ଦରକୁ ବିଜେ କଲେ ଚତୁର୍ଦ୍ଧାମୂର୍ତ୍ତି। ରତ୍ନବେଦୀକୁ ଫେରିଲେ କଳାଠାକୁର । ମହାପ୍ରଭୁଙ୍କ ପତିତପାବନ ଯାତ୍ରାର ଆଜି ଥିଲା ଶେଷ ଦିନ। ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରତ୍ନବେଦୀକୁ ଫେରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ରଥଯାତ୍ରା, ସୁନାବେଶ ଓ ଅଧରପଣା ସାରି ମହାପ୍ରଭୁ ଆଜି ଗୋଟି ପହଣ୍ଡିରେ ବଡ଼ଦେଉଳକୁ ଫେରିଥିଲେ। ଆଜିଠୁ ଚତୁର୍ଦ୍ଧାମୂର୍ତ୍ତି ରତ୍ନବେଦୀରେ ବିରାଜମାନ କରିବା ସହ ରତ୍ନସିଂହାସନରୁ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଲେ। ପ୍ରଥମେ ମଦନମୋହନ ଓ ପରେ ରାମକୃଷ୍ଣଙ୍କୁ ରତ୍ନସିଂହାସନରେ ବିରାଜମାନ କରାଯାଇଥିଲା। ତା'ପରେ ଆରମ୍ଭ ହୋଇଥିଲା ପ୍ରଭୁ ବଳଭଦ୍ରଙ୍କ ଗୋଟି ପହଣ୍ଡି। ବଡ ଠାକୁରଙ୍କ ପରେ ରତ୍ନସିଂହାସନକୁ ଯାଇଥିଲେ ଦେବୀ ସୁଭଦ୍ରା। ଶେଷରେ କାଳିଆ ସାଆନ୍ତ ରତ୍ନସିଂହାସନରେ ବିରାଜମାନ କରିଛନ୍ତି। ସନ୍ଧ୍ୟାଧୂପ ପରେ ଆରମ୍ଭ ହୋଇଥିଲା ଚାରମାଳ ବନ୍ଧା। କିଛି ସମୟ ପରେ ଆରମ୍ଭ ହୋଇଥିଲା ପହଣ୍ତି। ତେଣେ ଶ୍ରୀମନ୍ଦିର ମାଲିକାଣୀ ଜଗି ବସିଥିଲେ ଠିକ ବେଳେ ପ୍ରଭୁଙ୍କୁ ପାନେ ଦେବେ ବୋଲି। ମହାପ୍ରଭୁ ରଥରୁ ➪ପୃଷ୍ଠା-୬



## ଏଣିକି ନୂଆ ଅଳଙ୍କାର



ଆଗାମୀ ଦିନରେ ସୁନାବେଶରେ ଲାଗିବ ନୂଆ ଅଳଙ୍କାର। ଏନେଇ ଆଜି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ରତ୍ନଭଣ୍ଡାରର କୌଣସି ଅଳଙ୍କାର ସୁନାବେଶ ପାଇଁ ବ୍ୟବହାର ହେବନାହିଁ। ଏନେଇ ସରକାର ବ୍ୟବସ୍ଥା କରିବେ ଓ ଭକ୍ତଙ୍କୁ ସ୍ୱର୍ଣ୍ଣଦାନ ପାଇଁ ନିବେଦନ କରାଯିବ। ଶ୍ରୀଜିଉଙ୍କର କିଛି ଅଳଙ୍କାର ପତଳା ହୋଇଗଲାଣି, କିଛି ଅଳଙ୍କାର ଦବିଯାଇଛି ବୋଲି ସେବାୟତ ଜଣାଇଛନ୍ତି। ନିକଟରେ ଛତିଶା ➪ପୃଷ୍ଠା-୬

# କିଆ ବୁଦା ମୂଳେ କେଳି



ଘଞ୍ଚ ଜଙ୍ଗଲ। ଆଉ ଜଙ୍ଗଲ ଭିତରେ ଚାଲିଥିଲା ମଙ୍ଗଳ। ତିନି ଘଣ୍ଟା ଏକାନ୍ତରେ ଅନ୍ତରଙ୍ଗ ମୁହୂର୍ତ୍ତ କଟାଇବା ପରେ ମିଳିଲେ ପ୍ରେମୀଯୁଗଳ। ଇଏ ଏମିତି ସେମିତି ପ୍ରେମୀଯୁଗଳ ନୁହନ୍ତି, ବରଂ ଖୋଦ ପୁଲିସ ବିଭାଗର ଜିଲ୍ଲା ମୁଖିଆ। ଆପଣଙ୍କୁ କଥାଟା ଟିକେ ଅଡୁଆ ଲାଗୁଥାଇପାରେ। କିନ୍ତୁ ଏଭଳି ଏକ ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଆମେ ଏଠାରେ ଯାହା ସମ୍ପର୍କରେ ଚର୍ଚ୍ଚା କରୁଛୁ, ସେ ଜଣେ ତଳିଆ କର୍ମଚାରୀ ନୁହଁନ୍ତି, ବରଂ ଜଣେ ଏସପି ର୍‍ୟାଙ୍କ୍‌ର ଅଧିକାରୀ। ଯିଏ ନିଖୋଜ ହୋଇଯିବା ଚର୍ଚ୍ଚା ସାରା ଓଡ଼ିଶା ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିଲା। ଏପରିକି ଉକ୍ତ ଏସ୍‌ପିଙ୍କ ପତ୍ନୀ ମଧ ନିଖୋଜ ସମ୍ପର୍କରେ ଡିଆଇଜିଙ୍କୁ ଜଣାଇଥିଲେ। ଡିଆଇଜି ତୁରନ୍ତ ଡିଜି ଅଫିସରେ ଏସପି ନିଖୋଜ ଖବର ପହଞ୍ଚାଇଥିଲେ।

**୩ ଘଣ୍ଟା ପାଇଁ ଏସପି ନିଖୋଜ!**

**ଏସି ରୁମ୍ ଛାଡ଼ି ପ୍ରାକୃତିକ ପବନରେ ପ୍ରେମ**

ପୁଲିସ ବିଭାଗର ଜଣେ ଜିଲ୍ଲା ମୁଖ୍ୟ କୁଆଡେ ନିଖୋଜ ହୋଇଗଲେ, ତାକୁ ନେଇ ଆରମ୍ଭ ହୋଇଥିଲା ଛାନଭିନ୍। ଏସପିଙ୍କ ଡ୍ରାଇଭର ଓ ପିଏସଓ ମଧ କିଛି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଏସପିଙ୍କ କଲ ରେକର୍ଡ, ଲାଷ୍ଟ କଲ ଯାଞ୍ଚ ପରେ ମଧ କିଛି ଖବର ହସ୍ତଗତ ହୋଇପାରିନଥିଲା। ତେଣୁ ଏକ ସୀମାନ୍ତ ଜିଲ୍ଲାରେ କାର୍ଯ୍ୟରତ ଏହି ଯୁବ ଆଇପିଏସ ଜଣଙ୍କ ରାଜ୍ୟ ଛାଡି କେଉଁଆଡ଼େ ଚାଲିଯାଇଥିବା ସନ୍ଦେହ କରାଯାଇଥିଲା। ତେବେ ସ୍ପେଶାଲ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସମୟରେ ଏକ ନିକାଞ୍ଚନ ଜଙ୍ଗଲ ଭିତରକୁ ସମ୍ପୃକ୍ତ ଏସପି ଜଣେ ମହିଳାଙ୍କ ସହ ସିଭିଲ ଡ୍ରେସରେ ଯାଇଥିବା ଜନୈକ ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଥିଲେ। ତାଙ୍କ କଥା ମୁତାବକ ଜଙ୍ଗଲ ଭିତରକୁ ପ୍ରାୟ ୫ ଶହ ମିଟର ଯିବା ପରେ ସ୍ପେଶାଲ ଟିମ ଏକ ପରିତ୍ୟକ୍ତ ଘରୁ ସାହେବଙ୍କୁ ଅସଂଜତ ଅବସ୍ଥାରେ ଠାବ କରିଥିଲା। ସେତେବେଳେ ସାହେବଙ୍କ ସାଙ୍ଗରେ ଥିଲେ ଜଣେ ମହିଳା। ସେ ବି କେହି ସାଦାସିଧା ମହିଳା ନୁହଁନ୍ତି, ବରଂ ଜଣେ ଡିଏସପି। ତୁରନ୍ତ ଏ ସମ୍ପର୍କରେ ସମ୍ପୃକ୍ତ ଟିମ୍ ଡିଆଇଜିଙ୍କୁ ଖବର ଦେଇଥିଲା। ଏପରି ସ୍ଥିତିରେ ବାବୁ କରିବେ କ'ଣ ? ବିଭାଗ ଭିତରର କଥା। ଅଜାଗା ଘା, ନା ଦେଖେଇ ହେଉଛି ନା ଦେଖି ହେଉଛି। ମିଳିଥିବା ସୂଚନାନୁସାରେ, ବାବୁଙ୍କର ଟିକେ ରୋମାଣ୍ଟିକ ମୁଡ୍ କୁଆଡୁ ପୂର୍ବରୁ ଅଛି। ହେଲେ ଆଜି ଯାଏଁ ଗୋଟିଏ କଥାକୁ ନେଇ ପୂରା ପୁଲିସ ବିଭାଗରେ ଚର୍ଚ୍ଚା। ରାଜମହଲ ଭଳି ସରକାରୀ ବାସଭବନ। ତା'ଛଡ଼ା ରାଜକୀୟ ସର୍କିଟ ହାଉସ ଓ ପୁଲିସ ଗେଷ୍ଟ ହାଉସ୍ ଥାଉ ଥାଉ ବାବୁ ଏ ଜଙ୍ଗଲକୁ କାହିଁକି ପସନ୍ଦ କଲେ? ଆଉ କିଛି ତାଙ୍କ ନିଜ ଲୋକଙ୍କ କହିବା କଥା, ବାବୁ କୁଆଡେ ପ୍ରକୃତିପ୍ରେମୀ। ଯୋଉ ମଜା ଲୁଚି ଲୁଚି କିଆ ବୁଦା ମୂଳେ ପ୍ରେମ କରିବାରେ ଅଛି, ସେ ମଜା କ'ଣ ଏସି ରୁମରେ ମିଳିବ! ବୋଧହୁଏ ବାବୁ ଏଇୟା ଚିନ୍ତା କରି କିଆ ବୁଦା ତଳେ ଡିଏସ୍‌ପିଙ୍କ ସହ ପ୍ରେମ ପସରା ଖୋଲିଦେଇଥିଲେ। କିନ୍ତୁ ସେଠାରେ ସ୍ପେଶାଲ୍ ଟିମ୍ ପହଞ୍ଚି ସବୁ ପାଣିଚିଆ କରିଦେଲା। ଏବେ ବାବୁଙ୍କ ପ୍ରେମ ଦାଣ୍ଡରେ ପଡ଼ି ହାଟରେ ଗଡୁଛି।

**ଏଗ୍ରିଟେକ୍ ଇନୋଭେସନ ହବ୍ ଲୋକାର୍ପିତ**

# କୃଷି ଅର୍ଥନୀତିକୁ ଦେବ ନୂଆ ଦିଗ: ଧର୍ମେନ୍ଦ୍ର



ମିରଟ,୮।୭: ବିଶ୍ୱ ଖାଦ୍ୟ ସଙ୍କଟ ଏବଂ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜ ମଧରେ ରାସାୟନିକ ମୁକ୍ତ, ଜୈବିକ କୃଷି ଆପଣାଇବା ଓ ପ୍ରଯୁକ୍ତିବିଦ୍ୟାକୁ କ୍ଷେତରୁ ବଜାର ପର୍ଯ୍ୟନ୍ତ ପହଞ୍ଚାଇବା ସାମ୍ପ୍ରତିକ ସମୟର ଆବଶ୍ୟକତା। ମିରଟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ନିଶ୍ଚିତ ଭାବେ ଦେଶର କୃଷି ଅର୍ଥନୀତିକୁ ନୂତନ ଦିଗ ଓ ଗତି ପ୍ରଦାନ କରିବ ବୋଲି ଆଜି ଏହାର ଲୋକାର୍ପଣ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଆଜି ମିରଟର ସର୍ଦ୍ଦାର ବଲ୍ଲଭଭାଇ ପଟେଲ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରେ ଆଇଆଇଟି ରୋପାର୍ ଦ୍ୱାରା ପରିଚାଳିତ ଏଗ୍ରିଟେକ୍ ଇନୋଭେସନ ହବ୍‌ର ଉଦଘାଟନ କରିଛନ୍ତି। ସେ କହିଛନ୍ତି ଯେ ବିକଶିତ ଗ୍ରାମ ଓ ଚାଷୀଙ୍କ ସମୃଦ୍ଧି ବିନା ବିକଶିତ ଭାରତର କଳ୍ପନା ଅସମ୍ଭବ। ଆଜିର କାର୍ଯ୍ୟକ୍ରମ ଦେ ଦିଗରେ ଏକ ଐତିହାସିକ ପଦକ୍ଷେପ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସାରା ଦେଶରେ ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରାଯାଉଛି। ଏହି କ୍ରମରେ ଗତ କେନ୍ଦ୍ର ବଜେଟରେ 'ସେଣ୍ଟର ଫର ଏକ୍ସିଲେନ୍ସ' ଘୋଷଣା କରାଯାଇଥିଲା। ଏଆଇ, ମେସିନ୍ ଲର୍ଣ୍ଣିଂ ଓ ଡାଟା ଆନାଲିଟିକ୍ସ ଭଳି ଅତ୍ୟାଧୁନିକ ଟେକ୍ନୋଲୋଜିର ଲାଭ ଭାରତର ଚାଷଜମି ପର୍ଯ୍ୟନ୍ତ ପହଞ୍ଚାଇବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଥିଲା। ସେହି ଆଧାରରେ ଆଇଆଇଟି ରୋପାରକୁ 'କୃଷିରେ ଏଆଇ' ଉପରେ କାମ କରିବା ଦାୟିତ୍ୱ ଦିଆଯାଇଥିଲା। ଆଜି ଲୋକାର୍ପିତ ଏଗ୍ରିଟେକ୍ ଇନୋଭେସନ୍ ହବ୍ ତା'ର ପ୍ରତିଫଳନ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚାଷ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। ଆମର ସେବା କ୍ଷେତ୍ର ହୁଏତ ବିଶ୍ୱ ➪ପୃଷ୍ଠା-୬

**ପ୍ରଯୁକ୍ତିବିଦ୍ୟା ଆଧାରିତ କୃଷି ଉଦ୍ଭାବନକୁ ପ୍ରୋତ୍ସାହିତ କରାଯାଉଛି**



## କାନ ଡେରିଥା

ସୁନାଦର ଏବେ ବଢ଼ି ଚାଲୁଅଛି
ବେପାରୀ ଟା ହୁଏ ଧନୀ
ଗରୀବ ବିଚରା ଝିଅ ଜନ୍ମ କରି
କାନ୍ଦେ ବାହୁନି ବାହୁନି
ଦୋକାନ ଆଡେ ଯାଆନି...
ପ୍ରଭୁ ଭରସାରେ ଝିଅ କୁ ରଖିଛି
ଘୋଡାଇ ପଣତ କାନି।

■ ଦେବାଶିଷ

# ଓଏଏସ ସଂଘ ଆନ୍ଦୋଳନ ପଛରେ ପୂର୍ବତନ ପ୍ରଶାସକ!

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ନବୀନ ନିବାସ ଇଙ୍ଗିତରେ ଓଏଏସ ସଂଘ ଦେଇଥିବା ସମୂହ ଛୁଟି ଆନ୍ଦୋଳନ ପଛରେ ଜଣେ ଅବସରପ୍ରାପ୍ତ ପ୍ରଶାସକଙ୍କ ପ୍ରଚ୍ଛନ୍ନ ହାତ ଥିବା ସ୍ପଷ୍ଟ ହେବାରେ ଲାଗିଛି। ଏହି ପ୍ରଶାସକ ଜଣଙ୍କ ବିଜେଡି ସରକାରରେ ମନମୁତାବକ ପୋଷ୍ଟିଂ ନେବା ସହ ସଂଘର ସଭାପତି ଭାବେ ମଧ୍ୟ ବେଶ କିଛି ଦିନ ଦାୟିତ୍ୱ ସମ୍ଭାଳିଥିଲେ। ଅବସର ବେଳକୁ ସେ କୌଣସି ଏକ କମିଶନରେ ଥଇଥାନ ହେବେ ବୋଲି ଜୋରସୋରରେ ଲବି କରିଥିଲେ। କିନ୍ତୁ ତାଙ୍କ ବିଜେଡି ଲିଙ୍କ ଧରାପଡ଼ିଯିବାରୁ ତାଙ୍କୁ ଥଇଥାନ କରିନଥିଲେ ମୁଖ୍ୟମନ୍ତ୍ରୀ। ଯେଉଁଥିପାଇଁ ସେ ସଂଘର ବର୍ତ୍ତମାନ ନେତାଙ୍କୁ ଆନ୍ଦୋଳନ ପାଇଁ ଉସକାଇଥିଲେ ଏବଂ ସେ ଥିଲେ ନବୀନ ନିବାସ ସହ ଅନ୍ୟତମ ଲିଙ୍କ ବୋଲି ଚର୍ଚ୍ଚା ହେଉଛି।

ଓଏଏସ ଅଫିସରଙ୍କ ଆନ୍ଦୋଳନ ଆଗରେ ସରକାର ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ମୁଣ୍ଡ ନୁଆଁଇବା ସହ ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ ମଧ୍ୟ ସରକାର ଓ ଦଳର ସମ୍ମାନ ରକ୍ଷା କରିବାକୁ ଆତ୍ମସମର୍ପଣ କରିଥିଲେ। ହେଲେ ଏବେ ସରକାର ବିଜେଡି ଲିଙ୍କରେ ରହି ସରକାରଙ୍କୁ ଅଡୁଆରେ ପକାଇଥିବା ସଂଘ ନେତାଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ

**ନବୀନ ନିବାସ ଓ ସଂଘ ମଧରେ ରଖୁଥିଲେ ଯୋଗସୂତ୍ର**

ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନର ପ୍ରକ୍ରିୟା ଆରମ୍ଭ କଲେ ଏଥିରେ କିଛି କନିଷ୍ଠ ଅଫିସର ଓ ଆନ୍ଦୋଳନ ସପକ୍ଷରେ ନଥିବା ଅଫିସର ବି ପ୍ରଭାବିତ ହେବାର ଆଶଙ୍କା ରହିଛି।

ସରକାର କାର୍ଯ୍ୟାନୁଷ୍ଠାନ ଦିଗରେ ପ୍ରସ୍ତୁତି ଆରମ୍ଭ କରିବା ପରେ ଏବେ ସଂଘ ଫାଳ ଫାଳ ହେବା ଆରମ୍ଭ କରିଦେଇଛି। କାରଣ ସଂଘର ନେତା ହୋଇ ସବୁବେଳେ ଲାଭରେ ରହୁଥିବା ଅଫିସରମାନେ ଯେତିକି ରୋଷର ଶିକାର ହେବେ ଯେଉଁମାନେ ଆନ୍ଦୋଳନ ସପକ୍ଷରେ ନଥିଲେ ସେମାନେ ମଧ୍ୟ ସରକାରଙ୍କ ରୋଷରେ ବଳି ପଡ଼ିବେ। ଏ ଦୃଷ୍ଟିରୁ କିଛି ସଂଘର କର୍ମକର୍ତ୍ତା ଆନ୍ଦୋଳନ ପଛର ଗୁମର ଖୋଲିବା ଆରମ୍ଭ କରିଦେଇଛନ୍ତି। ଯେଉଁଦିନ ସଂଘ ଆନ୍ଦୋଳନର ଧମକ ଦେଲା, ସେବେଠାରୁ ନବୀନ ନିବାସ ହସ୍ତକ୍ଷେପରୁ ଆରମ୍ଭ କରି କେଉଁ କେଉଁ ଅଫିସର ଓ ଅବସରପ୍ରାପ୍ତ ଅଫିସର ଏହି ଯୋଗସୂତ୍ରର ମାଧ୍ୟମ ପାଲଟିଥିଲେ, ତା'ର ଖାତା ଖୋଲିଛନ୍ତି।

ପୂର୍ବରୁ ନବୀନ ନିବାସର ଏକାନ୍ତ ଅନୁଗତ ଥିବା ରବୀନ୍ଦ୍ର ସେଠୀଙ୍କଠାରୁ ଆରମ୍ଭ କରି ଜଣେ ପୂର୍ବତନ ପ୍ରଶାସକ ଏହି ଆନ୍ଦୋଳନ ପାଇଁ ➪ପୃଷ୍ଠା-୬





## ରିଘାଗଡ଼ ବଳଦେବଜୀଉଙ୍କ ନୀଳାଦ୍ରିବିଜେ ଉତ୍ସବ

**ରାଜନଗର,୮।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନକୁ ସଂଯୋଗ କରୁଥିବା ମୁଖ୍ୟ ସଡକ ପଥ ପାର୍ଶ୍ୱବର୍ତୀ ଈଶ୍ୱରପୁର ପଞ୍ଚାୟତ ରିଘାଗଡ଼ ଗ୍ରାମର ବହୁ ପୁରାତନ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ନୀଳାଦ୍ରି ବିଜେ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଏଠାରେ ରଥ ଟଣା ହୁଏ ନାହିଁ, ନିଆରା ଢଙ୍ଗରେ ଶ୍ରୀ ବଳଦେବଜୀଉ, ଶ୍ରୀ ଜଗନ୍ନାଥ, ମା ସୁଭଦ୍ରାଙ୍କୁ ରତ୍ନ ସିଂହାସନ ତଳକୁ ମୁରୁଜ ରଥରେ ବିଜେ କରିବା ପରେ ରଥଯାତ୍ରା ଅନୁଷ୍ଠିତ ହୋଇଥାଏ। ଆଜି ମହାପ୍ରଭୁଙ୍କ ନୀଳାଦ୍ରି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କନିକା ରାଣୀ ମୃଣାଳିନୀ ଦେବୀ ଯୋଗଦେଇ ମହାବାହୁଙ୍କ ଦର୍ଶନ କରିଥିଲେ। ବଡ଼ପଣ୍ଡା ଡମ୍ବରୁଧର ପାଢ଼ୀ, ରଂଜନ ମିଶ୍ର, ହୃଷିକେଶ ପଣ୍ଡା, ବାଇଧର ଦାଶ ପ୍ରମୁଖ ନୀତିକାନ୍ତିରେ ସାମିଲ ହୋଇଥିଲେ। ଏହି ଉତ୍ସବରେ ଆଖପାଖ ଗ୍ରାମରୁ ଶ୍ରଦ୍ଧାଳୁ ମାନେ ଯୋଗ ଦେଇ ଠାକୁରଙ୍କ ଦିବ୍ୟ ଦର୍ଶନ କରିଥିଲେ।

# ରଥ ଉପରେ ଶ୍ରୀଜୀଉମାନଙ୍କ ଶ୍ରୀରଘୁନାଥ ବେଶ

## ମହାପ୍ରଭୁଙ୍କ ଅପୂର୍ବ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼



**କେନ୍ଦ୍ରାପଡ଼ା,୮।୭ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ସଂପନ୍ନ ହେଇଛି । ମଙ୍ଗଳବାର ଶ୍ରୀଜୀଉ ମାନଙ୍କ ଦୁର୍ଲ୍ଲଭ ଶ୍ରୀ ରଘୁନାଥ ବେଶ ହେବାପରେ ବିଳମ୍ବିତ ରାତିରେ ମୁଖ୍ୟ ମନ୍ଦିରକୁ ଶ୍ରୀ ବଳଦେବଜୀଉ ସାନଭାଇ ଶ୍ରୀ ଜଗନ୍ନାଥ ଓ ଭଉଣୀ ସୁଭଦ୍ରା ପହଣ୍ଡି ବିଜେ କରି ମନ୍ଦିର ପ୍ରବେଶ କରିଥିବା ଜଣାପଡିଛି। ଗତକାଲି ସଂନ୍ଧ୍ୟା ସୁଦ୍ଧା ବ୍ରହ୍ମ ତାଳଧ୍ୱଜ ରଥ ମୁଖ୍ୟ ମନ୍ଦିର ଚକଡାରେ ଲାଗିବା ପରେ ରଥ ଉପରେ ଦିଅଁ ମାନଙ୍କ ସମସ୍ତ ନୀତିକାନ୍ତି କରାଯାଇଥିଲା । ମଙ୍ଗଳବାର ରଥ ଉପରେ ଦିଅଁ ମାନଙ୍କ ନିତ୍ୟ ପୂଜା ବିଧି ଅନୁଷ୍ଠିତ ହେବାପରେ ଦିବା ୧୦ ଘଟିକା ସମୟରେ ଶ୍ରୀ ରଘୁନାଥ ବେଶ ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଥିଲା। ରୂପାର କିରିଟ କୁଣ୍ଡଳ, ଧନୁତୀର ସହ ସମସ୍ତ ପ୍ରକାର ଅଳଙ୍କାର ଦିଅଁ ମାନଙ୍କୁ ସଜ୍ଜିତ କରାଯାଇ ଅପରାହ୍ନ ପ୍ରାୟ ୨ଟା ସମୟରେ ଦର୍ଶନାର୍ଥୀଙ୍କ ଦର୍ଶନ ପାଇଁ ଦିଅଁ ମାନଙ୍କୁ ସଜ୍ଜିତ କରାଯାଇ ଥିଲା।

ଏହି ବେଶ ଦେଖିବା ପାଇଁ କେନ୍ଦ୍ରାପଡା ସହର ସମେତ ଆଖପାଖ ଗ୍ରାମ ଏବଂ ଦୂର ଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ରଥଡାଣ୍ଡରେ ସମବେତ ହୋଇଥିଲେ । ରାତି ୭ଟା ସୁଦ୍ଧା ଏହି ବେଶ ସର୍ବସାଧାରଣଙ୍କ ଦର୍ଶନ ପାଇଁ ରଖାଯିବା ପରେ ବେଶ ଉଲାଗି କରାଯାଇ ପଣା ଭୋଗ ଲାଗି କରାଯାଇଥିଲା। ଏହାସହ ସଂନ୍ଧ୍ୟା ଆଳତୀ କରାଯାଇ ପହଣ୍ଡି ବିଜେ ପାଇଁ ଦିଅଁ ମାନଙ୍କୁ ସେନାପଟା କରାଯିବା ସହ ପହଣ୍ଡିର ସମସ୍ତ ଆୟୋଜନ ପ୍ରସ୍ତୁତ କରାଯାଇଥିଲା । ତେବେ ବିଳମ୍ବିତ ରାତିରେ ଧାଡି ପହଣ୍ଡିରେ ଦିଅଁ ମାନେ ମନ୍ଦିର ପ୍ରବେଶ କରି ସିଂହାସନ ଆରୂଢ଼ ହୋଇଥିଲେ । ସେଠାରେ ମହାସ୍ନାନ କରାଯାଇ ଦୈନନ୍ଦିନ ନୀତି ସଂପନ୍ନ କରାଯିବା ସହ ବଡସିଂହାର ବେଶ କରାଯାଇ ଥିବା ଜଣାପଡିଛି । ପହଣ୍ଡି ଦର୍ଶନ କରିବାକୁ ଅସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ପାଇଁ ଟାଉନ ଥାନା ଅଧିକାରୀ ଦିଲିପ ସାହୁ ନିଜେ ଉପସ୍ଥିତ ରହି ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଭିଡ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଦିଅଁ ମାନଙ୍କୁ ଲାଗି କରାଯାଇ ଥିବା ପଣା ଭୋଗ ବଣ୍ଟନ କରାଯାଇଥିବା ଜଣାପଡିଛି ।

### ମାର୍ଶାଘାଇରେ ମାଙ୍କଡ଼ ଆତଙ୍କ

## ମାଙ୍କଡ଼ କାମୁଡ଼ାରେ ଜଣେ ଆହତ

**ମାର୍ଶାଘାଇ,୮।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଗ୍ରାମରେ କିଛି ଦିନ ହେବ ମାଙ୍କଡ଼ମାନଙ୍କ ଆତଙ୍କ ବଢ଼ିଚାଲିଛି । ଘରର ଛାତ ଉପରେ ଛକି ବସି ଘରର କବାଟ ଖୋଲିବା ମାତ୍ରେ ଘରେ ପଶିଯାଉଛନ୍ତି । ମାର୍ଶାଘାଇ ବଜାର ନିକଟସ୍ଥ ଗାଁ ମାର୍ଶାଘାଇ ଗ୍ରାମରେ ସୋମବାର ଅପରାହ୍ନରେ ରୁପାକର ପ୍ରଧାନ(୬୨) ତାଙ୍କ ଘରର ଛାତ ଉପରେ ଶୁଖାଯାଇଥିବା ଲୁଗାପଟାକୁ ଆଣିବାକୁ ଛାତ ଉପରକୁ ଯାଇଥିବା ବେଳେ ମାଙ୍କଡ଼ କାମୁଡ଼ାର ଶିକାର ହୋଇଛନ୍ତି । ସିଡ଼ି



ଘର କବାଟ ଖୋଲିବା ପରେ ଛାତ ଉପରେ ୫/୬ ଟି ମାଙ୍କଡ଼ ବସିଥିବା ଦେଖି ଭୟରେ ଫେରି ଆସି କବାଟ ବନ୍ଦ କରିବାକୁ ଚେଷ୍ଟା କରୁଥିବା ବେଳେ ଏକ ମାଙ୍କଡ଼ ତାଙ୍କ ଗୋଡ଼କୁ ଖୁବ ଜୋରରେ କାମୁଡି ଧରି କ୍ଷତାକ୍ତ କରିଛି ବୋଲି ଗ୍ରାମର ଯୁବକର୍ମୀ ବଳଭଦ୍ର ଦାସ ସୂଚନା ଦେଇଛନ୍ତି । ଆହତ ରୁପାକରଙ୍କୁ ଉଦ୍ଧାର କରି ମାର୍ଶାଘାଇ ମେଡ଼ିକାଲରେ ଚିକିତ୍ସା କରାଯାଇଥିଲା । ଖାଦ୍ୟ ଅନ୍ୱେଷଣରେ ମାଙ୍କଡ଼ ଗୁଡିକ ଏବେ ପଲ ପଲ ହୋଇ ଘରକୁ ଘର ଡେଇଁ ବୁଲୁଛନ୍ତି । ଖାଦ୍ୟପାଇଁ ଘର ଭିତରକୁ ମଧ ପସିଯାଉଥିବେ । ବନବିଭାଗକୁ ଖବର ମିଳିଲେ କର୍ମଚାରୀମାନେ ଯାଇ ମାଙ୍କଡ଼ମାନଙ୍କୁ ଘଉଡ଼େଇଦେଇ ଆସିବେ ବୋଲି ମାର୍ଶାଘାଇ ବନପାଳ ସୁଜିତ କୁମାର ଜେନା କହିଛନ୍ତି ।

## ଷ୍ଟେଟବ୍ୟାଙ୍କ ମୁଖ୍ୟ ପରିଚାଳକଙ୍କୁ ସ୍ୱାଗତ



**କେନ୍ଦ୍ରାପଡ଼ା,୮।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ନୂତନ ମୁଖ୍ୟ ପରିଚାଳକ ଅର୍କଜ୍ୟୋତି ଭଟାଚାର୍ଯ୍ୟଙ୍କୁ ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଷ୍ଟେଟବ୍ୟାଙ୍କ ପେନସନରର୍ସ ସଙ୍ଘ ଓଡିଶା ସର୍କଲର ଆଳିକ ସମ୍ପାଦକ ଗଣେଶ୍ୱର ମେକାପ, ଜିଲ୍ଲା ସମ୍ପାଦକ ଉଦୟନାଥ ସାହୁ, ହରିପଦ ପଣ୍ଡା, ଶରତ କୁମାର ମୁଦୁଲି ଓ ମାଧବାନନ୍ଦ ମହାପାତ୍ର ଏବଂ ଷ୍ଟେଟବ୍ୟାଙ୍କ କର୍ମଚାରୀ ସଙ୍ଘ କେନ୍ଦ୍ରାପଡା ଶାଖାର ସମ୍ପାଦକ ରାକେଶ କୁମାର ପରିଡା ପ୍ରମୁଖ ମୁଖ୍ୟ ପରିଚାଳକ ଶ୍ରୀ ଭଟାଚାର୍ଯ୍ୟଙ୍କୁ ଉରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ଅଠରବାଟିଆରେ ହରିଣଙ୍କ ପାଇଁ ଚିନ୍ତାରେ ଚାଷୀ

**ପଟ୍ଟାମୁଣ୍ଡାଇ,୮।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଂଚାୟତ ଅନ୍ତର୍ଗତ ଅଠରବାଟିଆ ଗ୍ରାମରେ ଏକ ହରିଣ ଉତ୍ପାତ କରୁଥିବା ଖବର ମିଳିଛି । ଏହି ହରିଣ ଧାନ ବିଲରେ ରେ ପଶି ପଡିଥିବା ତଳିକୁ ଖାଇବା ସହିତ ଧାନ ବିଲକୁ ଘାଣ୍ଟି ପକାଉଛି । ହରିଣମାନେ ଅଠରବାଟିଆ ସ୍କୁଲ ପଛ ପାଖ ବିଲରେ ତଳି ପକାଇଥିବା ଶ୍ରୀଧର ନାୟକ , ଅନନ୍ତ ନାୟକ ରବିନ୍ଦ୍ର ମଳିକଙ୍କ ବିଲରେ ପଶି ନଷ୍ଟ କରିଥିବା ଜଣା ପଡିଛି । ବନ ବିଭାଗ ପକ୍ଷରୁ ଏକ ୫ ଜଣିଆ ଟିମ ହରିଣ ଧରିବାକୁ ଆସି ବିଫଳ ହୋଇ ଫେରି ଯାଇଥିବା ଖବର ମିଳିଛି । ଚାଷୀ ଙ୍କ ଫସଲକୁ ସୁରକ୍ଷା ଦେବା ପାଇଁ ବିନ ବିଭାଗ ପକ୍ଷରୁ ତରୁନ୍ତ ହରିଣମାନଙ୍କୁ ଧରିବାକୁ ନରସିଂହପୁର ସରପଂଚ ଦିପ୍ତୀମୟୀ ପରିଡା ଦାବୀ କରିଛନ୍ତି ।

## ୭ଦଫା ଦାବି ନେଇ ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

**କେନ୍ଦ୍ରାପଡ଼ା,୮।୭ (ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ମହାସଙ୍ଘ ଡାକରାରେ ଆଜି ଜିଲ୍ଲା ଡ୍ରାଇଭର ସଙ୍ଘ ପକ୍ଷରୁ ଜିଲ୍ଲା ସଭାପତି ରଞ୍ଜନ ସାହୁଙ୍କ ନେତୃତ୍ୱରେ ମିଳିତ ୭ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦୁହୁରିଆ ଠାରେ ଶତାଧିକ କର୍ମକର୍ତ୍ତାମାନେ ଧାରଣା ବସିଛନ୍ତି। ଦୀର୍ଘ ବର୍ଷରୁ ଡ୍ରାଇଭରମାନେ ଦାବି ଗୁଡିକ ପୂରଣ ହୋଇପାରୁନାହିଁ ଯାହାର ବିରୋଧ କରି ଆଜି ରାଜ୍ୟ ଡ୍ରାଇଭର ମହାସଂଘ ଡାକରାରେ ଏହି ଧାରଣା ଅନୁଷ୍ଠିତ ହୋଇଛି। ପୂର୍ବ ସରକାର ଡ୍ରାଇଭର ମାନଙ୍କୁ ଯେଉଁ ପ୍ରତିଶୃତି ଦେଇଥିଲେ ସେମାନଙ୍କ ମୌଳିକ ଅଧିକାର ଗୁଡିକ ପୂରଣ ହେବ କିନ୍ତୁ ତାହା ପୂରଣ କଲେ ନାହିଁ। ତାହାକୁ ବିରୋଧ କରି ଆଜି ଡ୍ରାଇଭରମାନେ ରାଜ ରାସ୍ତାକୁ ଓହ୍ଲାଇ ମୋହନ ସରକାରଙ୍କ ପାଖରେ ଦାବି କରିଛନ୍ତି।



ଉକ୍ତ ଦାବି ଗୁଡ଼ିକ ମଧରେ ଗାଡ଼ି ଚାଳକଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ଅଣାଯାଉ। ୬୦ ବର୍ଷ ବୟସ ପରେ ଡ୍ରାଇଭରଙ୍କୁ ପେନସନ ଦିଆଯାଉ। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଓ ୱାର୍କର୍ସ ୱେଲଫେୟାର ବୋର୍ଡରେ ଅଟୋ ଚାଳକଙ୍କୁ ସାମିଲ କରାଯାଉ। ଗାଡ଼ି ପାର୍କିଂ ଓ ଚାଳକଙ୍କ ବିଶ୍ରାମ ପାଇଁ ପ୍ରତି ୧୦୦ କିମି. ବ୍ୟବଧାନରେ ପାର୍କିଂସ୍ଥଳୀ ସହ ବିଶ୍ରାମଗୃହ କରାଯାଉ। ଓଡ଼ିଶାର ଖଣି ଖାଦାନରେ ଓଡ଼ିଶାର ୭୦ ପ୍ରତିଶତ ଚାଳକଙ୍କୁ କାମ କରିବାକୁ ସୁଯୋଗ ମିଳୁ। ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି ଦାବି ରଖିଛନ୍ତି।

ଯଦି ମୋହନ ସରକାର ରାଜ୍ୟ ଡ୍ରାଇଭର ସଙ୍ଘ ଦାବି ଗୁଡ଼ିକୁ କର୍ଣ୍ଣପାତ ନକରନ୍ତି ତେବେ ଏହି ଧାରଣା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରିରହିବ ବୋଲି ଡ୍ରାଇଭର ସଙ୍ଘ ଜିଲ୍ଲା ସଭାପତି ଚେତାବନୀ ଦେଇଛନ୍ତି।

## କେନାଲରେ ଭାସିଯାଇ ଛାତ୍ରଙ୍କ ମୃତ୍ୟୁ



**ଆଳି,୮।୭ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଅଞ୍ଚଳରେ ଜଣେ ୭ ବର୍ଷର ଛାତ୍ର ସ୍କୁଲରୁ ଫେରୁ ଥିବା ବେଳେ କେନାଲରେ ବୁଡି ମୃତ୍ୟୁବରଣ କରିଥିବା ଜଣାପଡିଛି । ଏହି ଘଟଣା ସମଗ୍ର ପଂଚାୟତରେ ଶୋକର ବାତାବରଣ ଖେଳାଇ ଦେଇଛି। ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଅଭିମନ୍ୟୁ ବାରିକଙ୍କ ପୁଅ ମାନସ ବାରିକ(୭ବର୍ଷ)ସ୍ଥାନୀୟ ଶିଶୁମନ୍ଦିରରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିଲେ । ମଙ୍ଗଳବାର ସ୍କୁଲ ଛୁଟି ହେବା ପରେ ସେ ଘରକୁ ଫେରୁଥିଲେ। ଘରକୁ ଫେରିବା ବେଳେ ଗୋବିନ୍ଦପୁର-ଜୁଆଣିଆ କେନାଲ ପାର ହେବା ସମୟରେ ଶିଶୁଟି ସାଇକେଲ ସହିତ କେନାଲକୁ ଖସି ପଡ଼ିଥିଲେ। କେନାଲ ମଧରେ ଶିଶୁଟି ଭାସିଯିବା ପରେ ଗ୍ରାମବାସୀ ଖୋଜାଖୋଜି କରିବା ସହ ଆଳି ଦମକଳ ବାହିନୀ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲା। କେନାଲ ମଧରୁ ଶିଶୁଟିର ସାଇକେଲ ଉଦ୍ଧାର ହୋଇଥିବା ବେଳେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ଶିଶୁକୁ ସେହି କେନାଲ ମଧରୁ ଉଦ୍ଧାର କରାଯାଇ ଆଳି ମେଡିକାଲକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ ।

## ଆଦର୍ଶ ଥାନାକୁ ଫେରିଲା ଡିହାପଡ଼ା ଓ ନରସିଂହପୁର ପଞ୍ଚାୟତ

**ପଟ୍ଟାମୁଣ୍ଡାଇ,୮।୭ (ସଂଚାର ବ୍ୟୁରୋ):** ବିଧାୟକ ଗଣେଶ୍ୱର ବେହେରାଙ୍କୁ ଧନ୍ୟବାଦ। ତାଙ୍କ ଉଦ୍ୟମ ଫଳରେ ଆଜି ଦୁଇ ପଞ୍ଚାୟତ ନରସିଂହପୁର ଓ ଡିହାପଡା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଫେରିଛି । ପ୍ରକାଶ ଥାଉକି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକର ସମସ୍ୟା ବହୁଳ ପଂଚାୟତ ଭାବେ ଜଣାଶୁଣା ନରସିଂହପୁର ଓ ଡିହାପଡା ପଂଚାୟତବାସୀଙ୍କ ଦୀର୍ଘ ଦିନର ଦାବୀ ଆଜି ପୂରଣ ହୋଇଛି । ଏହି ଦୁଇଟି ପଂଚାୟତ ପୂର୍ବରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଥିଲା । ମାତ୍ର ନୂତନ ଗ୍ରାମାଞ୍ଚଳ ଥାନା ପ୍ରତିଷ୍ଠା ପରେ ଏହି ଦୁଇ ପଂଚାୟତକୁ ଆଦର୍ଶ ଥାନାରୁ ନେଇ ଗ୍ରାମାଞ୍ଚଳ ଥାନାରେ ସାମିଲ କରାଗଲା । ନରସିଂହପୁର ଓ ଡିହାପଡା ପଂଚାୟତ ଠାରୁ ଗ୍ରାମାଞ୍ଚଳ ଥାନା ପ୍ରାୟ ୨୫କିମି ଦୂରରେ ଅବସ୍ଥିତ ହୋଇଥିବାରୁ ସ୍ଥାନୀୟ ଜନସାଧାରଣ ବିଭିନ୍ନ କାର୍ଯ୍ୟ ପାଇଁ ଥାନାକୁ ଯିବା ପାଇଁ ନାହିଁ ନଥିବା ଦୁର୍ଦଶା ଭୋଗ କରିଆସୁଥିଲେ । କୌଣସି ଅପରାଧ ଘଟିଲେ ପୋଲିସ ତତକ୍ଷଣାତ ଘଟଣାସ୍ଥଳରେ ପହଂଚି ନପାରିବାରୁ ଅପରାଧୀ ଖସି ଯିବା ସହିତ ଜନସାଧାରଣ ନ୍ୟାୟ ପାଇବାରୁ ବଂଚିତ ହେଉଥିଲେ। କେନ୍ଦ୍ରାପଡ଼ା ବିଧାୟକ ଭାବେ ବରିଷ୍ଠ ରାଜନେତା ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ନିର୍ବାଚିତ ହେବା ପରେ ଦୁଇ ପଞ୍ଚାୟତବାସୀ ଏହି ସମସ୍ୟା ତାଙ୍କ ଦୃଷ୍ଟିକୁ ଆଣିଥିଲେ। ଏହାପରେ ଶ୍ରୀ ବେହେରା ନରସିଂହପୁର ଓ ଡିହାପଡା

### ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ପଞ୍ଚାୟତବାସୀ

ପଂଚାୟତବାସୀଙ୍କ ସମୂହ ସ୍ୱାର୍ଥ ଓ ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ନରସିଂହପୁର ଓ ଡିହାପଡା ପଂଚାୟତକୁ ପୂର୍ବପରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ କରିବା ପାଇଁ ନୀରବଚ୍ଛିନ୍ନ ଉଦ୍ୟମ ଆରମ୍ଭ କରିଥିଲେ । ଏଥି ପାଇଁ ସେ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ସଚିବ ସତ୍ୟବ୍ରତ ସାହୁ, ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ରାଧାକିସାନ ଶର୍ମା, ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଭେଟି ତୁରନ୍ତ ନରସିଂହପୁର ଓ ଡିହାପଡା ପଂଚାୟତକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ କରିବା ପାଇଁ ଦାବୀ କରିଥିଲେ। ଏଥି ସହିତ ବିଧାୟକ ଶ୍ରୀବେହେରା ଗତ ତା ୨୪. ୩. ୨୦୨୫ ରିଖରେ ରାଜ୍ୟ ବିଧାନସଭାରେ ଅଣ ତାରକା ପ୍ରଶ୍ନ ସଂଖ୍ୟା ୪୫୪୫ରେ ଏହି ପ୍ରସଙ୍ଗ ଉତ୍ଥାପନ କରି ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଦାବୀ କରିଥିଲେ । ବିଧାୟକ ଶ୍ରୀବେହେରାଙ୍କ ନୀରବଚ୍ଛିନ୍ନ ଉଦ୍ୟମ ଫଳବତୀ ହୋଇଛି । ନରସିଂହପୁର ଓ ଡିହାପଡା ଆଦର୍ଶ ଥାନାରେ ସାମିଲ ପାଇଁ ସରକାରୀ ନିର୍ଦ୍ଦେଶନାମା ପ୍ରକାଶ ପାଇଛି । ଏଥି ପାଇଁ ବିଧାୟକ ଶ୍ରୀବେହେରା ରାଜ୍ୟ ସରକାର, ଗୃହ ସଚିବ, ସ୍ୱତନ୍ତ୍ର ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଅତିରିକ୍ତ ମହାନିର୍ଦ୍ଦେଶକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ନରସିଂହପୁର ଓ ଡିହାପଡା ପଂଚାୟତ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ସାମିଲ ହେବା ପରେ ସ୍ଥାନୀୟ ଅଂଚଳରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ନରସିଂହପୁର ଓ ଡିହାପଡାବାସୀ ବିଧାୟକ ଗଣେଶ୍ୱର ବେହେରାଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ରଥଯାତ୍ରାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସେବା କାର୍ଯ୍ୟ

**କେନ୍ଦ୍ରାପଡ଼ା,୮।୭ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡା ଜିଲ୍ଲା ତରଫରୁ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ରଥ ଟାଣିବା ଏବଂ ମହାପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ ସମୟରେ୧୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଓଆରଏସ ବଣ୍ଟନ, ଭିଡ ନିୟନ୍ତ୍ରଣ କରାଯିବା ସହିତ ମାନବଶୃଙ୍ଖଳ କରିଡ଼ର ମାଧ୍ୟମରେ ରଥକୁ ରାସ୍ତା କଢ଼ାଇବା ଏବଂ ଟ୍ରାଫିକ ପରିଚାଳନା ମଧ କରାଯାଇଛି । ଷ୍ଟୁଡେଣ୍ଟ୍ ଫର୍ ଡିପାର୍ଟମେଣ୍ଟ ମାଧ୍ୟମରେ ସଫେଇ କାର୍ଯ୍ୟ ଓ ବୃକ୍ଷ ରକ୍ଷା ନିମନ୍ତେ ଏକ ସଚେତନତା କାର୍ଯ୍ୟକମ ମଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାନ୍ତ ଏସଏଫଡି ସହ ସଂଯୋଜକ ଶଶି ପ୍ରସାଦ ମହାରଣା, ଜିଲ୍ଲା ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ, ନଗର ସଭାପତି ତ୍ରିଲୋଚନ ବାରିକ, ଜିଲ୍ଲା ସହ ସଂଯୋଜକ ଅଭିଜିତ ସାମଲ, ପୂର୍ଣ୍ଣିମା ଜେନା ଏବଂ ପୂର୍ବତନ ବିଭାଗ ସହ ସଂଯୋଜକ ସତ୍ୟରଞ୍ଜନ ନାୟକ ଏବଂ ବଳଦେବ ସେନା ସଭାପତି ପୂପୁନ ସ୍ୱାଇଁ ମଧ ଉପସ୍ଥିତ ଥିଲେ ।




## ବିସ୍ମୟୀ ଶିଶୁ ସାନଭି ବିରଳ ରେକର୍ଡର ଅଧିକାରିଣୀ

**ଆଳି,୮।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସହିରା ପଞ୍ଚାୟତର ସହିରା ଗ୍ରାମର ସାନଭି ରାଉଳଙ୍କ ବୟସ ମାତ୍ର ୨ବର୍ଷ ୪ମାସ ହେଲେ ଏକ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ଖନଖନ ପାଟିରେ କଥା କହୁଛି ହେଲେ ଯାହା ଶୁଣୁଛନ୍ତି ବା ଦେଖୁଛନ୍ତି ସେସବୁକୁ ସେ ମନ ରଖିଦେଉଛନ୍ତି। ସଂଖ୍ୟା ଗଣନାଠାରୁ ସଂସ୍କୃତର ଶ୍ଳୋକ ସବୁ ତତକ୍ଷଣାତ ଉତ୍ତର ଦେଇଦେଉଛନ୍ତି। ଏହି ଅବିଶ୍ୱସନୀୟ ପ୍ରତିଭାର ଅଧିକାରିଣୀ ସାନଭି ରାଉଳଙ୍କ ପାଇଁ ପିତା ସୌରବ ପ୍ରକାଶ ରାଉଳ ଏବଂ ମାତା ସୁପ୍ରଭା ମଞ୍ଜରୀ ବିଶ୍ୱାଳ ବେସ ଖୁସି ଅଛନ୍ତି। ଏହି ପ୍ରତିଭା ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇଛି। ବିରଳ ସ୍ମରଣ ଶକ୍ତି ପାଇଁ ଆଜି ସେ ରଚିଛନ୍ତି ରେକର୍ଡ।




ଏହି କୁନି ପ୍ରତିଭା ହେଉଛନ୍ତି ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ରାଉଳଙ୍କ ନାତୁଣୀ ଯିଏ ଇଂରାଜୀରେ ଜାତୀୟ ସଂକେତ, ବର୍ଣ୍ଣମାଳା, ସଂଖ୍ୟା ଗଣନା, ଇଂରାଜୀ ରାଇମ, ସଂସ୍କୃତ ଶ୍ଳୋକ, ୩ଟି ଟ୍ରାଫିକ ସିଗନାଲ ଏବଂ ତାହାର ଅର୍ଥ, ଫଳ ପନିପରିବା, ପଶୁପକ୍ଷୀଙ୍କ ନାମ ଓ ସେମାନଙ୍କୁ ଚିହ୍ନିବା, ସାତବାର, ବାରମାସ ଓ ଯାନବାହାନର ନାମ ଏବଂ ବିଭିନ ପ୍ରକାର ରଙ୍ଗର ନାମ ନିର୍ଭୁଲ ଭାବେ ଉଚ୍ଚାରଣ କରିପାରୁଛନ୍ତି। ଏସବୁର ପାରଦର୍ଶୀତା ପାଇଁ ତାଙ୍କୁ ଚଳିତ ୨୦୨୫ବର୍ଷ ପାଇଁ 'ଇଣ୍ଡିଆ ବୁକ ଅଫ ରେକର୍ଡ'ରେ ସ୍ଥାନ ମିଳିଛି। ଏଥିପାଇଁ ପରିବାର ସହ ଗ୍ରାମବାସୀ ମଧ ଗର୍ବ ଅନୁଭବ କରିବା ସହ ଶିଶୁଟିର ଭବିଷ୍ୟତ କିପରି ଉଜ୍ଜଳମୟ ହେବ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛନ୍ତି।

### ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ଜୟନ୍ତୀ ପାଳିତ

# ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା,୮।୭ (ସଂଚାର ବ୍ୟୁରୋ):** ଯଶସ୍ୱୀ ରାଜନେତା ଭାଗବତ ପ୍ରସାଦ ମହାନ୍ତିଙ୍କ ୯୭ତମ ଜୟନ୍ତୀ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ସଭାଗୃହରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଭାଗବତ ବାବୁଙ୍କ ଜୀବନୀ ଏକ ସାଲିସ ବିହିନ ସଂଗ୍ରାମ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ସଂପ୍ରତି ବିପନ୍ନ ହୋଇପଡୁଥିବା ଗଣତନ୍ତ୍ରକୁ ରକ୍ଷାକରିବା ପାଇଁ ସମସ୍ତେ ଦଳମତ ନିର୍ବିଶେଷରେ ଆଗେଇ ଆସିବା ପାଇଁ ସେ ଆହ୍ୱାନ କରିଥିଲେ। ତାଙ୍କର ଆଦର୍ଶରେ ଆଜିର ଯୁବ ପିଢି ପ୍ରଭାବିତ ହୋଇପାରିଲେ ଏହା ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହୋଇପାରିବ । ଅନ୍ୟତମ ଅତିଥି ବରିଷ୍ଠ ଶ୍ରମିକ ନେତା ତଥା ଜାତୀୟ ଓ ଆର୍ନ୍ତଜାତିକ କ୍ଷେତ୍ରରେ ଯଥେଷ୍ଟ ସୁନାମ ଅର୍ଜନ କରିଥିବା ରାମଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଭାଗବତ ବାବୁଙ୍କୁ ଜଣେ ସାମ୍ୟବାଦୀ ନେତାରୁପେ ଅବିହିତ କରିଥିଲେ। ତେଣୁ ଆଗାମୀ ପିଢି ଭାଗବତବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମବାୟ ଆନ୍ଦୋଳନକୁ ଅଧିକ ଉନ୍ନତ ଓ ଶକ୍ତିଶାଳୀ କରି ସାଧାରଣ ଲୋକମାନଙ୍କ ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ ।




ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତିମାନଙ୍କୁ ଯଥା ସମବାୟ ଓ ସାମାଜସେବା କ୍ଷେତ୍ରରେ ଶ୍ରୀକାନ୍ତ ନାୟକ, ଜୀବନୀ ଲେଖାପାଇଁ ଅରବିନ୍ଦ ସ୍ୱାଇଁ, ଆଇନସେବା ପାଇଁ ଉମେଶ ଚନ୍ଦ୍ର ସିଂ ଓ ସାହିତ୍ୟ କବିତା କୃତୀ ପାଇଁ ନିରାକାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟତମ ଅତିଥି କେନ୍ଦ୍ରାପଡାର ବିଧାୟକ ଗଣେଶ୍ୱର ବେହେରା ଭାଗବତବାବୁଙ୍କୁ କେନ୍ଦ୍ରାପଡାର ବିନ୍ଧାଣୀ ଭାବେ ଚିତ୍ରଣ କରିଥିଲେ ଏବଂ ତାଙ୍କ ସମୟରେ କେନ୍ଦ୍ରାପଡା ଜିଲ୍ଲାର ସର୍ବାଧିକ ଉନ୍ନତି ସାଧିତ ହୋଇଥିଲା । ସଭାରେ ପ୍ରାକ୍ତନ ବିଧାୟିକା ଡ. ସିପ୍ରା ମଲ୍ଲିକ, ପ୍ରାକ୍ତନ ବିଧାୟକ ଅଲେଖ କୁମାର ଜେନା, ଚିନ୍ମୟ ପ୍ରସାଦ ବେହୁରା, ପ୍ରଦୀପ କୁମାର ମହାନ୍ତି, ଅଧାପକ ତପନ କୁମାର ପତି, ଉମାକାନ୍ତ ନାୟକ, ଅଜୟ ସାମଲ, ଚୈତନ୍ୟ ପରିଡା, ପରିବେଶବିତ୍ ଉଦୟ ଚୌଧୁରୀ, ବିଧାନ ଚନ୍ଦ୍ର ସାମଲ, ଅପର୍ଣ୍ଣା ମିଶ୍ର, ମହମ୍ମଦ ଆକବର ଅଲ୍ଲି, ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ରାଉତ, ପ୍ରମୋଦ ମହାପାତ୍ର ଭାଗବତବାବୁଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ମତବ୍ୟକ୍ତ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଏହି ଅବସରରେ ସକାଳ ଡାକ୍ତଖାନରେ ରୋଗୀମାନଙ୍କୁ ଗଗନ ବିହାରୀ ରାଉତ ଓ ରଶ୍ମି ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଫଳ ବନ କରାଯାଇଥିଲା। ସହର ସ୍ଥିତ ଅନ୍ଧ, ମୁକ, ବଧିର ବିଦ୍ୟାଳୟର ଅନ୍ତେବାସୀମାନଙ୍କୁ ଗୌତମ ପଟ୍ଟନାୟକ ଓ ଗାୟତ୍ରୀ ମାହାନ୍ତି ଶୁଖିଲା ଖାଦ୍ୟ ବନ କରିଥିଲେ।

## ବୃକ୍ଷପ୍ରେମୀ ବର୍ଷାଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ




**ରାଜନଗର,୮।୭ (ସଂଚାର ବ୍ୟୁରୋ):** ୭୬ ତମ ଜାତୀୟ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ମଧପଡା ଗ୍ରାମର ସୁନାଝିଅ ବର୍ଷାରାଣୀ ରାଉତଙ୍କୁ ଚଳିତ ବର୍ଷ ପ୍ରକୃତି ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଛି।

ବର୍ଷା ପାଠ ପଢ଼ିବା ସହିତ ପିଲାଟି ଦିନରୁ ଗଛ ପ୍ରତି ଅହେତୁକ ଆଗ୍ରହ ରହିବା ସହିତ ଏବେ ନିଜ ଗାଁ ମଧପଡା ଠାରୁ ଖଣ୍ଡେଇପଡାକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ କୃଷ୍ଣଚୂଡ଼ା, ରାଧାଚୁଡା, ଆକାଶୀ, ଦେବଦାରୁ, କଦମ୍ବ ପ୍ରଭୃତି ବିଭିନ୍ନ ପ୍ରକାର ଫଳ ଫୁଲ ଗଛ ଲଗାଇ ନିଜ ପ୍ରୟାସରେ ତାର ଯତ୍ନ ନେଉଛନ୍ତି। ଗ୍ରାମର ଲୋକମାନଙ୍କୁ ନିଜ ନିଜ ବାଡ଼ି ବଗିଚାରେ ଗଛ ଲଗାଇ ଭବିଷ୍ୟତ ପିଢ଼ି ପାଇଁ ଉତ୍ସାହିତ କରୁଥିବାରୁ ତାଙ୍କୁ ଚଳିତ ବର୍ଷ ତାଙ୍କର କର୍ତ୍ତବ୍ୟ ନିଷ୍ଠାକୁ ସମ୍ମାନ ଜଣାଇ ରାଜନଗର ବନବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ରାଜନଗର ଡ଼ିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ବର୍ଷାଙ୍କୁ ପୁରସ୍କୃତ କରିବା ସହିତ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ପୂର୍ବ ସରକାରଙ୍କ ନିଷ୍ପତ୍ତି ବଢ଼ାଇଛି ଦୁଃସ୍ଥିତି

# ଭିଟାମାଟି ପାଇଁ ସରୁନି ଲଢ଼େଇ

**ନୂଆ ସରକାର ପଦକ୍ଷେପ ନେବାକୁ ଦାବି**

**ଭୁବନେଶ୍ୱର, ୮।୭(ସଂଚାର ବ୍ୟୁରୋ):** ଭୁଲ୍ କଲା କିଏ ଆଉ ଦୁର୍ଦ୍ଦଶା ଭୋଗୁଛି କିଏ ? ଭୁବନେଶ୍ୱର ଉପକଣ୍ଠସ୍ଥ ଶାମପୁର, ପଥରଗାଡ଼ିଆ,ଗୋଠପାଟଣା, ଶଙ୍କରପୁର ଆଦି ଏକାଧିକ ମୌଜାର ଶତାଧିକ ଲୋକ ନିଜ ଭିଟାମାଟି ପାଇଁ କରୁଥିବା ଲଢ଼େଇ ସରିବାର ନାଁ ଧରୁନାହିଁ। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ସେମାନଙ୍କୁ ଲିଜ୍ ଜମିର ସ୍ୱତ୍ତ୍ୱ ବଦଳାଇ ସ୍ଥିତିବାନ ପଟ୍ଟା ଦେଉନାହାନ୍ତି। ଏଥିପାଇଁ ସେମାନଙ୍କୁ କୋର୍ଟ କଚେରି ଦୌଡ଼ି ଦୌଡ଼ି ନାକେଦମ୍ ହେବାକୁ ପଡୁଛି। ଖୋର୍ଦ୍ଧା ଜିଲ୍ଲା ଭିଟାମାଟି ସ୍ୱତ୍ତ୍ୱାଧିକାରୀ ସୁରକ୍ଷା ପରିଷଦ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗତ ଶତାବ୍ଦୀର ଷାଠିଏ ଓ ସତୁରୀ ଦଶକରେ ତତ୍କାଳୀନ ସରକାର ରାଜଧାନୀ ଉପକଣ୍ଠରେ ଥିବା ଶାମପୁର, ପଥରଗାଡ଼ିଆ,ଗୋଠପାଟଣା, ଶଙ୍କରପୁର ଆଦି ଅନେକ ମୌଜାରେ ଗରିବ ଭୂମିହୀନ ଲୋକଙ୍କୁ ଚାଷ ପାଇଁ ୨ ଏକର ଲେଖାଏଁ ଜମି ଲିଜ୍ ସୂତ୍ରରେ ଦେଇଥିଲେ। ଲିଜ୍ ପ୍ଲଟ୍ ପ୍ରଦାନ ସମୟରେ ୫ରୁ ୧୦ ବର୍ଷ ପୂର୍ବରୁ ଏହି ଜମିକୁ ଆଉ କାହାକୁ ହସ୍ତାନ୍ତର କରିହେବନାହିଁ ବୋଲି ସର୍ତ୍ତ ରହିଥିଲା। ୧୯୬୨ ଓ ୧୯୭୧ ଯୁଦ୍ଧରେ ଅଂଶଗ୍ରହଣ କରିଥିବା ସୈନିକଙ୍କୁ ମଧ୍ୟ ଜମି ଲିଜ୍ ଦିଆଯାଇଥିଲା। ଭୁବନେଶ୍ୱର ଓ ଜଟଣୀ ତହସିଲର ପ୍ରାୟ ୧୫ଟି ଗାଁର ଲୋକଙ୍କୁ ଏହିପରି ଅନେକ ଜମି ଲିଜ୍ ସୂତ୍ରରେ ଦିଆଯାଇଥିଲା। ତେବେ ସମୟ କ୍ରମେ ଏହିସବୁ ଜମିର ମାଲିକ ପାରିବାରିକ ବାଧ୍ୟବାଧ୍ୟକତାରୁ କିଛି ଅଂଶ ବିକ୍ରି କଲେ। ଅଧିକାଂଶ ୫ରୁ ୧୦ ବର୍ଷ ପରେ ଜମି ବିକିଥିଲେ। ସେହି ଜାଗାର କିସମ ବଦଳାଇ ଆବାସିକ ଘର, ସ୍କୁଲ ଓ ଆପାର୍ଟମେଣ୍ଟ ମଧ୍ୟ ହେଲା। କିଛି ମୌଜାରେ ବନ୍ଦୋବସ୍ତ ପରେ ଜମିଜମାର ରେକର୍ଡ ନୂଆ କ୍ରେତାଙ୍କ ନାମରେ ଉଠିଥିଲା। କିନ୍ତୁ ୨୦୧୩ରେ ତତ୍କାଳୀନ ବିଜେଡି ସରକାର ଏକ ଉଦ୍ଭଟ ନିଷ୍ପତ୍ତି ନେଲେ। ସରକାର ଏକତରଫା ଭାବେ ଏହିସବୁ ଲିଜ ଜମିକୁ ଆବାଦଯୋଗ୍ୟ ଅନାବାଦି ଦେଖାଇ ସରକାର ସରକାରୀ ଖାତାରେ ରେକର୍ଡ କରିଦେଲେ। ରାତାରାତି ଲୋକଙ୍କ ନାଁରେ ଥିବା ଜମି ସରକାରୀ ଖାତାକୁ ଚାଲିଗଲା।

ଏହାପରେ ଆରମ୍ଭ ହେଲା କୋର୍ଟ କଚେରି କଥା। ଅନେକ ମାମଲାରେ ହାଇକୋର୍ଟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନାପସନ୍ଦ କରିବା ସହ ଜମି ଫେରାଇବାକୁ ସରକାରଙ୍କୁ ଆଦେଶ ଦେଲେ। ଏହି ଆଦେଶ ପରେ ଅବଶ୍ୟ କେତେକ ଗ୍ରାମବାସୀଙ୍କୁ ପଟ୍ଟା ମିଳିଲା। କିନ୍ତୁ ସେମାନଙ୍କ ସଂଖ୍ୟା ହାତଗଣତି। କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଧିକାଂଶ ଲୋକଙ୍କୁ ଅଦ୍ୟାବଧି ବି ପଟ୍ଟା ମିଳିନାହିଁ। ତେଣୁ ପଟ୍ଟା ଖଣ୍ଡେ ପାଇବା ପାଇଁ ଏବେ ବି ଶହ ଶହ ମାମଲା ହାଇକୋର୍ଟ ଓ ବୋର୍ଡ ଅଫ ରେଭେନ୍ୟୁରେ ଗଡ଼ିଚାଲିଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ଏକ କମିଶନ ବସାଇଥିଲେ। କିନ୍ତୁ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବା ପୂର୍ବରୁ ରାଜ୍ୟରେ ସରକାର ବଦଳିଲା। ତେବେ ନୂଆ ସରକାର ସମ୍ବେଦନଶୀଳତାର ସହ ଏହାକୁ ବିଚାର କରିବାକୁ ଲୋକେ ଦାବି କରିଛନ୍ତି।

### ନାରାୟଣ ଡୁଙ୍ଗୁରୀ ଜଙ୍ଗଲରେ ମାଓ କ୍ୟାମ୍ପ ଠାବ

# ଟିଫିନ ବୋମା, ୨୦ ଜିଲୋଟିନ ସହ ବିପୁଳ ବିସ୍ଫୋରକ ଜବତ



**ନୂଆପଡ଼ା,୮।୭(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ଥାନା ଝାରବନ୍ଧ ଗାଁ ନିକଟ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରେ ଏକ ମାଓ କ୍ୟାମ୍ପ ଠାବ ହୋଇଛି। ଏହି ମାଓ କ୍ୟାମ୍ପରୁ ଗୋଟିଏ ଟିଫିନ ବୋମା, ୨୦ଟି ଜିଲୋଟିନ ସମେତ ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ଏନେଇ ସ୍ଥାନୀୟ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏସପି ଜିଆର ରାଘବେନ୍ଦ୍ର ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଗତ ୫ ତାରିଖରେ ସିନାପାଲି ଥାନା ଝାରବନ୍ଧ ଗାଁ ନିକଟ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ରହିଥିବା ଜିଲ୍ଲା ପୁଲିସକୁ ସୂଚନା ମିଳିଥିଲା। ନୂଆପଡ଼ା ଏସପି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶ କ୍ରମେ ଡିଭିଏଫ୍ ବାହିନୀ ନାରାୟଣ ଡୁଙ୍ଗୁରୀ ଜଙ୍ଗଲରେ କମ୍ବିଂ ଅପରେସନ ଆରମ୍ଭ କରିଥିଲା। ସୋମବାର ସକାଳେ ଡିଭିଏଫ ଟିମ୍‌ର ଯବାନମାନେ ଏକ ମାଓ କ୍ୟାମ୍ପ ଠାବ କରିଥିଲେ। ସେଥିରୁ ଏକ ଟିଫିନ ବୋମା, ୨୦ଟି ଜିଲୋଟିନ, ଗୋଟିଏ ଇଲେକ୍ଟ୍ରି ଡିଟୋନେଟର ଭଳି ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ କରିଥିଲେ। ମାଓବାଦୀମାନେ ସୁରକ୍ଷା ବାହିନୀ ଓ ସାଧାରଣ ଲୋକଙ୍କୁ ଆକ୍ରମଣ କରି କୌଣସି ଏକ ବଡ଼ ଅଘଟଣ ଘଟାଇବାକୁ ଯୋଜନା କରୁଥିଲେ। ସୁରକ୍ଷା ବାହିନୀ ସଠିକ୍ ସମୟରେ ଅପରେସନ କରି ମାଓ କ୍ୟାମ୍ପକୁ ଠାବ କରି ମାଓବାଦୀଙ୍କ ଯୋଜନାକୁ ପଣ୍ଡ କରିଛି। ଏବେ ସ୍ଥାନୀୟ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଜଙ୍ଗଲରେ ଯବାନଙ୍କ କମ୍ବିଂ ଅପରେସନ ଜାରି ରହିଥିବା ଏସପି ଶ୍ରୀ ରାଘବେନ୍ଦ୍ର କହିଛନ୍ତି।

### କମୁଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର

## ୨୦ ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ



**ସମ୍ବଲପୁର/କଟକ,୮।୭(ସଂଚାର ବ୍ୟୁରୋ):** କ୍ରମଶଃ କମୁଛି ହୀରାକୁଦ ଜଳଭଣ୍ଡାର ଜଳସ୍ତର। ଏବେ ୨୦ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଜଳଭଣ୍ଡାରର ବାମ ପଟୁ ୧୩ଟି ଓ ଡାହାଣପଟୁ ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବର୍ତ୍ତମାନ ଜଳଭଣ୍ଡାର ଜଳସ୍ତର ରହିଛି ୬୦୭.୮୫ ଫୁଟ। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୩୩ ହଜାର ୮୨୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଥିବା ୨୦ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ୩ ଲକ୍ଷ ୩୨ହଜାର ୪୯୧ କ୍ୟୁସେକ ଜଳ। ତେବେ ମହାନଦୀ ମଧ୍ୟକୁ ନ ଯିବା ପାଇଁ ଜନସାଧାରଣଙ୍କୁ ସତର୍କ କରାଯାଉଛି। ସେହିପରି ମହାନଦୀ ତଟବର୍ତ୍ତୀ ୧୨ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ମଧ୍ୟ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତି ସକାଶେ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଆଜି କଟକ ମୁଣ୍ଡଳିରେ ପହଞ୍ଚିଛି ହୀରାକୁଦର ପ୍ରଥମ ବନ୍ୟାଜଳ। ରିପୋର୍ଟ ଲେଖାଯିବା ବେଳକୁ ୮୦ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି। ଧୀରେ ଧୀରେ ଜଳସ୍ତର ବୃଦ୍ଧି ପାଇବା ନେଇ ଆଶଙ୍କା ପ୍ରକାଶ ପାଇଛି। ବର୍ତ୍ତମାନ ମୁଣ୍ଡଳିଠାରେ ବିପଦ ସଙ୍କେତ ତଳେ ରହିଛି ବନ୍ୟାଜଳ। ପ୍ରଥମ ବନ୍ୟା ଜଳ ମୁଣ୍ଡଳୀରେ ପହଞ୍ଚିବା ପରେ ଧୀରେ ଧୀରେ ଫୁଲୁଛି ମହାନଦୀ ବର୍ତ୍ତମାନ ମହାନଦୀରେ ୮୦ହଜାର କ୍ୟୁସେକ ବନ୍ୟା ଜଳ ପ୍ରବାହିତ ହେଉଥିବାବେଳେ ଧୀରେ ଧୀରେ ଜଳସ୍ତର ବୃଦ୍ଧି ପାଉଛି। ଆଜି ରାତି ସୁଦ୍ଧା ୫ ଲକ୍ଷ କ୍ୟୁସେକ ପାଣି ମୁଣ୍ଡଳୀ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି।

## ଅଧରପଣାରେ ମହାସଂକୀର୍ତ୍ତନ ସମାରୋହ



**କଟକ,୮।୭(ସଂଚାର ବ୍ୟୁରୋ):** ଗତକାଲି ପବିତ୍ର ଅଧରପଣା ଉପଲକ୍ଷେ ଯୋବ୍ରା ରଥ ଉପରେ ବଡ଼ ଠାକୁରମାନଙ୍କର ଅଧରପଣା ନୀତି ସମ୍ପନ୍ନ ହୋଇଛି। କାଶୀନାଥ ନାୟକଙ୍କ ତତ୍ତ୍ୱାବଧାନରେ ମନ୍ଦିର ପୂଜକମାନେ ରଥ ଉପରେ ଚତୁର୍ଦ୍ଧା ମୂରତିଙ୍କ ସମ୍ମୁଖରେ ଅଧରପଣା ନୀତି କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଯୋବ୍ରା ସାତ ସାହିର ନଦିଆ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ବଡ଼ ଠାକୁରଙ୍କ ସମ୍ମୁଖରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପରେ କଟକ ସହରର ପ୍ରମୁଖ ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ମହାସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରି ଦାସ, ବାଇଶି ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକାରୀ ସର୍ବାଧିକାରୀ ସୁବାଷ ସାହୁ, ସର୍ବ କଟୁଆଲ ସୁଶାନ୍ତ ବସ୍ତିଆ, ଶରତ ପ୍ରଧାନ, ବେଣୁଧର ବସ୍ତିଆ, ଗଣେଶ ରାଉତ, ଜ୍ୟୋତି ପ୍ରକାଶ ସାହୁ, ଅଭିରାମ ବେହେରା, ରାଜକିଶୋର ସାହୁ, ରବୀନ୍ଦ୍ର ବେହେରା, ପ୍ରମୋଦ ଦଳେଇ, ବ୍ରହ୍ମାନନ୍ଦ ଛାଟୋଇ, ସବନନ୍ଦନ ବାରିକ, ଦର୍ପଦଳନ ପରିଡ଼ା, ବିଶ୍ୱଜିତ ସ୍ୱାଇଁଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, କଟକ ବାରବାଟୀ ବିଧାୟିକା ସୋଫିଆ ଫିରଦୋଷ, ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ, କର୍ପୋରେଟର ଗଗନ ଓଝା, ସ୍ୱର୍ଣ୍ଣପ୍ରଭା ପଶାୟତ, ଶିକ୍ଷାବିତ ତୁଷାର କାନ୍ତି, ପ୍ରଦୀପ ସାହୁ, ଜ୍ୟୋତି ରଞ୍ଜନ ରାୟଙ୍କ ସହ ପୁରାତନ ଛାତ୍ରନେତା ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଓକିଲମାନଙ୍କୁ କମିଟି ପକ୍ଷରୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସଭାପତି ତନୟ ବେହେରା, ସମ୍ପାଦକ ଅମ୍ବିକା ସାମଲ ଓ ଆଇନଜୀବୀ ଶୁଭେନ୍ଦୁ ମହାନ୍ତିଙ୍କ ସହ ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ୍‌ମିଣ୍ଟନ ର‍୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅଲ୍ ଇଣ୍ଡିଆ ସିନିଅର୍ ବ୍ୟାଡ୍‌ମିଣ୍ଟନ୍ ର‍୍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ କ୍ରୀଡ଼ାବିତଙ୍କ ଉତ୍ସାହ ବୃଦ୍ଧି କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ମାଧ୍ୟମରେ ସର୍ବଭାରତୀୟ ସ୍ତରରେ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ନିଜର ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ରକୃଷ୍ଟ ମଞ୍ଚ ପାଇପାରିବେ। ଏଥିସହ ଏପରି ପ୍ରତିଯୋଗିତା ଆୟୋଜନ ଦ୍ୱାରା ରାଜ୍ୟରେ ଉପଲବ୍ଧ କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ବୋଲି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ ଆଶା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ଅଲ୍ ଇଣ୍ଡିଆ ସିନିୟର ବ୍ୟାଡ୍‌ମିଣ୍ଟନ ର‍୍ୟାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ସିଙ୍ଗଲ୍ସ, ଡବଲ୍ସ, ମିକ୍ସଡ଼ ଡବଲ୍ସ ଆଦି ବର୍ଗରେ ପ୍ରାୟ ଦେଢ଼ ହଜାର ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ।




**ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ସକାଶେ ମଙ୍ଗଳବାର ଭୁବନେଶ୍ୱରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ମହାସଂଘ ସମୂହ ପକ୍ଷରୁ ମଶାଲ୍ ଶୋଭାଯାତ୍ରା ଆୟୋଜିତ ହୋଇଛି।**

## ରୋହିଙ୍ଗ୍ୟା ସନ୍ଦେହରେ ପ୍ରାୟ ୪୪୦ ଜଣ ଅଟକ



**ଝାରସୁଗୁଡ଼ା, ୮।୭(ସଂଚାର ବ୍ୟୁରୋ):** ଝାରସୁଗୁଡ଼ାରେ ରୋହିଙ୍ଗ୍ୟା । ରୋହିଙ୍ଗ୍ୟା ସନ୍ଦେହରେ ପ୍ରାୟ ୪୪୦ ଜଣ ଅଟକ। ଝାରସୁଗୁଡ଼ାର ବ୍ଲାକ ଡାଇମଣ୍ଡ ସ୍କୁଲ ଓ ଏକ କଲ୍ୟାଣ ମଣ୍ଡପରେ ଅଟକମାନଙ୍କୁ ପଚରାଉଚରା କରୁଛି ପୋଲିସ । ରୋହିଙ୍ଗ୍ୟା ସନ୍ଦେହରେ ଏମାନଙ୍କୁ ପଚରାଉଚରା କରାଯାଉଥିବା କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ। ଏମାନେ ବେଆଇନ ଭାବେ କେମିତି ଆସିଲେ, କେଉଁ ରାସ୍ତାରେ ଆସିଲେ ତାର ଯାଞ୍ଚ ଚାଲିଛି ।

## ରାଗିଗଲା ହାତୀ, ଗୋଡ଼ରେ ଦଳିଲା ବାଇକ୍

**ଘଟଗାଁ,୮।୭(ସଂଚାର ବ୍ୟୁରୋ):** ରାଗିଗଲା ହାତୀ। ଗୋଡ଼ରେ ଦଳିଦେଲା ବାଇକ୍ । କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଟଭାସରୁଆ ଗାଁ ନିକଟରେ ଦନ୍ତା ହାତୀର ତାଣ୍ଡବ । ରାସ୍ତାରେ ଥିବା ବାଇକଟିକୁ ଗୋଡ଼ରେ ଦଳି ମକଚି ଦେବାକୁ ଉଦ୍ୟମ କରୁଥିବା ଦୃଶ୍ୟ ଏବେ ଫୋନରୁ ଫୋନ ଘୁରି ବୁଲୁଛି। ହାତୀଟି ଗାଁ ନିକଟକୁ ଚାଲି ଆସିଥିବା ବେଳେ ଡରିଯାଇ ହାତୀଟିକୁ ଘଉଡାଇବା ପାଇଁ ଉଦ୍ୟମ କରିଥିଲେ ଗାଁ ଲୋକ । ଫଳରେ ହାତୀଟି ରାଗିଯାଇ ବାଇକକୁ ଫୁଟବଲ ପରି ଫୋପାଡି ଦଳିବାକୁ ଉଦ୍ୟମ କରୁଥିବାର ଦୃଶ୍ୟ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି ।

## ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା



**ଥୁଆମୂଳ ରାମପୁର,୮।୭(ସଂଚାର ବ୍ୟୁରୋ):** ଦୁର୍ଗମ ଅଞ୍ଚଳରେ ଜନନୀ ଯନ୍ତ୍ରଣା। ଗାଁକୁ ରାସ୍ତା ନଥିବାରୁ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଫଳରେ ଖଟିଆରେ ବୁହାହେଲେ ଗର୍ଭବତୀ। କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ସିନ୍ଧିପଦର ପଞ୍ଚାୟତ ଅଧିନସ୍ଥ ବାର୍ଷିକୋଣା ଗାଁରୁ ଆସିଛି ଏଭଳି ଚିତ୍ର। ସୂଚନାନୁଯାୟୀ, ସିନ୍ଧିପଦର ପଞ୍ଚାୟତକେ ଥିହା ବାର୍ଷିକୋଣା ଗାଁର ମହେନ୍ଦ୍ର ମାଝୀଙ୍କ ସ୍ତ୍ରୀ ରଞ୍ଜିତା(୨୨ ବର୍ଷ) ପ୍ରସବ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ସହିତ ଯୋଗାଯୋଗ କରାଯାଇଥିଲା। ଖବର ପାଇବା ପରେ ଆମ୍ବୁଲାନ୍ସ ଆସି ଅଧାବାଟରେ ବା ଇନ୍ଦ୍ରାବତୀ କେନାଲ ରାସ୍ତାରେ ଅଟକି ଅପେକ୍ଷା କରିଥିଲା। ଆଗକୁ ରାସ୍ତା ଠିକ୍ ନଥିବା ଯୋଗୁଁ ଆମ୍ବୁଲାନ୍ସ ଆଗକୁ ବଢ଼ି ପାରିନଥିଲା। ଫଳରେ ଗ୍ରାମବାସୀମାନେ କିଛି ଉପାୟ ନପାଇ ରଞ୍ଜିତାଙ୍କୁ ପ୍ରାୟ ୨ କି.ମି ଖଟିଆରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଥିଲେ । ପରେ ଗର୍ଭବତୀଙ୍କୁ କଲମପୁର ଡାକ୍ତରଖାନାକୁ ନିଆଯାଇଥିଲା। ସୂଚନାଯୋଗ୍ୟ, ବାର୍ଷିକୋଣା ଗାଁ ଥୁଆମୂଳ ରାମପୁର ବ୍ଲକ ଅଧୀନରେ ଯାଉଛି । ମାତ୍ର ଜରୁରୀକାଳୀନ ସେବା ପାଇଁ କଲମପୁର ଏବଂ ଜୁନାଗଡ ବ୍ଲକ୍ ଉପରେ ନିର୍ଭରଶୀଳ। ଅତୀତରେ ଅନେକ ଦୁର୍ଦ୍ଦଶାର ଶିକାର ହୋଇଛନ୍ତି ବାର୍ଷିକୋଣାବାସୀ।

## ସମ୍ବାଦ ପ୍ରତିନିଧି ସୀମନ୍ତିକା ନନ୍ଦଙ୍କ ହୃଦଘାତରେ ପରଲୋକ



**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ସମ୍ବାଦର କଟକ ଜିଲ୍ଲା ପ୍ରତିନିଧି ସୀମନ୍ତିକା ନନ୍ଦଙ୍କ ହୃଦଘାତରେ ପରଲୋକ। କଟକର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି । ସମ୍ବାଦ କଟକର ଆଞ୍ଚଳିକ କାର୍ଯ୍ୟାଳୟର ବହୁ କର୍ମଚାରୀ ତାଙ୍କ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି । ଆଜି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ହିଁ ତାଙ୍କର ପରଲୋକ ହୋଇଛି। କିଛି ଦିନ ତଳେ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା। ଏସସିବି ମେଡିକାଲ ସମ୍ପର୍କିତ ଖବର କରି ସେ ବେଶ ଜଣାଶୁଣା ଥିଲେ। ତାଙ୍କ ପରଲୋକରେ ସମ୍ବାଦ ପରିବାର ପକ୍ଷରୁ ଗଭୀର ଶୋକବ୍ୟକ୍ତ କରାଯାଇଛି ।

# ୨୬ରୁ ଭୁବନେଶ୍ୱରରେ ବିଏନଆଇ ବିଜପ୍ରୋ ଏକ୍ସପୋ




**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱରରେ ଆସନ୍ତା ୨୬ରୁ ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନଠାରେ ଦ୍ୱିତୀୟ ବିଏନଆଇ ବିଜପ୍ରୋ ଏକ୍ସପୋ ଆୟୋଜିତ ହେବ। ଏହି ଦୁଇଦିନିଆ ଏକ୍ସପୋ ସହରର ସବୁଠାରୁ ବଡ଼ ଓ ସକ୍ରିୟ ବ୍ୟବସାୟ ଏକ୍ସପୋ ଭାବେ ପରିଗଣିତ ହେବ ବୋଲି ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ନିର୍ଦ୍ଦେଶକ ମନୋଜ ଲାଲାନି, ଅଧ୍ୟକ୍ଷ ଶ୍ରୀକାନ୍ତ ବିଶ୍ୱାଳ, ସହଯୋଗୀ ନିର୍ଦ୍ଦେଶକ ସନ୍ତୋଷ ସେନାପତି, ମୁନମୁନ ସିଂହ, ଶ୍ରୀନିବାସ ସେନାପତି, ସମୀର ସେନାପତି, କେଶବ ଜିଓ୍ୱେଲାରୀ ପ୍ରାଇଭେଟ ଲିମିଟେଡ଼, ଦୁରାମିକ୍ସ କଂକ୍ରିଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ର ଅଦିତ ଜେନା ଉପସ୍ଥିତ ଥିଲେ। ବିଏନଆଇ ଭୁବନେଶ୍ୱର, ବ୍ୟବସାୟ ବୃଦ୍ଧିର ଏକ ଶକ୍ତିକେନ୍ଦ୍ର ଯାହା ୨୦୧୮ରେ ଆରମ୍ଭ ହୋଇ ସହରର ବ୍ୟବସାୟ ପରିଦୃଶ୍ୟରେ ଏକ ପରିବର୍ତ୍ତନ ଆଣିଛି। ସେଠାରୁ, ଏହା ଉଦ୍ୟମୀମାନଙ୍କୁ ଶକ୍ତିଶାଳୀ ପ୍ରଫେସନାଲ ନେଟୱର୍କ ତିଆରି କରିବା, ଗୁଣବତ୍ତାପୂର୍ଣ୍ଣ ରେଫରାଲ୍ ଉତ୍ପାଦନ କରିବା ଏବଂ ସହଯୋଗ ଓ ବିଶ୍ୱାସର ସଂସ୍କୃତି ମାଧ୍ୟମରେ ତାଙ୍କର ବ୍ୟବସାୟ ବୃଦ୍ଧି କରିବାରେ ସାହାଯ୍ୟ କରୁଛି। ବିଏନଆଇ ସତ୍ୟରେ ଭୁବନେଶ୍ୱରରେ ବ୍ୟବସାୟ କରିବାର ଭାବକୁ ପରିବର୍ତ୍ତନ କରୁଛି। ଏହା ୭ ଚାପ୍ଟରରେ ୩୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଥିବା ଏକ ସଫଳ ସମୁଦାୟ। ବିଏନଆଇ ବିଜପ୍ରୋ ୨.୦ ଭୁବନେଶ୍ୱରର ସବୁଠାରୁ ବଡ଼ ବ୍ୟବସାୟ ଏକ୍ସପୋ ସବୁଠାରୁ ବଡ଼ ଏବଂ ସ୍ୱତନ୍ତ୍ର ବ୍ୟବସାୟ ଏକ୍ସପୋ। ଏହି ପ୍ରିମିୟମ୍ ଇଭେଣ୍ଟ ହେଉଛି ଏକ ଶକ୍ତିଶାଳୀ ପ୍ଲାଟଫର୍ମ ଯାହା ବ୍ୟବସାୟ ବୃଦ୍ଧି, ସଂଯୋଗ ଏବଂ ସଫଳତା ପାଇଁ ଡିଜାଇନ୍ କରାଯାଇଛି। ଉକ୍ତ ଏକ୍ସପୋର ପ୍ରାୟୋଜକ କେଶବ ଜ୍ୱେଲର୍ସ, ଉତ୍କଳ ବିଲ୍ଡର୍ସ, ଡୁରାମିକ୍ସ ଆଦି ଅଛନ୍ତି।

## ଜିଲ୍ଲା ଆଇଆଣ୍ଡ୍‌ପିଆର୍ କାର୍ଯ୍ୟାଳୟ କର୍ମଚାରୀଙ୍କ ବିୟୋଗ



**କଟକ,୮।୭(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ କରୁଥିବା ଆକାଶ କୁମାର ମାଝୀଙ୍କର ଆଜି ପ୍ରାତଃ ସମୟରେ ହୃଦ୍‌ଘାତ ଯୋଗୁ ଅକାଳ ବିୟୋଗ ଘଟିଛି। ଶ୍ରୀ ମାଝୀ ଗତ ୧୯୮୬ ନଭେମ୍ବର ୨୨ ତାରିଖରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ତାଙ୍କ ଅକାଳ ବିୟୋଗରେ ଆଜି କାର୍ଯ୍ୟାଳୟରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋଙ୍କ ଅଧ୍ୟକ୍ଷତାରେ ଶ୍ରୀ ମାଝୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁଇ ମିନିଟ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉକ୍ତ ପ୍ରାର୍ଥନା ସଭାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ଶ୍ରୀ ମାଝୀଙ୍କ ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇବା ସହ ଏପରି ଏକ ଦୁଃଖଦ ମୁହୂର୍ତ୍ତରେ ଭଗବାନ ସେମାନଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି କାମନା କରିଥିଲେ।

## ‘ଅନନ୍ତା’ ଟିମ୍ ସହ ଡିଏଭି ଛାତ୍ରଛାତ୍ରୀଙ୍କ ଭାବ ବିନିମୟ



**ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ):** ବ୍ୟାସକବି ଫକୀରମୋହନ ସେନାପତିଙ୍କ ଗଳ୍ପ ଆଧାରରେ ପ୍ରସ୍ତୁତ ଚଳଚ୍ଚିତ୍ର ‘ଅନନ୍ତା’ର ସହନିର୍ଦ୍ଦେଶକ, ନାୟକନାୟିକା ଓ ଅଭିନେତ୍ରୀଙ୍କ ସହ ଡିଏଭି ଚନ୍ଦ୍ରଶେଖରପୁରର ଛାତ୍ରଛାତ୍ରୀ ଭାବ ବିନିମୟ କରିବାର ସୁଯୋଗ ପାଇଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚଳଚ୍ଚିତ୍ରର ସହନିର୍ଦ୍ଦେଶକ କୁମାର ଚୋଳଗଙ୍ଗ ଦେବ ମହାପାତ୍ର, ଅଭିନେତା ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ସୂର୍ଯ୍ୟମୟୀ, ଜ୍ୟୋତିର୍ମୟୀ ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟ ପକ୍ଷରୁ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏହି ଚଳଚ୍ଚିତ୍ର ହଲ୍‌ରେ ଦେଖିବାର ସୁଯୋଗ ପାଇଥିଲେ। ଚଳଚ୍ଚିତ୍ର ଦେଖି ଫେରିବା ପରେ ପିଲାମାନେ ବିଭିନ୍ନ ଦୃଷ୍ଟିକୋଣରୁ ନିଜ ନିଜର ଅଭିମତ ପ୍ରକାଶ କରିଥିଲେ। ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ କେସି ଶତପଥୀ, ବସନ୍ତ ମଞ୍ଜରୀ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଓଡିଆ ସାହିତ୍ୟ, କଳା ଓ ସଂସ୍କୃତିକୁ ଭଲ ପାଇବା ସହ ପୃଷ୍ଠପୋଷକତା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ‘ଅନନ୍ତା’ ଟିମ୍‌କୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଥିଲା।

# ଡାଲି ଉତ୍ପାଦନ ବଳକା, ତଥାପି ନିଅଣ୍ଟିଆ ସ୍ଥିତି

**ଭୁବନେଶ୍ୱର,୮।୭:** ଓଡ଼ିଶାରେ ଆବଶ୍ୟକତାଠାରୁ ଅଧିକ ଡାଲି ଉତ୍ପାଦିତ ହେଉଥିଲେ ମଧ୍ୟ ସଂରକ୍ଷଣ ଓ ପ୍ରକ୍ରିୟାକରଣ ସମସ୍ୟା ଯୋଗୁଁ ଆଭ୍ୟନ୍ତରୀଣ ଚାହିଦା ମେଣ୍ଟାଇବା ପାଇଁ ଅନ୍ୟ ରାଜ୍ୟ ଉପରେ ଆମକୁ ନିର୍ଭର କରିବାକୁ ପଡୁଛି। ପର୍ଯ୍ୟାପ୍ତ ସଂଖ୍ୟକ ଡାଲି ପ୍ରକ୍ରିୟାକରଣ ଶିଳ୍ପ ନ ଥିବା ଓ ଡାଲିଜାତୀୟ ଶସ୍ୟ ପାଇଁ ଏମ୍‌ଏସ୍‌ପି ଲାଗୁ କରିବା ସହ ଧାନ ଭଳି ଚାଷୀମାନଙ୍କଠାରୁ ସିଧାସଳଖ ଭାବେ ସରକାର ଏହା ସଂଗ୍ରହ କରୁନଥିବା ଯୋଗୁ ରାଜ୍ୟରେ ଉତ୍ପାଦିତ ଡାଲିର ସିଂହଭାଗ ଅନ୍ୟ ରାଜ୍ୟକୁ ଚାଲିଯାଉଛି।

ସରକାରୀ ହିସାବ ମୁତାବକ, ଓଡ଼ିଶା ପାଇଁ ବର୍ଷକୁ ୧,୨୮,୬୦,୦୦୦ କ୍ୱିଣ୍ଟାଲ ଡାଲିର ଆବଶ୍ୟକତା ଥିବାବେଳେ ରାଜ୍ୟରେ ୧,୩୦,୯୪,୯୦୦ କ୍ୱିଣ୍ଟାଲ ଡାଲି ୨୦୨୩-୨୪ ବର୍ଷରେ ଉତ୍ପାଦିତ ହୋଇଥିଲା। ୨୦୨୪-୨୫ ବର୍ଷରେ ଏହାର ପରିମାଣ ଅଧିକ ହେବ ବୋଲି କୁହାଯାଉଛି। ଆବଶ୍ୟକତାଠାରୁ ଅନ୍ୟୂନ ୨ଲକ୍ଷ କ୍ୱିଣ୍ଟାଲ ଅଧିକ ଡାଲି ଓଡ଼ିଶାର ଚାଷୀମାନେ ଫଳାଉଛନ୍ତି। ତେବେ ଡାଲି ଉତ୍ପାଦନ ପରେ ଏହା ସଂଗ୍ରହ କରିବା ଲାଗି ବିଶେଷ ସରକାରୀ ବ୍ୟବସ୍ଥା ନ ଥିବାରୁ ଢେର କମ୍ ଦାମ୍‌ରେ ଅନ୍ୟ ରାଜ୍ୟର ବ୍ୟବସାୟୀମାନେ ଏଜେଣ୍ଟ ଲଗାଇ ଓଡ଼ିଶାରୁ ବିପୁଳ ପରିମାଣର ଡାଲି କିଣି ନେଉଛନ୍ତି।

ପରବର୍ତ୍ତୀ ସମୟରେ ସେମାନେ ଏହି ଡାଲିର ପ୍ରକ୍ରିୟାକରଣ କରି ଓଡ଼ିଶା ବଜାରରେ ଚଢ଼ା ଦରରେ ବିକିବା ସହ ଅନ୍ୟ ରାଜ୍ୟକୁ ମଧ୍ୟ ପଠାଉଛନ୍ତି। ଫଳରେ ଡାଲି ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇଥିଲେ ମଧ୍ୟ ଓଡ଼ିଶାକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି।

ସରକାରୀ ତଥ୍ୟ ମୁତାବକ, ଓଡ଼ିଶାରେ ପାଖାପାଖି ୨୧ ଲକ୍ଷ ହେକ୍ଟର ଜମିରେ ଡାଲି ଚାଷ ହେଉଛି। ଡାଲି ଚାଷ ବଢ଼ାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ ହେଉଛି। ଧାନକଟା ପରେ ପଡ଼ିଆ ଜମିରେ କିଭଳି ଅନ୍ୟୂନ ୬ ପ୍ରକାରର ଡାଲି ଜାତୀୟ ଫସଲ ଉତ୍ପାଦିତ ହୋଇପାରିବ ସେ ଦିଗରେ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେଉଛି । ଏଥିଲାଗି ପୂର୍ବରୁ ରାଜ୍ୟ ସରକାର ହେକ୍ଟର ପିଛା ୯ ହଜାର ଟଙ୍କା କରି ସହାୟତା ରାଶି ଚାଷୀଙ୍କୁ ଦେଇ ଆସୁଛନ୍ତି । କେବଳ ସେତିକି ନୁହେଁ, ଡାଲି ଚାଷ ପାଇଁ ଆଗ୍ରହ ସୃଷ୍ଟି କରିବା ଲାଗି ଡାଲି କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମରେ ମଧ୍ୟ ବହୁସଂଖ୍ୟକ କୃଷକଙ୍କୁ ସାମିଲ କରାଯାଉଛି।ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ମାଧ୍ୟମରେ ଡାଲି ଓ ତୈଳବୀଜ ଉତ୍ପାଦନ ବୃଦ୍ଧି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଉଛି। ୨୦୦୮ ମସିହାରୁ ଲଗାତାର ଭାବେ ଏହି କାର୍ଯ୍ୟକ୍ରମ ଚାଲିଛି। ଏଥିପାଇଁ କେନ୍ଦ୍ର ସରକାର ୬୦ ପ୍ରତିଶତ ଓ ରାଜ୍ୟ ସରକାର ୪୦ ପ୍ରତିଶତ ସହାୟତା ଯୋଗାଉଛନ୍ତି। ଡାଲି ଜାତୀୟ ଫସଲର ଉତ୍ପାଦନ ସହ ଜମିର ଉତ୍ପାଦିତ ଶକ୍ତି ବୃଦ୍ଧି ଲାଗି ଶତକଡ଼ା ୫୦ ଭାଗ ରିହାତିରେ କୀଟନାଶକ, ଜୈବିକ ସାର, ଅଣୁ ସାର, ଘାସ ମରା ଔଷଧ, କୀଟନାଶକ ସିଞ୍ଚନ ଯନ୍ତ୍ର, ପାଣିମଡ଼ା ଯନ୍ତ୍ର ଓ ପାଇପ୍ ଆଦି ଯୋଗାଇ ଦିଆଯାଉଛି।ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଡାଲି ଚାଷର ଉନ୍ନତି ଲାଗି ଓଡ଼ିଶା ସରକାର ଅଗ୍ରଣୀ ଚାଷୀମାନଙ୍କୁ ହରଡ଼ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ମାଗଣାରେ ବିହନ ଓ ଅନ୍ୟାନ୍ୟ ଆବଶ୍ୟକ ଉପକରଣ ଯୋଗାଇ ଦେଉଛନ୍ତି। ଏହାଛଡ଼ା ଉନ୍ନତ ମାନର ହରଡ଼ ବିହନ ଉତ୍ପାଦନ ଉପରେ ମଧ୍ୟ ବିଶେଷ ଗୁରୁତ୍ୱାରୋପ କରାଯାଉଛି। ଓଡ଼ିଶାରେ ଡାଲି ଚାଷ ପାଇଁ ଅନୁକୂଳ ପରିବେଶ ରହିଥିବା ଦୃଷ୍ଟିରୁ ଏହାର ପୂର୍ଣ୍ଣ ଉପଯୋଗ କରାଯାଇପାରିଲେ ଉତ୍ପାଦିତ ଡାଲିର ପରିମାଣ ୫ ଗୁଣା ବୃଦ୍ଧି ପାଇପାରେ ବୋଲି କୃଷି ବିଶେଷଜ୍ଞମାନେ ମତ ଦେଉଛନ୍ତି। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ବୁଧବାର ୯ ଜୁଲାଇ ୨୦୨୫, ଭୁବନେଶ୍ୱର
Wednesday 9 July 2025, Bhubaneswar

# ଲଢ଼େଇ ଶେଷ ହୋଇନି

ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୁର ଶେଷ ହୋଇନି। ଆତଙ୍କବାଦର ସମ୍ପୂର୍ଣ୍ଣ ବିନାଶ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି। ଭାରତରେ ଯେ କୌଣସି ପ୍ରକାର ସୀମାପାର ଆତଙ୍କବାଦକୁ ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ଭାରତ ସରକାର କହିଛନ୍ତି। ତେଣୁ ପାକିସ୍ତାନ ସହ ଯୁଦ୍ଧ ବନ୍ଦ ହୋଇଥିଲା ଏବଂ ସୁଯୋଗ ହାତଛଡ଼ା ହୋଇଗଲା ବୋଲି ଯେଉଁମାନେ ଅନୁଶୋଚନା କରୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ, ଭାରତ ଆତଙ୍କବାଦ ବିରୋଧରେ ଅଘୋଷିତ ଯୁଦ୍ଧ କରି ନାହିଁ। ପାକିସ୍ତାନର ସାଧାରଣ ଜନତାଙ୍କ ପ୍ରତି ଭାରତର କୌଣସି ବୈରିଭାବ ନାହିଁ। କିନ୍ତୁ ଆତଙ୍କବାଦୀଙ୍କ ଭୁଲ ପାଇଁ ପାକିସ୍ତାନର ସାଧାରଣ ନାଗରିକ କାହିଁକି ଦଣ୍ଡ ସହିବେ? ତେବେ ଏକଥା ସତ୍ୟ ଯେ, ପାକିସ୍ତାନକୁ ବିଶ୍ୱାସ ନାହିଁ। ସେ କେଉଁ ସମୟରେ ଏବଂ କେଉଁ ଭାବେ ପୁଣି ଭାରତ ବିରୋଧରେ ଛାୟାଯୁଦ୍ଧ ଆରମ୍ଭ କରିପାରେ ଯାହା ବିଗତ ୫୦ ବର୍ଷ ହେବ କରି ଆସୁଛି। ସମ୍ମୁଖ ଯୁଦ୍ଧରେ ଜିତିବା ସମ୍ଭାବନା ନାହିଁ ତେଣୁ ଆତଙ୍କବାଦୀଙ୍କ ମାଧ୍ୟମରେ ପାକିସ୍ତାନ ଭାରତରେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବାର ହୀନ ଷଡ଼ଯନ୍ତ୍ର କରୁଛି। ଅତୀତରେ ମୁମ୍ବାଇ ଉପରେ ଆକ୍ରମଣ କରିବା, ସଂସଦଭବନ ଉପରେ ଆକ୍ରମଣ ଏହାର ଉଦାହରଣ। ଗତ ମାସ ୨୨ ତାରିଖରେ ପହଲଗାମରେ ୨୬ ଜଣ ନିରୀହ, ନିରସ୍ତ୍ର ନାଗରିକ ଯେଉଁମାନେ ପର୍ଯ୍ୟଟକ ଭାବେ ସେଠାକୁ ଯାଇଥିଲେ ସେମାନେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇବା ଘଟଣା ଏହାର ସଦ୍ୟତମ ଉଦାହରଣ। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ, ଏହାର କଡ଼ା ଜବାବ ଦିଆଯିବ। ପ୍ରଥମେ ଆକ୍ରମଣ ହେଲା ପାକିସ୍ତାନ ବିରୋଧରେ କୂଟନୈତିକ ଯୁଦ୍ଧ। ଭାରତ ସରକାର ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କଲେ। ଏବେ ବି ଏହି ନିଷ୍ପତ୍ତି କାଏମ ରହିଛି। ୧୯୬୦ରେ ଏହି ଚୁକ୍ତି ହୋଇଥିଲା। ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତି ବାତିଲ ପାକିସ୍ତାନ ବିରୋଧରେ ଏକ ବଡ଼ ପଦକ୍ଷେପ। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କ ଭିସା ରଦ୍ଦ କରାଯିବା ସହ ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ବାଧ କରାଗଲା। ଭାରତ ପ୍ରମୁଖ ବିଦେଶୀ ରାଷ୍ଟ୍ରଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଲା ଏବଂ ପହଲଗାମ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବାର ପ୍ରମାଣ ଉପସ୍ଥାପନ କଲା। ବିରୋଧୀ ଦଳମାନଙ୍କ ସହ ମଧ୍ୟ ସରକାର ବିଚାର ଆଲୋଚନା କରି ସେମାନଙ୍କ ସମର୍ଥନ ହାସଲ କରିଥିଲେ। ଯୁଦ୍ଧ ପାଇଁ ପ୍ରସ୍ତୁତି ବି ଚାଲିଥିଲା। ପହଲଗାମ ଘଟଣାର ଦୁଇ ସପ୍ତାହ ପରେ ଗତ ୬ ତାରିଖ ରାତିରେ ଭାରତ ପାକିସ୍ତାନରେ ଥିବା ଆତଙ୍କୀ ଆସ୍ଥା ଉପରେ ଆକ୍ରମଣ କଲା। ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଭାରତୀୟ



ସେନାର ସୂଚନା ଅନୁଯାୟୀ ମାତ୍ର ୨୫ ମିନିଟରେ ୨୪ଟି ଆତଙ୍କୀ ଶିବୀର ଉପରେ ଭାରତ ଏୟାର ଷ୍ଟ୍ରାଇକ କରିଥିଲା। ଏଥିରେ ସେସବୁ ଆତଙ୍କୀ ଶିବୀର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ଭାରତ ଚାହିଁଥିଲେ ପାକିସ୍ତାନର ସାମରିକ ଘାଟୀ ଏବଂ ସର୍ବସାଧାରଣ ସ୍ଥାନରେ ଉପରେ ମଧ୍ୟ ଆକ୍ରମଣ କରିପାରିଥାଆନ୍ତା ଯେପରି ଇସ୍ରାଏଲ କରିଛି। କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ସଭ୍ୟ ରାଷ୍ଟ୍ର ଏବଂ ଶାନ୍ତି ଏହାର ନୀତି ଏବଂ ଆଦର୍ଶ। ଭାରତର ଲକ୍ଷ୍ୟ ଥିଲା ପାକିସ୍ତାନରେ ଥିବା ଆତଙ୍କୀ ଶିବୀର ଏବଂ ତାଲିମକେନ୍ଦ୍ରକୁ ଧ୍ୱଂସ କରିବା। ଭାରତୀୟ ବାୟୁସେନା ପକ୍ଷରୁ ଏହାକୁ ଅପରେସନ ସିନ୍ଦୁର ଆଖ୍ୟା ଦିଆଯାଇଥିଲା। ଭାରତୀୟ ସେନାର ଏହି ଏୟାର ଷ୍ଟ୍ରାଇକ ଜବାବରେ ପାକିସ୍ତାନ ୭ ତାରିଖରୁ ଭାରତ ବିରୋଧରେ ଆକ୍ରମଣ ଆରମ୍ଭ କରିଥିଲା। ଦୁଇ ଦେଶ ମଧ୍ୟରେ ପୂର୍ଣ୍ଣ କାଳିନ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଲଓସିରେ ପାକ ସେନା ପକ୍ଷରୁ ଗୁଳିଗୋଳା ବର୍ଷଣ କରିବା ସହ ଭାରତ ଉପରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ କରିଥିଲା ଯାହା ଭାରତୀୟ ସେନା ବିଫଳ କରି ଦେଇଥିଲା ଭାରତୀୟ ସେନା ପାକିସ୍ତାନର ୩ଟି ଲଢୁଆ ବିମାନକୁ ଖସାଇଦେବା ସହିତ ଅଧିକାଂଶ ଡ୍ରୋନକୁ ନଷ୍ଟ କରି ଦେଇଥିଲା। ଜଳ,ସ୍ଥଳ, ଆକାଶ ତିନି ଦିଗରୁ ଭାରତ ପ୍ରତିପକ୍ଷ ବିରୋଧରେ ଆକ୍ରମଣ କରିଥିଲା। ଆଇଏନଏସ ବିକ୍ରାନ୍ତ କରାଚୀ ବନ୍ଦର ନିକଟରେ ଆକ୍ରମଣ ଲାଗି ପ୍ରସ୍ତୁତ ହୋଇଥିଲା। ପାକିସ୍ତାନର ଅନେକ ପ୍ରମୁଖ ସହର ଉପରେ ଭାରତ ମିସାଇଲ ମାଡ଼ କରିଥିଲା। କିନ୍ତୁ ପାକିସ୍ତାନ ଭାରତର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ସହ ଅନେକ ଧାର୍ମିକ ପୀଠକୁ ମଧ ଧ୍ୱଂସ କରିବାକୁ ପ୍ରୟାସ କରିଥିଲା। ଏଭଳି ଭାବେ ଉଭୟ ଦେଶ ମଧ୍ୟରେ ବଡ଼ ଯୁଦ୍ଧ ଆଶଙ୍କା ସୃଷ୍ଟି ହେଉଥିବା ବେଳେ ହଠାତ ୧୦ ତାରିଖ ସନ୍ଧ୍ୟାରେ ଯୁଦ୍ଧ ବିରତି ଘୋଷଣା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ଫଳରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗି ସହମତ ହୋଇଥିଲେ। କିନ୍ତୁ ଭାରତୀୟ ମାନେ ଏଥିରେ ଖୁସି ନାହାଁନ୍ତି। ସେମାନେ ଚାହୁଁଥିଲେ ଏଥର ଲଢ଼େଇ ନିର୍ଣ୍ଣାୟକ ହେଉ। ପାକିସ୍ତାନ ବିରୋଧରେ ଭାରତ ଆକ୍ରମଣକୁ ଆହୁରି ଶାଣିତ କରୁ ଏବଂ ଏହି ସୁଯୋଗରେ ପିଓକେ ଦଖଲ କରୁ। ପାକିସ୍ତନାକୁ ସବକ ଶିଖାଇବାର ଏହି ସୁଯୋଗକୁ ହାତଛଡ଼ା କରାନଯାଉ। ଭାରତୀୟ ମାନେ ଏବେ ଭାବୁଛନ୍ତି ଯେ, ଏକ ଜିତିବା ଯୁଦ୍ଧକୁ ଭାରତ ହାତଛଡ଼ା କରିଦେଲା ଏବଂ ଆମେରିକାର ଚାପରେ ପଡ଼ି ଯୁଦ୍ଧ ବିରତି ଲାଗି ରାଜି ହୋଇଗଲା। ଏହା କେତେକାଂଶରେ ସତ୍ୟ। କାରଣ ପାକିସ୍ତାନକୁ ବି୍ଵାସ ନାହିଁ ଏବେ ବି ପାକିସ୍ତାନରେ ଆତଙ୍କବାଦର ମଞ୍ଜି ରହିଛି। ସୁଯୋଗ ଦେଖି ସେମାନେ ପୁଣି ଭାରତକୁ ଟାର୍ଗେଟ କରିବେ। ପୁଣି ପହଲଗାମ ଭଳି ଘଟଣା ହେବ। ନିରୀହ ବ୍ୟକ୍ତି ପ୍ରାଣ ହରାଇବେ। ଭାରତର ଆକ୍ରମଣ ବେଳେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ମଧ୍ୟ ଉତ୍ସାହିତ ହୋଇ ପାକିସ୍ତାନ ବିରୋଧରେ ଯୁଦ୍ଧ ଘୋଷଣା କଲା ଏବଂ ସ୍ୱାଧୀନ ବେଲୁଚିସ୍ତାନ ଘୋଷଣା କରାଗଲା। ପାକିସ୍ତାନରେ ଏକ ପ୍ରକାର ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲା। କିନ୍ତୁ ଭାରତ ଏଥିରୁ ଫାଇଦା ଉଠାଇବା ପରିବର୍ତ୍ତେ ଯୁଦ୍ଧ ବନ୍ଦ କରି ଦେଲା। ଏହାକୁ ଅନେକ ସମାଲୋଚନା କରୁଛନ୍ତି ଏବଂ ମୋଦିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରୁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ତିନି ବାହିନୀକୁ ପାକିସ୍ତାନ ବିରୋଧରେ ପଦକ୍ଷେପ ଲାଗି ସ୍ୱାଧୀନତା ପ୍ରଦାନ କରିଥିଲେ। କିନ୍ତୁ ଯୁଦ୍ଧ ବନ୍ଦ ଲାଗି ସରକାର ନିଷ୍ପତ୍ତି ନେଲେ। ବାସ୍ତବରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଧୁରା ରହିଗଲା। ଯଦିଓ ଅପରେସନ ସିନ୍ଦୁରରେ ପାକିସ୍ତାନ ବିପୁଳ କ୍ଷତି ସହିଛି, କିନ୍ତୁ ଏହା ଯଥେଷ୍ଟ ନୁହେଁ। ଏହା ସହିତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ସହାୟତାକୁ ମଧ୍ୟ ଭାରତ ବନ୍ଦ କରିବାରେ ବିଫଳ ହେଲା। ଏହା ଭାରତର ଏକ ନୈତିକ ପରାଜୟ ଥିଲା। ତେବେ ଯୁଦ୍ଧବିରତିର ଅସଲ କାରଣ କ'ଣ , ଭାରତ କାହିଁକି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଗଲା ସେ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଉଚିତ। ଉଭୟ ଭାରତ ଏବଂ ପାକିସ୍ତାନ ପରାମଣୁ ଶକ୍ତିର ଅଧିକାରୀ। ପାକିସ୍ତାନ ଯେପରି ଭୟଭୀତ ହୋଇପଡ଼ିଥିଲା, ସେଥିରେ ଆତ୍ମରକ୍ଷା ନିମନ୍ତେ ଭାରତ ବିରୋଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ଯଥେଷ୍ଟ ଆଶଙ୍କା ଥିଲା। ଜବାବରେ ଭାରତ ମଧ୍ୟ ଅନୁରୂପ ପଦକ୍ଷେପ ନେଇଥାଆନ୍ତା। ଏହା ଫଳରେ ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ହେବାର ଆଶଙ୍କା ଥିଲା। ସମ୍ଭବତଃ ଏହାକୁ ଆଶଙ୍କା କରି ଟ୍ରମ୍ପ ଯୁଦ୍ଧ ବିରତି ଲାଗି ଉଦ୍ୟମ କଲେ। ପାକିସ୍ତାନ ଆମେରିକାର ଶରଣ ପଶିଥିଲା ଏବଂ ସମ୍ଭବତଃ ପରାମାଣୁ ଅସ୍ତ୍ର ପ୍ରୟୋଗ କରିବାର ଧମକ ମଧ୍ୟ ଦେଇଥିବ। ତେଣୁ ଟ୍ରମ୍ପ ଯୁଦ୍ଧ ବନ୍ଦ ଲାଗି ଉଭୟ ପକ୍ଷ ସହ ଆଲୋଚନା କରିଥିଲେ। ସେ ଦୃଷ୍ଟିରୁ ଯୁଦ୍ଧ ବନ୍ଦ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ମନେ ରଖିବାକୁ ପଡ଼ିବ ଯେ, ପାକିସ୍ତାନର ଚରିତ୍ର କେବେ ବି ବଦଳିବ ନାହିଁ ଏବଂ ଏହାର ଭାରତ ବିରୋଧୀ ଆଭିମୁଖ୍ୟ ଅପରିବର୍ତ୍ତିତ ରହିବ। ଏଭଳି ପରିସ୍ଥିତିରେ ଭାରତ ପାକିସ୍ତାନ ସହ ଯୁଦ୍ଧ ନୁହେଁ, ଆତଙ୍କବାଦ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଉଚିତ। ଏହି ସ୍ୱଳ୍ପ କାଳୀନ ଲଢ଼େଇରୁ ଭାରତ ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବାର ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ଲଢୁଆ ବିମାନ, ଯୁଦ୍ଧ ଜାହାଜ ଏବଂ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ଉଚିତ। ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ସହ ସାଲିସ କରାଯିବା ଅନୁଚିତ। ଏଥର ଲଢ଼େଇରେ ରାଫେଲ ଏବଂ ଏସ-୪୦୦ କିପରି ଉପଯୋଗୀ ହେଲା ତାହା ସମସ୍ତେ ଜାଣିଲେ। ଏହାଠାରୁ ବହୁ ଅଧିକ ଶକ୍ତିଶାଳି ବିମାନ ଏବଂ ଅସ୍ତ୍ରଶସ୍ତ୍ର ତଥା କ୍ଷେପଣାସ୍ତ୍ରର ଆବଶ୍ୟକତା ରହିଛି। ତେବେ ଏହାକୁ ବିଦେଶରୁ କିଣିବା ଅପେକ୍ଷା ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ କରାଗଲେ ତାହା ସ୍ୱାଗତ ଯୋଗ୍ୟ ହେବ।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀଳାଦ୍ରି ବିଜେ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଅତି ଆନନ୍ଦ ଓ କୋଟି ଓଡିଆଙ୍କ ଉତ୍କଣ୍ଠାର ଦିନ ମହାପ୍ରଭୁଙ୍କର ନିଳାଦ୍ରି ବିଜେ। ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କ ସନ୍ଧ୍ୟାଧୂପ ନୀତି ପରେ ଗୋଟି ପହଣ୍ଡିରେ ନୀଳାଦ୍ରି ବିଜେ କରନ୍ତି ତିନି ଠାକୁର। ବର୍ଷକୁ ଗୋଟିଏ ଦିନ ନୀଳାଦ୍ରି ବିଜେ ସମୟରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ପରମ୍ପରା ଅନୁଯାୟୀ ଶ୍ରୀଜୀଉ ମାନଙ୍କ ସୁନାବେଶ ଓ ଅଧରପଣାର ପରଦିନ ଶ୍ରୀବିଗ୍ରହ ମାନେ ଗୋଟି ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରି ରତ୍ନ ସିଂହାସନାଧିଷ୍ଠିତ ହୋଇଥାନ୍ତି। ପ୍ରଥମେ କୃଷ୍ଣବଳରାମ, ମଦନ ମୋହନଙ୍କୁ ଦକ୍ଷିଣ ଘରକୁ ବିଜେ କରାଯିବା ପରେ ଶ୍ରୀସୁଦର୍ଶନ ଓ ପରେ ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁରଙ୍କୁ ରତ୍ନ ସିଂହାସନକୁ ବିଜେ କରାଯାଏ। ଚାରମାଳ ଆସିବା ପରେ ଭେଟ ମଣ୍ଡପରେ ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ ଭେଟ ନୀତି କରାଯାଇଥାଏ। ଶାସ୍ତ୍ରରେ ଯଦି ଓ ଉଲ୍ଲେଖ ରହିଛି ଦ୍ୱାଦଶୀ ଦିନ ମହାପ୍ରଭୁ ନୀଳାଦ୍ରି ବିଜେ କରନ୍ତି, କିନ୍ତୁ ପ୍ରକୃତ ପକ୍ଷେ ଏକାଦଶୀ ଦିନ ସୁନାବେଶ, ଦ୍ୱାଦଶୀରେ ଅଧରପଣା ଓ ତ୍ରୋୟଦଶୀ ତିଥିରେ ନୀଳାଦ୍ରି ବିଜେ ହୋଇଥାଏ। ଏହି ପରମ୍ପରା ଦୀର୍ଘ ଅନେକ ବର୍ଷ ଧରି ଅନୁସୃତ ହୋଇ ଆସୁଅଛି। ଶ୍ରୀଜଗନ୍ନାଥ ଚେତନାରେ ଶ୍ରୀଜୀଉଙ୍କ ର ଅନେକ ଅନ୍ତରଙ୍ଗ ନୀତି ଗୋପନୀୟ ଓ ଅବର୍ଣ୍ଣନୀୟ।

ବର୍ଷକୁ ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ନୀଳାଦ୍ରିବିଜେ ସମୟରେ ଜଗନ୍ନାଥ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରାଯାଏ। ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରଂପରାର ଗୋଟିଏ ବିଶେଷତ୍ୱ ହେଉଛି ' ରଥଯାତ୍ରା'ର ଅନ୍ତିମ ଉତ୍ସବ ' ନୀଳାଦ୍ରି ବିଜେ ' ରେ ରସଗୋଲା ଭୋଗର ପାରମ୍ପରିକ ପ୍ରଚଳନ ଅଛି। ଭିତରଚ୍ଛ ମହାପାତ୍ରଙ୍କ ନିଜସ୍ଵ ଗୃହରେ ଅତ୍ୟନ୍ତ ଶୁଦ୍ଧ ପୂତ ଭାବରେ ଏହି ରସଗୋଲା ତିଆରି ହୋଇଥାଏ।ପରମ୍ପରା ଅନୁସାରେ ବିଭିନ୍ନ ମଠ ଏବଂ ସେବକ ନିଯୋଗ ପକ୍ଷରୁ ପ୍ରଭୁଙ୍କୁ ପଂକ୍ତିଭୋଗ କରାଯାଏ। ନୀଳାଦ୍ରି ବିଜେ ଦିନ ରଥ ଉପରେ ଠାକୁରମାଙ୍କର ସନ୍ଧ୍ୟା ଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ଏହାପରେ ଦର୍ଶନ ନିମିତ୍ତ କିଛି ସମୟ ଭକ୍ତମାନଙ୍କୁ ରଥ ଉପରୁ ଛଡା ଯାଇଥାଏ। ପ୍ରଥମେ ବିଜେ କାହାଳି ବାଜିବା ପରେ ବନ୍ଦାପନା ଓ ଡୋରି ଲାଗି ନୀତି ହୋଇଥାଏ। ପୁଷ୍ପାଳକ ମହାଜନମାନେ ସର୍ବପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣି ଘରକୁ ବିଜେ କରାଇଥାନ୍ତି। ତତ୍ପରେ ଗୋଟି ପହଣ୍ଡି କ୍ରମରେ ସୁଦର୍ଶନ , ବଳଭଦ୍ର, ସୁଭଦ୍ରାଙ୍କ ପହଣ୍ଡି ହୋଇ ଗମ୍ଭୀରାକୁ ବିଜେ କରାଯାଏ। ପହଣ୍ଡି ବିଜେ ପୂର୍ବରୁ ରତ୍ନସିଂହାସନ ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ ଓ ଅଖଣ୍ଡ ବଇଠା ବସେ। ଠାକୁରମାନେ ପହଣ୍ଡିରେ ଆସିବାବେଳେ ମନ୍ଦିର ପରିସରସ୍ଥ ଶୁଆଶାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ବଢିଥାଏ। ଜଗମୋହନଠାରେ ମଧ ଏହି ନୀତି ପାଳିତ ହୋଇଥାଏ। ସୂଚନାଯୋଗ୍ୟ ଯେ, ଗୁଣ୍ଡିଚା ମନ୍ଦିରଠାରେ ରଥ ଉପରୁ ଠାକୁରମାନେ ଗୁଣ୍ଡିଚା ଘର ରତ୍ନସିଂହାସନକୁ ପହଣ୍ଡି ବିଜେ କରିବା ସମୟରେ ରଥ ଉପରେ ଯେଉଁ ପ୍ରକାର ନୀତି ଅନୁସୃତ ହୋଇଥାଏ, ଠିକ୍ ସେହିପରି ସିଂହଦ୍ୱାରଠାରେ ନୀଳାଦ୍ରି ବିଜେ ପହଣ୍ଡିରେ ସମ ନୀତି ପାଳିତ ହୁଏ।

ଶ୍ରୀମନ୍ଦିରର ପାରମ୍ପରିକ ପ୍ରଥା ଅନୁସାରେ ନୀଳାଦ୍ରି ବିଜେରେ ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା ଶ୍ରୀମନ୍ଦିରରେ ପ୍ରବେଶ କରିବା ପରେ ଦେବୀ ଲକ୍ଷ୍ମୀଙ୍କ ଆଦେଶରେ ଦାସୀମାନେ ଶ୍ରୀମନ୍ଦିର ଦ୍ଵାର ରୁଦ୍ଧ କରି ଦିଅନ୍ତି। ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରରେ ପ୍ରବେଶ କରି ନପାରି ଶ୍ରୀଜଗନ୍ନାଥ ଦାସୀଙ୍କ ମାଧ୍ୟମରେ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଅନୁରୋଧ କରିବା ପରେ ଦେବୀ ଲକ୍ଷ୍ମୀ ଦ୍ଵାର ଖୋଲନ୍ତି। ସହଚରୀମାନେ ଯାଇ ଦେବୀ ଲକ୍ଷ୍ମୀଙ୍କୁ ବିନୟ ବଚନ ସମ୍ବଳିତ ଶ୍ରୀଜଗନ୍ନାଥଙ୍କ ଅନୁରୋଧ ଜଣାଇବା ପରେ , ଲକ୍ଷ୍ମୀଦେବୀ ତାଙ୍କର ଛଦ୍ମ କଠୋରତା ପରିହାର କରି , ଆନନ୍ଦ ବିହ୍ୱଳ ଚିତ୍ତରେ ଶ୍ରୀମନ୍ଦିରର ଦ୍ୱାର ଖୋଲି ଦେବାପାଇଁ ସେମାନଙ୍କୁ ଆଦେଶ ଦେଇଛନ୍ତି। ଶ୍ରୀମନ୍ଦିରରେ ନୀଳାଦ୍ରି ବିଜେ ନୀତିର ପାରମ୍ପରିକ ପ୍ରଥା ଅନୁଯାୟୀ। ଏହା ପରେ ଦାସୀ ବା ସହଚରୀ ଭୂମିକାରେ ଥିବା ସେବକମାନେ ଶ୍ରୀମନ୍ଦିରର କବାଟ ଖୋଲି ଦିଅନ୍ତି ଏବଂ ପ୍ରଭୁ ଭିତରକୁ ବିଜେ କରନ୍ତି। ଭଣ୍ଡାର ଦ୍ଵାର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ ସହିତ ବିବାହ ଗଇଣ୍ଠାଳ ଫିଟା ହୁଏ ଏବଂ ସେହି ଅପୂର୍ବ ମିଳନ ମୁହୂର୍ତ୍ତରେ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ଲକ୍ଷ୍ମୀଦେବୀଙ୍କ ମାନଭଞ୍ଜନ ଜନିତ ମଧୁର ନିଦର୍ଶନ ସ୍ୱରୂପ ରସଗୋଲା ଭୋଗ ଅର୍ପିତ ହୁଏ। ଏହା ପରେ ଘସା, ବିଡିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ରସଗୋଲା ଭୋଗ ହୋଇଥାଏ। ଗଇଣ୍ଠାଳର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି , ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ରୁକ୍ମିଣୀ ହରଣ ପରେ ଶ୍ରୀଜଗନ୍ନାଥଙ୍କର ଯେଉଁ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ , ତାହା ପରେ ପରେ ପ୍ରଭୁ ସ୍ନାନଯାତ୍ରାକୁ ଆସି ସ୍ନାନନୀତି ପରେ ଜ୍ୱରରେ ପଡ଼ି ଅଣସର ରେ ରୁହନ୍ତି ଏବଂ ସେବକଙ୍କ ଦ୍ଵାରା ଗୁପ୍ତ ନୀତି ତଥା ଚିକିତ୍ସା ପରେ ମହାପ୍ରଭୁ ଜ୍ୱରରୁ ଉଠିବା ପରେ ନବଯୌବନ ଦର୍ଶନ ଦେଇ ମାଆ ଲକ୍ଷ୍ମୀ ଙ୍କୁ ମନ୍ଦିରରେ ଏକାକୀ ଛାଡି ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ଗୁଣ୍ଡିଚାଘରକୁ ଘୋଷଯାତ୍ରାରେ ବାହାରି ଯାଆନ୍ତି। ତେଣୁ ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଦିନ ପଡ଼ିଥିବା ବିବାହ ଗଇଣ୍ଠାଳ ଫିଟିପାରି ନଥାଏ। ସେହି ଗଇଁଠାଳ ଫିଟେ ରଥଯାତ୍ରା ର ଶେଷ ପର୍ବ ' ନୀଳାଦ୍ରି ବିଜେ ' ଦିନ। ପୁରୀର ଶ୍ରୀଜଗନ୍ନାଥ ମନ୍ଦିରରେ ବହୁ ଶତାବ୍ଦୀ ଧରିନୀଳାଦ୍ରି ବିଜେ ଦିନ ମହାଲକ୍ଷ୍ମୀଙ୍କ ମାନଭଞ୍ଜନର ମଧୁର ନୈବେଦ୍ୟ ଭାବରେ ରସଗୋଲା ଭୋଗ ଅର୍ପିତ ହୋଇ ଆସୁଅଛି। କେବଳ ସେତିକି ନୁହେଁ, ଶ୍ରୀଜଗନ୍ନାଥଙ୍କ ସେବା ପୂଜା ସହିତ ଜଡ଼ିତ ବଡ଼ ଓଡ଼ିଆ ମଠ, ଉତ୍ତର ପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ , କଟକୀ ମଠ , ନେବଳ ଦାସ ମଠ ଓ ରାଧାଶ୍ୟାମ ମଠ ଆଦିରେ ମଧ ରସଗୋଲା ଭୋଗ ୩୦୦ ବର୍ଷ ହେଲା ପ୍ରଚଳିତ ଥିବା ଜଣାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀକ୍ଷେତ୍ରର ଏହି ମଠ , ଯାହାର କି ରସଗୋଲା ଭୋଗ ଜଗମୋହନକୁ ଆସି ଶ୍ରୀଜଗନ୍ନାର୍ଥ ଓ ଶ୍ରୀଦେବୀ ( ମହାଲକ୍ଷ୍ମୀ ) ଙ୍କର ବିବାହ ଗଇଣ୍ଠାଳ ଫିଟିବା ସମୟରେ ଜନୈକ ପୂଜାପଣ୍ଡା ସେବକଙ୍କ ଦ୍ଵାରା ସର୍ପମଣୋହି ବିଧିରେ ଶ୍ରୀଜଗନ୍ନାଥଙ୍କୁ ନିବେଦିତ ହୋଇଥାଏ। ଏହାର ପରଂପରା ପ୍ରାୟ ୩୦୦ ବର୍ଷର କୁହଯାଏ। ତେବେ ଦାଣ୍ଡି ରାମାୟଣ ରସଗୋଲା ଉକ୍ତି ଅନୁସାରେ ଓଡ଼ିଶା ରସଗୋଲାର ୫୦୦ ବର୍ଷର ପ୍ରମାଣ। ଏହା ସହିତ ନୀନାଦ୍ରି ବିଜେ ଦିନ ଏହା ପରଂପରା କ୍ରମେ ଶ୍ରୀଜଗନ୍ନାଥ ଓ ମାଆ ମହାଲକ୍ଷ୍ମୀଙ୍କୁ ଭୋଗ ରୂପେ ଅର୍ପିତ ହେବା ମଧ ସ୍ପଷ୍ଟ ଓ ଦୃଢ ଭାବରେ ପ୍ରମାଣ କରେ ଯେ ଓଡ଼ିଶା ହିଁ ରସଗୋଲାର ଆଦିଭୂମି। ଧନ୍ୟ ସେ ମହାପ୍ରଭୁ ଧନ୍ୟ ତାଙ୍କର ଲୀଳା !

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଅପମିଶ୍ରଣକାରୀଙ୍କୁ କଠୋର ଶାସ୍ତି ମିଳୁ



ଆଶୁତୋଷ ନାୟକ

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ଵାମୀ ଇଶ୍ଵରଙ୍କ ସବୁଠାରୁ ଶେଷ୍ଠ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶେଷ୍ଠଜୀବ ମନୁଷ୍ୟ।ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ।ଶାସ୍ତ୍ରରେ ଏହା ବର୍ଣ୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂଲଭ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ବିଶ୍ୱର ଶେଷ୍ଠ ଜୀବ ବୋଲି ଡିଣ୍ଡିମ ପିଟୁଥିବା ମନୁଷ୍ୟ ଅନେକ କ୍ଷେତ୍ରରେ ମାନବିକତା ଶୂନ୍ୟ ଏବଂ ସମ୍ବେଦନହୀନତାର ପରିଚୟ ଦେଇ ସମଗ୍ର ମାନବ ଜାତିକୁ କଳଙ୍କିତ କରିଛି।ଏପରି ଅନେକ ଦୃଷ୍ଟାନ୍ତ ରହିଛି।ଏକବିଂଶ ଶତାବ୍ଦୀର ଅର୍ଥସର୍ବସ୍ୱ ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସବୁକିଛି ହୋଇପଡ଼ିଛି ତା ପାଖରେ ଦୟା, ମାନବିକତା, ପ୍ରେମ, ସ୍ନେହ, ମମତା, ଆବିଳତା ଯେପରି ମୂଲ୍ୟହୀନ ହୋଇପଡ଼ିଛି।ସାମାନ୍ୟ ଅର୍ଥ ଲାଳସାରେ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ଲୋଭରେ ଆମ ସମାଜରେ ଅନେକ ବ୍ୟକ୍ତି ଖାଦ୍ୟଦ୍ରବ୍ୟ ଠାରୁ ଆରମ୍ଭ କରି ଜୀବନ ରକ୍ଷାକାରୀ ମେଡ଼ିସିନ ପ୍ରଯ୍ୟନ୍ତ ବ୍ୟାପକ ଅପମିଶ୍ରଣ କରି ଅନେକ ନିରୀହ ବ୍ୟକ୍ତିଙ୍କ ଜୀବନକୁ ବିପଦରେ ପକାଉଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ବିଶ୍ୱର ଜନସଂଖ୍ୟା ଯେପରି କ୍ଷିପ୍ର ବେଗରେ ବଢ଼ିଚାଲିଛି ତାର କଳ୍ପନା କରିବା ଅସମ୍ଭବ।ଆମ ରାଷ୍ଟ୍ର ଭାରତ ଆଉ ଅଳ୍ପ କିଛି ଦିନ ମଧ୍ୟରେ ବିଶ୍ୱର ସର୍ବବୃହତ୍ତ ଜନସଂଖ୍ୟା ଥିବା ରାଷ୍ଟ୍ର ଚୀନକୁ ମଧ ପଛରେ ପକାଇ ଦେବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଜନସଂଖ୍ୟାର ଅହେତୁକ ବୃଦ୍ଧି ଆମ ରାଷ୍ଟ୍ର ଭାରତ ପାଇଁ ଏବେ ମୁଣ୍ଡ ବ୍ୟଥାର କାରଣ ସାଜିଛି। ୧୪୦କୋଟି ଜନସଂଖ୍ୟା ବିଶିଷ୍ଟ ଆମ ରାଷ୍ଟ୍ର ଭାରତର ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ଅସାଧୁ ବ୍ୟବସାୟୀ, ଅସାମାଜିକ ତତ୍ତ୍ୱ, କିଛି କଳକାରଖାନାର ମାଲିକଙ୍କ ପ୍ରତେକ୍ଷ୍ୟ ଏବଂ ପରୋକ୍ଷ ପ୍ରରୋଚନାରେ ବିଭିନ୍ନ ଅପମିଶ୍ରିତ ଖାଦ୍ୟର ବିକ୍ରୟ କରାଯାଉଛି।ପ୍ରଚୁର ଅର୍ଥ ଉପାର୍ଜନ ଲାଳସାରେ ଅସାଧୁ ବ୍ୟବସାୟୀ ଖାଦ୍ୟଦ୍ରବ୍ୟ, ପନିପରିବାରେ ଅପମିଶ୍ରଣ କରୁଛନ୍ତି, ଏହା ଛଡା ବିଭିନ୍ନ ରାସାୟନିକ ପଦାର୍ଥର ଉପଯୋଗ ବିଭିନ୍ନ ମସଲା ଜାତ ଦ୍ରବ୍ୟ, ପନିପରିବା, ଶସ୍ୟଜାତୀୟ ଦ୍ରବ୍ୟରେ ବହୁଳ ମାତ୍ରାରେ କରାଯାଉଛି। ଅନେକ ସମୟରେ ଏହା ଦୃଷ୍ଟିଗୋଚର ହୁଏ କି ମାଛକୁ ଅଧିକ ଦିନ ସତେଜ ରଖିବା ପାଇଁ ଏଥିରେ ହାନିକାରକ ଫର୍ମାଲ ଡିହାଇଡ଼ ମିଶାଯାଏ। ସାଧାରଣତଃ ମୃତ୍ୟୁ ପରେ ମନୁଷ୍ୟର ଶବକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ଫର୍ମାଲ ଡିହାଇଡ଼ ବ୍ୟବହାର କରାଯାଏ। ଫର୍ମାଲ ଡିହାଇଡ଼ ମିଶାଯାଉଥିବା ମାଛର ଗାଲି ଅତ୍ୟଧିକ ଲାଲ ଓ ଆଖି ଅଧିକ ସଫା ଦେଖାଯାଏ।କେମିକାଲ ମିଶା ମାଛକୁ ଚୋବାଇବା ସମୟରେ ଏହା ରବର ଭଳି ଲାଗିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଫର୍ମାଲ ଡିହାଇଡ଼ ବ୍ୟବହାର ଦ୍ଵାରା ଅନେକ ସ୍ୱାସ୍ଥ୍ୟସମସ୍ୟା ଦେଖାଯାଇଥାଏ।

ଏବେ ନିକଟରେ ଅନେକ ଘଟଣା ସାମନାକୁ ଆସିଛି ଯେପରିକି ମାଛରେ ଫର୍ମାଲିନ ପ୍ରଲେପ, ଚିକେନରେ ଆଣ୍ଟିବାୟୋଟିକ ଓ ହରମୋନ ଇଞ୍ଜେକ୍ସନ ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିଭଳି ଅପମିଶ୍ରିତ ଖାଦ୍ୟର ସେବନ ଦ୍ଵାରା ଆଖି, ନାକ, ଏବଂ ଗଳାରେ ଗମ୍ଭୀର ସମସ୍ୟା ଦେଖାଯାଏ। ଏବେ ବଜାରରେ ମିଳୁଥିବା ଆମ୍ବ, ପଣସ, କଦଳୀ କୁ ପଚାଇବା ପାଇଁ ବହୁଳ ମାତ୍ରାରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଦ୍ଵାରା କ୍ୟାନସର ହେବାର ସମ୍ଭାବନା ଅଧିକ ଥାଏ। କ୍ୟାଲସିୟମ କାର୍ବାଇଡ଼ ବ୍ୟବହାର ଉପରେ ନିଷେଧାଦେଶ ଥିବା ସତ୍ତ୍ୱେ ଅସାଧୁ ବ୍ୟବସାୟୀ ମାନେ ସରକାରଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଖୋଲାଖୋଲି ଏହି ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର କରୁଛନ୍ତି।ଏହିଭଳି ଅସାମାଜିକ ତତ୍ତ୍ୱ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଛନ୍ତି।ଅନେକ ସମୟରେ ଲୋକମାନେ ଅଭିଯୋଗ କରିଥାନ୍ତି କି ଅସାଧୁ ବ୍ୟବସାୟୀ ଓ ଖାଦ୍ୟସୁରକ୍ଷା ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ଏହା ସଂଘଟିତ ହୋଇଥାଏ। ସାଧାରଣ ଲୋକଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନେତା, ମନ୍ତ୍ରୀ, ପୋଲିସ ପ୍ରଶାସନ ନୀରବଦ୍ରଷ୍ଟା ଏବଂ ସଦାସର୍ବଦା କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥାନ୍ତି। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ମନୁଷ୍ୟ ଅଧିକ ଟଙ୍କା ଲାଭ କରିବା ଆଶାରେ ଆମେ ଖାଉଥିବା ଖାଦ୍ୟପଦାର୍ଥ ଯେପରିକି ହଳଦୀ, ବିଭିନ୍ନ ମସଲା, ରସୁଣ, ପିଆଜ, ଅଦା ପନିପରିବା ଠାରୁ ଆରମ୍ଭ କରି ଅଣ୍ଡା, ମାଛ, ମାଂସ ପରି ଅଧିକାଂଶ ଖାଦ୍ୟସାମଗ୍ରୀରେ ଅପମିଶ୍ରଣ କରାଯାଉଛି।ବିଭିନ୍ନ କେମିକାଲ, ହରମୋନ ଇଞ୍ଜେକ୍ସନ, ବିଭିନ୍ନ ସିଂଥଂଟିକ ପଦାର୍ଥ ବହୁଳ ମାତ୍ରାରେ ବ୍ୟବହୃତ ହେଉଛି। ଏପରିକି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରିକି ଲସି, ଦହି, ଦୁଗ୍ଧର ଉତ୍ପାଦ ପନିର ପରି ସାମଗ୍ରୀରେ ମଧ ବ୍ୟାପକ ଅପମିଶ୍ରଣ କରାଯାଉଛି।

ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏବେ ନିକଟରେ କଟକ ଜଗତପୁର ମହାନଦୀ ପଠା ଜଙ୍ଗଲରୁ ଏକ ଅପମିଶ୍ରିତ କ୍ଷୀର କାରଖାନା ଠାବ କରାଯାଇଛି।ରୋହିଣୀ ମିଲ୍କ ନାମକ ଏହି କାରଖାନାରେ ଗୋମାତାର କ୍ଷୀର ବଦଳରେ ବିଭିନ୍ନ ପାଉଡର ଓ କେମିକାଲରେ ଦୁଗ୍ଧ, ଦହି, ଲସି ପ୍ରସ୍ତୁତ କରାଯାଇ ବଜାରକୁ ବିକ୍ରୟ ପାଇଁ ଯାଉଥିଲା।ଦୀର୍ଘ ଛଅ ମାସ ଧରି ଏହି ଖାଦ୍ୟ ଅପମିଶ୍ରଣକାରୀ ମାଫିଆ ମାନେ ସରକାର ଓ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଏତାଦୃଶ କୁକର୍ମ ନିର୍ଭୟରେ କରିଆସୁଥିଲେ। ଯାଞ୍ଚ ସମୟରେ କମ୍ପାନୀର ଦୁଗ୍ଧ ଏବଂ ଦୁଗ୍ଧ ଜାତୀୟ ଖାଦ୍ୟଦ୍ରବ୍ୟର ପ୍ରସ୍ତୁତି ପ୍ରଣାଳି ଦେଖି ଚଢ଼ଉକାରୀ ଦଳ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।ଗୋମାତା କିମ୍ବା ମଇଁଷି କ୍ଷୀର ବଦଳରେ ନକଲି କ୍ଷୀର ପାଉଡରରେ ଲୁଣ, କଷ୍ଟିକ ସୋଡ଼ା, ସୋଡିୟମ ହାଇଡ୍ରୋକ୍ସାଇଡ ଓ ଦୂଷିତ ଜଳ ମିଶ୍ରଣ କରି କ୍ଷୀର ପ୍ରସ୍ତୁତ କରାଯାଉଥିଲା।ଏହାପରେ କୌଣସି ପରୀକ୍ଷା କରାନଯାଇ ଏହାକୁ ବଜାରରେ ବିକ୍ରୟ କରାଯାଉଥିଲା।ଜଙ୍ଗଲ ଭିତରେ ପ୍ରସ୍ତୁତ ହେଉଥିବା ଏହି ଅପମିଶ୍ରିତ ଖାଦ୍ୟଦ୍ରବ୍ୟକୁ କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ପରି ସ୍ଥାନରେ ବହୁଳ ମାତ୍ରାରେ ବିକ୍ରୟ କରାଯାଉଥିଲା। ସମାନ ଶୈଳୀରେ ଦହି ଓ ଲସି ପ୍ରସ୍ତୁତ କରାଯାଇ ଏହାକୁ ବଜାରରେ ବିକ୍ରୀ କରାଯାଉଥିଲା।ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଏହିପରି ଅପମିଶ୍ରିତ ଖାଦ୍ୟ ସେବନ କରିବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ କ୍ଷତିକାରକ। ଅପମିଶ୍ରିତ ଦୁଗ୍ଧର ସେବନ ଦ୍ଵାରା ହେପାଟାଇଟିସ, ଜଣ୍ଡିସ, ଡାଇବେଟିସ ଓ କ୍ରନିକ ଡିସେଣ୍ଟ୍ରି ପରି ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।ବିଶେଷକରି ଶିଶୁ, ମହିଳା, ରୋଗୀ ଓ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା ଜଟିଳ ସମସ୍ୟା ସୃଷ୍ଟି କରେ।

ନିୟମିତ ବ୍ୟବଧାନରେ ଓଡ଼ିଶାର କଟକ, ଭୁବନେଶ୍ୱର ପରି ଅନେକ ଛୋଟ ବଡ଼ ସହର ଏବଂ ଗ୍ରାମାଞ୍ଚଳରେ ନକଲି କମ୍ପାନୀ ଏବଂ ଗୋଦାମ ଠାବ ହେଉଛି ଯେଉଁଠାରେ ବିପୁଳ ପରିମାଣରେ ଖାଦ୍ୟ ଅପମିଶ୍ରଣ କରାଯାଉଛି।ଅପମିଶ୍ରଣକାରୀ ଖାଦ୍ୟ ମାଫିଆ ମାନେ ନିର୍ଭୟରେ ଖୋଲାଖୋଲି ସରକାର ଓ ପ୍ରଶାସନର ଆଖିରେ ଆଙ୍ଗୁଠି ଗେଞ୍ଜି ଏତାଦୃଶ କୁକର୍ମ କରୁଛନ୍ତି। ଉଭୟ ସରକାର ଓ ବିରୋଧୀ ଦଳ ଭୋଟବ୍ୟାଙ୍କ ରାଜନୀତିରେ ମାତିଥିବା ବେଳେ ଏହିପରି ଗମ୍ଭୀର ସମସ୍ୟା ପ୍ରତି ଯେପରିକି ଆଖି ବୁଜି ଦେଇଛନ୍ତି।ଏଥିପ୍ରତି କାହାରି ନିଘା ନାହିଁ।କାଦୁଅ ଫିଙ୍ଗା ରାଜନୀତିରେ ବ୍ୟସ୍ତ ରହୁଥିବା କ୍ଷମତାଲୋଭୀ ନେତାମାନଙ୍କ ପାଇଁ ଏହି ସମସ୍ୟା ଯେପରିକି ଅପ୍ରାସଙ୍ଗିକ ହୋଇଯାଇଛି।ପୂର୍ବରୁ କଟକ ଜଗତପୁର ଅଞ୍ଚଳରେ ନକଲି ସୋୟାବିନ ବଡ଼ି, ଜର୍ଦା, ଗୁଟୁଖା, ସିମେଣ୍ଟ କାରଖାନା ପରେ ଏବେ ନିକଟରେ ନକଲି ଚାହାପତି କାରଖାନା ଠାବ ହୋଇଛି। ଏବେ ନିକଟରେ ଓକିଲ ମୋତିଲାଲ ଯାଦବ ବଜାରରେ ବିକ୍ରି ହେଉଥିବା ଚାଇନା ରସୁଣକୁ ନେଇ ଜନସ୍ୱାର୍ଥ ମାମଲା ଆହ୍ଲାବାଦ ହାଇକୋର୍ଟ ରେ ଦାୟର କରିଛନ୍ତି। କୀଟନାଶକ ଏବଂ ରାସାୟନିକ ପଦାର୍ଥରେ ପ୍ରସ୍ତୁତ ହେଉଥିବା ଚାଇନା ରସୁଣକୁ ଆମ ଦେଶରେ ୨୦୧୪ରୁ ନିଷିଦ୍ଧ କରାଯାଇଛି। ଏହି ରସୁଣ ଖାଇଲେ କ୍ୟାନସର ପରି ଭୟଙ୍କର ରୋଗ ହେଉଥିବାରୁ ସରକାର ଏହାକୁ ବନ୍ଦ କରିଛନ୍ତି। କେନ୍ଦ୍ରର ମୋଦି ସରକାର ଓ ପ୍ରଶାସନର ଆଖିରେ ଧୂଳିଦେଇ ୧୦ବର୍ଷ ଧରି କ୍ୟାନସର ସୃଷ୍ଟିକାରୀ ମାରାତ୍ମକ ଚାଇନା ରସୁଣ ବଜାରରେ ବିକ୍ରି କରାଯାଉଛି।ନେତା, ମନ୍ତ୍ରୀ, ଅଫିସରଙ୍କ ଛତ୍ରଛାୟା ତଳେ ବିଷାକ୍ତ ଖାଦ୍ୟ ମାଫିଆ କୋଟି କୋଟି ଟଙ୍କା କମାଉଛନ୍ତି।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଜୀବନ ରକ୍ଷାକାରୀ ମେଡ଼ିସିନ ଯେପରିକି କ୍ୟାନସର, ଉଚ୍ଚ ରକ୍ତଚାପ, ଡାଇବେଟିସ, ହାର୍ଟଆଟାକ ପରି ମାରାତ୍ମକ ରୋଗ ପାଇଁ ବ୍ୟବହୃତ ହେଉଥିବା ମେଡ଼ିସିନରେ ମଧ ଅପମିଶ୍ରଣ କରାଯାଉଛି। ଏବେ ନିକଟରେ ସିଏସଡିଏସଓ ଦ୍ଵାରା ପ୍ରକାଶ ପାଇଥିବା ତାଲିକାରେ ୫୩ଟି ମେଡ଼ିସିନ କ୍ୱାଲିଟି ଟେଷ୍ଟରେ ଫେଲ ମାରିଛି।୫ଟି ମେଡ଼ିସିନ ନକଲି ବୋଲି ରିପୋର୍ଟରେ କୁହାଯାଇଛି।କିଛି ଦିନ ପୂର୍ବରୁ ଅଗଷ୍ଟ ମାସରେ ୧୫୬ଫିକ୍ସଡ଼ ଡୋଜ ମିଶ୍ରିତ ମେଡ଼ିସିନ ଉପରେ ଲାଗୁହୋଇଛି ପ୍ରତିବନ୍ଧକ।ସବୁଠାରୁ ଆଶ୍ଚର୍ଯ୍ୟ ଏବଂ ଚିନ୍ତାଜନକ ବିଷୟ ଏହିକି ଘରେ ଘରେ ଜ୍ୱର ଓ ଥଣ୍ଡା ପାଇଁ ବ୍ୟବହୃତ ହେଉଥିବା ପାରାସିଟାମୋଲ ମେଡ଼ିସିନ ବି କ୍ୱାଲିଟି ଟେଷ୍ଟରେ ଫେଲ ମାରିଛି। ଇୟୁ ଦ୍ଵାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ଼ମିୟମ୍ ଭଳି କ୍ଷତିକାରକ ଉପାଦାନ ରହିଛି ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚିବା ସହ ନଷ୍ଟ କରିଦେବ। ସେହିପରି ୨୧ଟି ସାମଗ୍ରୀରେ କ୍ୟାଡ଼ମିୟମ୍ ଭଳି ଭାରୀ ଧାତୁ ରହିଛି। ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଅତି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ଵାରା କିଡ଼ନୀ ନଷ୍ଟ ହେବା ସହିତ ଶରୀରର ଅସ୍ଥି କ୍ଷତିଗ୍ରସ୍ତ ହୋଇଥାଏ ଏବଂ ଶ୍ୱାସପ୍ରଶ୍ୱାସ ଓ ହୃଦରୋଗ ଭଳି ଗମ୍ଭୀର ସମସ୍ୟା ଦେଖାଦେବାର ଅଧିକ ସମ୍ଭାବନା ରହିଛି।ଅଧିକ ଦିନ ଧରି କାଡ଼ମିୟମ୍ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ଵାରା ଫୁସଫୁସ କ୍ୟାନସର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଚୁର ଅର୍ଥ କମାଇବା ଲାଳସାରେ ଅନେକ ଅସାଧୁ ବ୍ୟବସାୟୀ, କମ୍ପାନୀ ମାଲିକ ଖାଦ୍ୟଦ୍ରବ୍ୟକୁ ଅଧିକ ଦିନ ସୁରକ୍ଷିତ ରଖିବା ପାଇଁ ସେଥିରେ ଅନେକ ହାନିକାରକ ରାସାୟନିକ ପଦାର୍ଥର ବ୍ୟବହାର କରୁଛନ୍ତି ଯାହାକି ଅନେକ ନିରୀହ ଲୋକଙ୍କର ଅକାରଣେ ଜୀବନ ପ୍ରଦୀପ ଲିଭିଯାଉଛି। ତେଣୁ ସମୟ ଆସିଛି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କାଦୁଅଫିଙ୍ଗା ରାଜନୀତିରୁ ଊର୍ଦ୍ଧ୍ଵକୁ ଉଠି ପରସ୍ପର ମିଳିତ ସହଯୋଗରେ ସାଧାରଣ ଲୋକଙ୍କ ଜୀବନ ସହ ସାଙ୍ଘାତିକ ଖେଳ ଖେଳୁଥିବା ଅସାମାଜିକ ତତ୍ତ୍ୱ ଯେଉଁମାନେ ଖାଦ୍ୟ ସାମଗ୍ରୀ, ପନିପରିବା, ମସଲା ଦ୍ରବ୍ୟ, ଫଳ, ଶସ୍ୟଜାତୀୟ ଦ୍ରବ୍ୟ ଆଦିରେ ଅପମିଶ୍ରଣ କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ଯେପରିକି ଭବିଷ୍ୟତରେ ଆଉ ଏପରି ଘଟଣାର ପୁନରାବୃତ୍ତି ନଘଟୁ।

**ଗୋପାଳପୁର, ବାଲେଶ୍ୱର, ମୋବାଇଲ୍: ୭୦୨୦୬୧୧୩୦୦**

# ଦାରିଦ୍ର୍ୟ ଦ୍ୱନ୍ଦ୍ୱ

ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)



ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ୨୭କୋଟିରୁ ଊର୍ଦ୍ଧ୍ୱ ଭାରତୀୟ ଦାରିଦ୍ର୍ୟରୁ ମୁକୁଳିଥିବା ନେଇ ଗତ ଜୁନ ମାସରେ ବିଶ୍ୱବ୍ୟାଙ୍କର ବୈଶ୍ୱିକ ଦାରିଦ୍ର୍ୟ ରିପୋର୍ଟ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ କୁହାଯାଇଥିଲା ଯେ, ୨୦୧୧-୧୨ରେ ଭାରତର ଦାରିଦ୍ର୍ୟ ହାର ୨୭ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହି ହାର ୫.୩ ପ୍ରତିଶତକୁ ହ୍ରାସ ପାଇଛି। କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ବହୁବିଧ ଦାରିଦ୍ର୍ୟ ଦୂରିକରଣ ଯୋଜନା ଓ କାର୍ଯ୍ୟକ୍ରମ ଯୋଗୁଁ ଭାରତରେ ଦାରିଦ୍ର୍ୟ ହାର ହ୍ରାସ ପାଇଥିବା କୁହାଯାଇଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ଼କାରି ନିକଟରେ ଦେଶରେ ଦାରିଦ୍ର୍ୟ ନେଇ ଯାହା କହିଛନ୍ତି, ତାହା ନିଶ୍ଚିତ ଭାବେ ଗୁରୁତ୍ୱ ବହନ କରେ। ଗଡ଼କାରୀ କହିଛନ୍ତି ଯେ, ଦେଶରେ ଧନୀଙ୍କ ସମ୍ପତ୍ତି ବଢ଼ିଚାଲିଥିବାବେଳେ ଏହା ସହିତ ତାଳଦେଇ ଗରିବୀ ବଢ଼ିଚାଲିଛି। ଦେଶର ସର୍ବାଧିକ ସମ୍ପତ୍ତି ୫ପ୍ରତିଶତ ଧନୀଙ୍କ ନିକଟରେ ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିବାବେଳେ ଏହା ହିଁ ଗରିବୀ ବଢ଼ିବା କ୍ରମବର୍ଦ୍ଧିଷ୍ଣୁ ଆର୍ଥୀକ ଅସମାନତାର ଦୃଷ୍ଟାନ୍ତ ବୋଲି ଗଡ଼କାରୀ ଦର୍ଶାଇଛନ୍ତି। ତେଣୁ ଦେଶରେ ଦାରିଦ୍ର୍ୟ ହାର ହ୍ରାସ ପାଇବା ନେଇ ଦ୍ୱନ୍ଦ ଉପୁଜିବା ସ୍ୱାଭାବିକ। ଏକ ସର୍ଭେ ରିପୋର୍ଟରେ ତଥ୍ୟ ଅନୁଯାୟୀ ଦେଶର ମୋଟ ଜନସଂଖ୍ୟାର ୧୩ପ୍ରତିଶତ ଅର୍ଥାତ ୧୯କୋଟି ଲୋକ ରାତିରେ ପେଟ ପୁରା ନଖାଇ ଅଧା ଭୋକିଲା ପେଟରେ କାଳାତିପାତ କରିଥାନ୍ତି। ଯାହାକି ଦାରିଦ୍ର୍ୟର ପ୍ରମାଣ ବୋଲି କୁହାଯାଇପାରେ। କେବଳ ଏତିକି ନୁହେଁ, ଅତ୍ୟାବଶ୍ୟକୀୟ ପୁଷ୍ଟିକର ଖାଦ୍ୟର ଅଭାବ ଉଭୟ ଶାରୀରିକ ବୃଦ୍ଧି ଓ ସ୍ୱାସ୍ଥ୍ୟ ମଧ୍ୟ ପ୍ରଭାବିତ କରୁଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, କ୍ଷୁଧା ଏକ ସାଧାରଣ ଶରୀର ବା ସ୍ୱାସ୍ଥ୍ୟ ହାନିର କାରଣ। ଦାରିଦ୍ର୍ୟ ଏବଂ ଅମସାନତା ହେଉଛି ଜଣେ ବ୍ୟକ୍ତି ଯଥେଷ୍ଟ ପରିମାଣର ପୁଷ୍ଟିକାରଣ ଖାଦ୍ୟ ନପାଇବାର ମୁଖ୍ୟକାରଣ। କ୍ଷୁଧା ମଣିଷର ବିକାଶକୁ ସୀମିତ କରିଦିଏ। ଉଲ୍ଲେଖଯୋଗ୍ୟ ଭାରତ ଓ ବିଶ୍ୱବ୍ୟାଙ୍କ ଦ୍ୱାରା ପ୍ରବର୍ତ୍ତିତ ଦାରିଦ୍ର୍ୟ ମାପଦଣ୍ଡରେ ବ୍ୟାପକ ତାରତମ୍ୟ ରହିଛି। ଦୀର୍ଘ ବର୍ଷ ବର୍ଷ ଧରି ଭାରତର ଦାରିଦ୍ର୍ୟ ମାନଦଣ୍ଡ ସଂଶୋଧନ ହୋଇନଥିବା ବେଳେ ବିଶ୍ୱବ୍ୟାଙ୍କ ୨୦୧୭ର ମୂଲ୍ୟ ଆଧାରରେ ଜଣଙ୍କର ଦୈନିକ ଆୟ ୨.୧୫ଡଲାର ଅର୍ଥାତ ୧୮୧ ଟଙ୍କା ଧାର୍ଯ୍ୟ କରିଥିଲା। କିନ୍ତୁ ଏସବିଆଇର ଏକ ଗବେଷଣାତ୍ମକ ରିପୋର୍ଟରେ ଭାରତର ଦାରିଦ୍ର୍ୟ ରେଖା ୨୦୨୩-୨୪ରେ ଜଣେ ବ୍ୟକ୍ତିର ଗ୍ରାମାଚଂଳ ପାଇଁ ଦୈନିକ ଆୟ ୫୪ଟଙ୍କା ଏବଂ ସହରାଚଂଳ ପାଇଁ ୬୫ଟଙ୍କା ଧାର୍ଯ୍ୟ କରିଥିଲା। ଏହା ନିସନ୍ଦେହ ଯେ, ଜଣେ ବୟସ୍କ ବ୍ୟକ୍ତିର ଦୈନିକ ଆବଶ୍ୟକତା ପୁରଣ ପାଇଁ ଉଭୟ ଅର୍ଥ ପରିମାଣ ଯଥେଷ୍ଟ ନୁହେଁ। ସେ ଯାହା ହେଉନା କାହିଁକି ଏହା ଜଣେ ବ୍ୟକ୍ତିର ଦୟନୀୟ ଦାରିଦ୍ର୍ୟକୁ ଚିତ୍ରଣ କରୁଛି ବୋଲି କୁହାଯାଇପାରିବ। ଆହୁରି ମଧ୍ୟ ଏସବିଆଇ ଶେରେ ମାତ୍ର ୫ପ୍ରତିଶତ ଅର୍ଥାତ ୭କୋଟି ଲୋକ ଦାରିଦ୍ର୍ୟ ସୀମାରରେଖା ତଳେ ବାସକରୁଥିବା ଆକଳନ କରୁଛି। ଭାରତରେ ମଧ୍ୟ ଦାରିଦ୍ର୍ୟ ରେଖା ଦୈନିକ ଖାଉଟି ବ୍ୟୟ ଉପରେ ବିବେଚନା କରାଯାଏ। ତେବେ ପ୍ରଶ୍ନ ଉଠୁଛି ଏତିକି ପରିମାଣର ଆୟରେ ଜଣେ ବ୍ୟକ୍ତି ଘରଭଡ଼ା, ଖାଦ୍ୟ, ଶିକ୍ଷା, ଔଷଧ ଓ ଅନ୍ୟାନ୍ୟ ଖର୍ଚ୍ଚ କରିପାରିବା ସମ୍ଭବ। କହିବା ବାହୁଲ୍ୟ ବର୍ତ୍ତମାନର ବଜାର ଦର ଅନୁସାରେ ମୌଳିକ ଆବଶ୍ୟକତା ପୁରଣ ପାଇଁ ଜଣେ ବ୍ୟକ୍ତି ସର୍ବନିମ୍ନ ୩୦୦ଟଙ୍କା ଆବଶ୍ୟକ ହେଉଥିବାବେଳେ କେନ୍ଦ୍ର ସରକାର ଦୈନିକ ସର୍ବନିମ୍ନ ମଜୁରି ୧୭୮ ଟଙ୍କା ଧାର୍ଯ୍ୟ କରିଛନ୍ତି। ଏସବିଆଇ ମଧ୍ୟ ଗ୍ରାମାଚଂଳ ପାଇଁ ଦୈନିକ ୧୩୭ ଟଙ୍କା ଧାର୍ଯ୍ୟ କରିଥିବାବେଳେ ସହରାଚଂଳ ପାଇଁ ୨୩୩ଟଙ୍କା ଧାର୍ଯ୍ୟ କରିଛି। ତଥାପି ଏହା ଜଣେ ବ୍ୟକ୍ତିର ଜୀବନ ଧାରଣ ପାଇଁ ଏକ ଚ୍ୟାଲେଞ୍ଜ ସଦୃଶ ହୋଇରହିଛି। ଉଲ୍ଲେଖଯୋଗ୍ୟ ଯେ, ଦାରିଦ୍ର୍ୟର ମାପକାଠି ନିର୍ଣ୍ଣୟ ପାଇଁ ଅତୀତରେ ବହୁ ଶିକ୍ଷାବିତ, ମେଧାବୀ ବହୁ ଗବେଷଣାମୂଳକ ତଥ୍ୟ ପ୍ରକାଶ କରିଥିବାବେଳେ କୌଣସି ଗୋଟିଏ ହେଲେ ରିପୋର୍ଟ ଦାରିଦ୍ର୍ୟର ସମସ୍ତ ସର୍ତାବଳୀକୁ ପୁରଣ କରିପାରିନାହାନ୍ତି। ଭାରତ ସରକାର ମଧ ଦୀର୍ଘ ବର୍ଷ ବର୍ଷ ଧରି କୌଣସି ମାନଦଣ୍ଡ ସ୍ଥିର କରିପାରିନାହାଁନ୍ତି। ବିଶ୍ୱବ୍ୟାଙ୍କ ହେଉ ଅବା ଏସବିଆଇ ହେଉ କିମ୍ବା ସରକାର ହୁଅନ୍ତୁ, ଦାରିଦ୍ର୍ୟ ହାର ହ୍ରାସ ନେଇ ଡିଣ୍ଡିମ ପିଟୁଥିଲେ ମଧ ବାସ୍ତବ କ୍ଷେତ୍ରରେ ଦୁଇଓଳା ପେଟପୁରା ଖାଇବାକୁ ସମର୍ଥ ହେଉନାହାଁନ୍ତି। ଦେଶରୁ ଦାରିଦ୍ର୍ୟ ହ୍ରାସ ପାଉଥିବା ନେଇ କେନ୍ଦ୍ର ସରକାର ଡିଣ୍ଡିମ ପିଟୁଥିବାବେଳେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଦେଶର ୬୬ପ୍ରତିଶତ ତଥା ୮୧କୋଟି ୩୫ଲକ୍ଷ ଲୋକଙ୍କୁ ମୁଣ୍ଡପିଛା ମାସିକ ୫କିଲୋ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। ୨୦୨୪ ଜାନୁୟାରୀ ପହିଲାରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ମୋଟ ବ୍ୟୟ ଅଟକଳ ୧୧.୮୦ଲକ୍ଷ କୋଟି ଆକଳନ ହୋଇଛି। ଯଦି ୨୭କୋଟି ଲୋକ ଦାରିଦ୍ର୍ୟରୁ ମୁକୁଳିଛି, ତବେ ୮୧କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାର ଯଥାର୍ଥତା କ'ଣ? ଏହି ଯୋଜନା ଖାଦ୍ୟ ନିରାପତାକୁ ସୁଦୃଢ କରିଛି ସତ କିନ୍ତୁ ବାସବରେ ବହୁ ସଂଖ୍ୟକ ଲୋକ ଏବେ ବି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ଆହୁରି ମଧ ବିଶ୍ୱବ୍ୟାଙ୍କର ରିପୋର୍ଟ ଅନୁଯାୟୀ ବହୁ ସଂଖ୍ୟାକ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଥିବା ସତ୍ତ୍ୱେ ଏବେ ବହୁ ଲୋକ ଦାରିଦ୍ର୍ୟ ଏବଂ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସଦ୍ୟ ପ୍ରକାଶିତ ସମାନତା ରିପୋର୍ଟରେ ଯଦିଓ ଭାରତ ଚତୁର୍ଥ ସ୍ଥାନରେ ରହିଛି, ତଥାପି ଦ୍ୱନ୍ଦମୁକ୍ତ ନୁହେଁ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨**
**ମୋବାଇଲ ନଂ-୭୯୭୮୬୭୬୪୦୩**

## ପୁଣି ଇସ୍ରାଏଲର ଟାର୍ଗେଟରେ ଗାଜା

# ଗାଜାରେ ୫ ଇସ୍ରାଏଲ ସୈନିକଙ୍କ ମୃତ



**ଗାଜା, ୮।୭:** ପୁଣି ଇସ୍ରାଏଲର ଟାର୍ଗେଟରେ ଗାଜା। ମଙ୍ଗଳବାର ଦିନ ଇସ୍ରାଏଲ ଗାଜା ଉପରେ ଆକ୍ରମଣ କରିଛି। ଗାଜାରେ ପାଟ୍ରୋଲିଂ ସମୟରେ ବିସ୍ଫୋରଣ ଘଟିବାରୁ ଇସ୍ରାଏଲର ପାଞ୍ଚ ଜଣ ସୈନିକଙ୍କ ମୃତ୍ୟୁ ଘଟିଛି । ଏହା ବ୍ୟତୀତ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଯାହାର ସୂଚନା ଇସ୍ରାଏଲୀ ସେନା ଅଧିକାରୀ ଦେଇଛନ୍ତି। ସୂଚନାନୁଯାୟୀ, ସୈନିକମାନେ ପାଟ୍ରୋଲିଂରେ ଥିବା ସମୟରେ ବିସ୍ଫୋରଣ ହୋଇଥିଲା। ଏହି ଆକ୍ରମଣ ଆମେରିକା ସମର୍ଥିତ ଅସ୍ତ୍ରବିରତି ପ୍ରସ୍ତାବ ଉପରେ ବିଚାର ହେଉଥିବା ସମୟରେ ହୋଇଥିଲା। ଯେଉଁଥିରେ ୫ଜଣ ଇସ୍ରାଏଲ ସୈନିକଙ୍କର ମୃତ୍ୟୁ ଘଟିଛି।

ଅନ୍ୟପଟେ ଦୁଇ ସପ୍ତାହ ପୂର୍ବରୁ ଇସ୍ରାଏଲ କହିଥିଲା ଯେ ଜଣେ ପାଲେଷ୍ଟାଇନୀ ଆକ୍ରମଣକାରୀ ସେମାନଙ୍କ ସଶସ୍ତ୍ର ଯାନରେ ଏକ ବୋମା ରଖିଥିଲା। ଯାହା ଫଳରେ ସାତ ଜଣ ସୈନିକଙ୍କ ମୃତ୍ୟୁ ଘଟିଥିଲା। ଦକ୍ଷିଣ ଗାଜାର ଖାନ ୟୁନିସରେ ବିସ୍ଥାପିତ ଲୋକଙ୍କ ଶିବିରକୁ ଟାର୍ଗେଟ କରି ଏକ ଆକ୍ରମଣ କରାଯାଇଥିଲା, ଯେଉଁଥିରେ ଚାରି ଜଣ ପ୍ରାଣ ହରାଇଥିଲେ ବୋଲି ହସ୍ପିଟାଲ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଖାନ ୟୁନିସରେ ଅନ୍ୟ ଏକ ଆକ୍ରମଣରେ, ଜଣେ ମା, ବାପା ଏବଂ ସେମାନଙ୍କର ଦୁଇ ପିଲାଙ୍କ ମୃତ୍ୟୁ ହୋଇଥିଲା। ଏପଟେ ଆକ୍ରମଣ ଯୋଗୁଁ ଗାଜାରେ ୫୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ସେନାର ଆକ୍ରମଣ ପରେ ଗାଜା ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱଂସ ହୋଇ ଯାଇଛି। ସବୁଠି କୋଠାର ଭଗ୍ନାବଶେଷ ଦେଖିବାକୁ ମଧ ମିଳୁଛି। ୭ ଅକ୍ଟୋବର ୨୦୨୩ରେ ଦକ୍ଷିଣ ଇସ୍ରାଏଲରେ ହମାସ ଆତଙ୍କବାଦୀ ଆକ୍ରମଣ କରିବା ପରେ ଇସ୍ରାଏଲ ଗାଜା ଉପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ହମାସ ଆତଙ୍କବାଦୀମାନେ ଇସ୍ରାଏଲ ଉପରେ ଆକ୍ରମଣ କରି ପ୍ରାୟ ୧୨୦୦ ଲୋକଙ୍କୁ ହତ୍ୟା କରିଥିଲେ ଏବଂ ୨୫୧ ଜଣଙ୍କୁ ବାନ୍ଧି ରଖିଥିଲେ।



# ଟ୍ରେନ-ସ୍କୁଲ ଭ୍ୟାନ୍ ଦୁର୍ଘଟଣା ଚାଲିଗଲା ତିନି ଛାତ୍ରଙ୍କ ଜୀବନ

**ଫାଟକ ରକ୍ଷକ ନିଲମ୍ବିତ**

କୁଡ୍ଡାଲୋର,୮।୭: ତାମିଲନାଡୁର କୁଡ୍ଡାଲୋର ଏବଂ ଆଲପ୍ପାକ୍କମ ଟ୍ରେନ୍ ଲାଇନ୍ ମଝିରେ ମଙ୍ଗଳବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଫାଟକ ପାର୍ ହେଉଥିବା ବେଳେ ଏକ ପାସେଞ୍ଜର ଟ୍ରେନ୍‌କୁ ସ୍କୁଲ ଭ୍ୟାନ୍ ଧକ୍କା ଦେଇଛି। ଫଳରେ ଭ୍ୟାନରେ ଥିବା ୩ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଏକାଧିକ ଛାତ୍ର ଗୁରୁତର ଥିବା ଜଣାପଡିଛି। ଦୁର୍ଘଟଣାରେ ପାଖାପାଖି ୧୦ଜଣ ଛାତ୍ରଙ୍କ ଅବସ୍ଥା ଗମ୍ଭୀର ରହିଥିବା ସୂଚନା ମିଳିଛି। ଏନେଇ ମୃତକଙ୍କ ସଂଖ୍ୟା ବଢିବା ନେଇ ଆଶଙ୍କା କରାଯାଉଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ଲୋକଙ୍କୁ ଅନୁକମ୍ପା ରାଶି ଘୋଷଣା କରିଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଅନୁଯାୟୀ, ଫାଟକ ରକ୍ଷକ ଶୋଇପଡ଼ିଥିଲେ। ଫଳରେ ଫାଟକ ବନ୍ଦ କରିବାରେ ସେ ବିଫଳ ହୋଇଥିଲେ। ଫଳରେ ଏହି ଦୁର୍ଘଟଣା ଘଟିଛି।

କୁଡ୍ଡାଲୋର ଏବଂ ଆଲପ୍ପାକ୍କମ ମଧ୍ୟରେ ଏକ ଘରୋଇ ସିବିଏସ୍ଇ ସ୍କୁଲ ବସ୍ ରେଳ ଲେଭଲ କ୍ରସିଂ ଗେଟ ନମ୍ବର ୧୭୦ ପାର୍ କରିବାକୁ ଚେଷ୍ଟା କରୁଥିବାବେଳେ ଟ୍ରେନ ନମ୍ବର ୫୬୮୧୩ ଭିଲୁପୁରମ୍-ମୟୀଲାଦୁଥୁରାଇ ପାସେଞ୍ଜର ଟ୍ରେନ୍ ସହିତ ଧକ୍କା ହୋଇଥିଲା। ଏପରିକି ଟ୍ରେନ୍‌ଟି ସ୍କୁଲ ଭ୍ୟାନକୁ ୫୦ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଦୁର୍ଘଟଣାକୁ ନେଇ ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

## ନୀତୀଶଙ୍କ ବଡ଼ ଘୋଷଣା

# ମହିଳାଙ୍କ ପାଇଁ ୩୫% ସରକାରୀ ଚାକିରି ସଂରକ୍ଷଣ



ପାଟନା,୮।୭: ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ବିହାରର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମହିଳା ଶକ୍ତି (ନାରୀ ଶକ୍ତି) ବୃଦ୍ଧି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି। ମଙ୍ଗଳବାର ସେ ଘୋଷଣା କରିଛନ୍ତି ଯେ, ବିହାରର ସ୍ଥାୟୀ ବାସିନ୍ଦା ଥିବା ମହିଳାମାନଙ୍କ ପାଇଁ ରାଜ୍ୟ ସରକାରୀ ଚାକିରିର ସମସ୍ତ ଶ୍ରେଣୀ, ସ୍ତର ଓ ପ୍ରକାରର ପଦବୀରେ ୩୫ ପ୍ରତିଶତ ସଂରକ୍ଷଣ କରାଯିବ।

ନୀତୀଶ କୁମାର କହିଛନ୍ତି, "ବିହାରର ମୂଳ ବାସିନ୍ଦା ଥିବା ମହିଳା ପ୍ରାର୍ଥୀମାନଙ୍କ ପାଇଁ ରାଜ୍ୟ ସରକାରୀ ସେବାର ସମସ୍ତ ପ୍ରକାର ଓ ସ୍ତରର ପଦବୀରେ ସିଧାସଳଖ ନିଯୁକ୍ତିରେ ୩୫% ସଂରକ୍ଷଣ କରାଯିବ।" ଏହି ନିଷ୍ପତ୍ତି ରାଜ୍ୟର ସମସ୍ତ ବିଭାଗରେ ମହିଳାମାନଙ୍କର ପ୍ରତିନିଧିତ୍ୱ ବୃଦ୍ଧି କରିବା ଲକ୍ଷ୍ୟରେ ନିଆଯାଇଛି। ଏକ୍ସରେ ପୋଷ୍ଟ କରି ନୀତୀଶ କହିଛନ୍ତି ଯେ, ଏହି ପଦକ୍ଷେପ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ଅଧିକ ଅଂଶଗ୍ରହଣ ଓ ଶାସନ ତଥା ପ୍ରଶାସନରେ ବଡ଼ ଭୂମିକା ନେବାରେ ସହାୟକ ହେବ। ଏହି ନିଷ୍ପତ୍ତି ପାଟନାରେ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ମନ୍ତ୍ରୀମଣ୍ଡଳ ବୈଠକରେ ଗୃହୀତ ହୋଇଛି। ଏହା ସହିତ ଯୁବବର୍ଗଙ୍କୁ ସଶକ୍ତ କରିବା ଲାଗି ନୀତୀଶ କୁମାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ବିହାରର ଯୁବକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ପ୍ରଦାନ, ତାଲିମ ଓ ସଶକ୍ତିକରଣ ପାଇଁ ରାଜ୍ୟ ସରକାର ବିହାର ଯୁବ କମିଶନ ଗଠନ କରିବ। ଏହି ନୂତନ ବିଧିବଦ୍ଧ ସଂସ୍ଥାକୁ ମନ୍ତ୍ରୀମଣ୍ଡଳ ମଙ୍ଗଳବାର ଅନୁମୋଦନ କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, "ବିହାରର ଯୁବକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା, ସେମାନଙ୍କୁ ତାଲିମ ପ୍ରଦାନ କରି ସଶକ୍ତ ଓ ସମର୍ଥ କରିବା ପାଇଁ ବିହାର ଯୁବ କମିଶନ ଗଠନ କରାଯାଉଛି। ଏହାକୁ ଆଜି ମନ୍ତ୍ରୀମଣ୍ଡଳ ଅନୁମୋଦନ କରିଛି।" ଏହି ଦୁଇଟି ନିଷ୍ପତ୍ତି ବିହାରରେ ମହିଳା ଓ ଯୁବବର୍ଗଙ୍କୁ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।



# ପାକିସ୍ତାନର ପେଶାୱାର ସହରରେ ଭୀଷଣ ଅଗ୍ନିକାଣ୍ଡ, ୫ ମୃତ

ଲାହୋର, ୮।୭: ପାକିସ୍ତାନର ପେଶାୱାର ସହରରେ ଭୀଷଣ ଅଗ୍ନିକାଣ୍ଡ ଘିଟିଛି। ଏହି ଅଗ୍ନିକାଣ୍ଡରେ ୫ଜଣ ଲୋକଙ୍କର ମୃତ୍ୟୁ ଘଟିଛି। ଏହା ସମେତ ଅନେକ ଲୋକ ମଧ ଆହତ ହୋଇଛନ୍ତି। ଏହି ଅଗ୍ନିକାଣ୍ଡରେ ଦୁଇ ଜଣ ଅଗ୍ନିଶମ ବିଭାଗର କର୍ମଚାରୀ ସମେତ ଅନ୍ୟାନ୍ୟ ଆହତ ରହିଛନ୍ତି। ଘଟଣା ବିଷୟରେ ସୂଚନା ଦେଇ ପୋଲିସ କହିଛି ଯେ, ସୋମବାର ରାତିରେ ଖାଇବର ପଖତୁନଖ୍ୱା ପ୍ରଦେଶର ଜନଗହଳିପୂର୍ଣ୍ଣ ଜାନ ଇମାମ ବାରଗା ଅଞ୍ଚଳରେ ଥିବା ଏକ ଘରେ ଅଗ୍ନିକାଣ୍ଡ ଘଟିଥିଲା। ଘର ଭିତରୁ ଛଅ ଜଣଙ୍କୁ ବାହାର କରାଯାଇଥିଲା। ଯେଉଁଥିରୁ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ଜୀବନ ବଞ୍ଚାଇବାକୁ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। କିନ୍ତୁ ଦୁଇ ଜଣ କର୍ମଚାରୀଙ୍କ ସମେତ ଅନ୍ୟମାନେ ମଧ ଆହତ ହୋଇଛନ୍ତି। ଏହି ଘଟଣାରେ ଆହତ ଅଗ୍ନିଶମ କର୍ମଚାରୀ ଏବଂ ଅନ୍ୟ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲକୁ ପଠାଯାଇଛି।




# ସ୍କୁଲ ଭ୍ୟାନକୁ ଧକ୍କା ଦେଲା ଟ୍ରେନ୍, ୨ ମୃତ

ତାମିଲନାଡୁ, ୮।୭: ତାମିଲନାଡୁର କୁଡ୍ଡାଲୋର ଜିଲ୍ଲାର ସେମାଙ୍କୁପ୍ପମ ଗାଁରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏହି ଘଟଣା ଆଜି ସକାଳେ ଦେଖିବାକୁ ମିଳିଛି। ସ୍କୁଲ ଭ୍ୟାନ ରେଲୱେ ଟ୍ରାକ୍ ପାର୍ କରୁଥିବା ସମୟରେ ଏପରି ଅଘଟଣ ଘଟିଥିବା ଜଣାପଡିଛି। ଏହି ଅଘଟଣରେ ୨ଜଣ ସ୍କୁଲ ପିଲାଙ୍କ ମୃତ୍ୟୁ ଘଟିଛି। ଆଜି ସକାଳ ପ୍ରାୟ ୭.୪୫ ସମୟରେ ରେଲୱେ କ୍ରସିଂ ଗେଟ୍ ଖୋଲା ଥିବାରୁ ସ୍କୁଲ ଭ୍ୟାନ୍ ଡ୍ରାଇଭର ରେଳ ଟ୍ରାକ୍ ପାର ହେବାକୁ ଚେଷ୍ଟା କରିବା ସମୟରେ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ୫୦ ମିଟର ପର୍ଯ୍ୟନ୍ତ ଟ୍ରେନଟି ସ୍କୁଲ ଭ୍ୟାନକୁ ଟାଣି ନେଇଥିଲା। ଫଳରେ ଦୁର୍ଘଟଣା ସମୟରେ ସ୍କୁଲ ଭ୍ୟାନରେ ଥିବା ୫ଜଣ ପିଲାଙ୍କ ମଧରୁ ୨ଜଣ ପ୍ରାଣ ହରାଇଥିଲେ। ଅନ୍ୟ ୨ଜଣଙ୍କୁ ଆହତ ଅବସ୍ଥାରେ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବର୍ତ୍ତମାନ ପିଲା ଗୁରୁତର ଅବସ୍ଥାରେ ରହିଛନ୍ତି। ଏହାରି ମଧରେ ରେଳବାଇ ସୂଚନା ଦେଇଛନ୍ତି ଯେ, ଯେତେବେଳେ ଗେଟ୍ କିପର ଫାଟକ ବନ୍ଦ କରିବାକୁ ଆଗେଇ ଆସିଲେ, ଭ୍ୟାନ ଡ୍ରାଇଭର ଜୋରଜବରଦସ୍ତି ଫାଟକ ପାର କରିବାକୁ ଚେଷ୍ଟା କରିଥିଲେ। ଏନେଇ ବର୍ତ୍ତମାନ ତଦନ୍ତ ଆରମ୍ଭ ହୋଇଛି।

# ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଇଚ୍ଛାମୃତ୍ୟୁ ମାଗିଲେ ଯୁବକ



**ପତ୍ନୀ ନିର୍ଯାତନା ଅସହ୍ୟ**

ମୁଜଫରନଗର ୮।୭: ଉତ୍ତରପ୍ରଦେଶର ମୁଜଫରନଗରରୁ ଏକ ଅଜବ ମାମଲା ସାମ୍ନାକୁ ଆସିଛି। ପତ୍ନୀଙ୍କ ଦ୍ୱାରା ନିର୍ଯାତିତ ଜଣେ ଯୁବକ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଇଚ୍ଛାମୃତ୍ୟୁ ପାଇଁ ଗୁହାରି କରିଛନ୍ତି। ଗାନ୍ଧୀନଗର କଲୋନି ବାସିନ୍ଦା ସୁମିତ ସୈନୀ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଲେ। ହାତରେ ଏକ ବଡ଼ ବ୍ୟାନର୍ ଧରି ଅଧିକାରୀମାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କଲେ ଏବଂ ଇଚ୍ଛାମୃତ୍ୟୁ ଦାବି କଲେ। ବ୍ୟାନର୍‌ରେ ସୁମିତ ଲେଖିଥିଲେ 'ଜଣେ ଗରିବର ଗୁହାରି... ଇଚ୍ଛାମୃତ୍ୟୁ ଦାବି। ଆଦରଣୀୟା ରାଷ୍ଟ୍ରପତି ମହୋଦୟା, ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ, ମାନନୀୟ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଯୋଗୀ ଜୀ, ମୁଁ ଅତ୍ୟନ୍ତ ଗରିବ ବ୍ୟକ୍ତି। ପତ୍ନୀ ପିଙ୍କି ପାଇଁ ଚିନ୍ତିତ (ହତାଶ) ହୋଇ ଆପଣଙ୍କ ପାଖରେ ଇଚ୍ଛାମୃତ୍ୟୁ ପାଇଁ ଦାବି କରୁଛି।' ଏଥିସହ ସେ ନିଜ ନାଁ, ବାପାଙ୍କ ନାଁ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର ବି ଲେଖିଛନ୍ତି। ସୁମିତ କହିଛନ୍ତି, ୨୦୨୪, ଜୁଲାଇ ୧ରେ କୁକଡ଼ା ଗାଁର ବାସିନ୍ଦା ପିଙ୍କି ନାମ୍ନୀ ଜଣେ ଯୁବତୀଙ୍କ ସହ ତାଙ୍କର ବିବାହ ହୋଇଥିଲା। ବିବାହ ପରଦିନ ହିଁ ପିଙ୍କି ତାଙ୍କୁ କହିଲେ ଯେ ତାଙ୍କ ଇଚ୍ଛା ବିରୁଦ୍ଧରେ ଏହି ବିବାହ ହୋଇଛି ଏବଂ ସେ ଅନ୍ୟ ଜଣଙ୍କୁ ଭଲପାଆନ୍ତି। ତା'ପରଠୁ ସେ ସୁମିତଙ୍କ ସହ ଝଗଡ଼ା, ଗାଳି ଓ ମାର୍‌ପିଟ୍ କରୁଛନ୍ତି। ସୁମିତଙ୍କ ଅନୁସାରେ, ଗତ ୬ ମାସ ହେଲା ପିଙ୍କି ତାଙ୍କ ବାପଘରେ ରହୁଛନ୍ତି। କିନ୍ତୁ ଫୋନ୍‌ରେ ଧମକ ଦେଉଛନ୍ତି ଏବଂ ଲୋକଙ୍କୁ ପଠାଇ ତାଙ୍କୁ ମାର୍‌ପିଟ କରୁଛନ୍ତି। ଅନେକ ଥର ସେ ତାଙ୍କୁ ଆଣିବାକୁ ଯାଇଛନ୍ତି,କିନ୍ତୁ ଶ୍ୱଶୁରଘର ଲୋକେ ମନା କରି ଦେଇଛନ୍ତି। ସୁମିତ ଅଭିଯୋଗ କରିଛନ୍ତି, ବିବାହ ପୂର୍ବରୁ ଶ୍ୱଶୁରଘର ଲୋକ ପତ୍ନୀଙ୍କ ବୟସ ଲୁଚାଇଥିଲେ। ସୁମିତଙ୍କ ବୟସ ୨୭ ବର୍ଷ, କିନ୍ତୁ ପତ୍ନୀଙ୍କ ବୟସ ୩୫ ବର୍ଷ। ସୁମିତଙ୍କ ବାପା ନିଜ ପରିବାର ସମ୍ପତ୍ତିର ୮ ଲକ୍ଷରୁ ୫ ଲକ୍ଷ ବିବାହରେ ଖର୍ଚ୍ଚ କରିଥିଲେ। ଦୁହିଁଙ୍କ ମଧରେ ଯେତେବେଳେ ସମସ୍ୟା ବଢ଼ିଲା, ନଗଦ ୩ ଲକ୍ଷ ଟଙ୍କା ପିଙ୍କିଙ୍କୁ ଦେଇ ମାମଲା ଶାନ୍ତ କରିବାକୁ ଚେଷ୍ଟା କଲେ। କିନ୍ତୁ ପିଙ୍କିଙ୍କ ନିର୍ଯାତନା ଜାରି ରହିଲା ବୋଲି ସୁମିତ କହିଛନ୍ତି। ସୁମିତଙ୍କ ଦାବି ଯେ କୋର୍ଟରେ ସେକ୍ସନ୍-୯ ଅନ୍ତର୍ଗତ ସେ ପତ୍ନୀଙ୍କୁ ଫେରାଇ ଆଣିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏହା ବଦଳରେ ଶ୍ୱଶୁରଘର ଲୋକ ତାଙ୍କ ଉପରେ ମିଛ ଅଭିଯୋଗ ଆଣିଲେ। ଏବେ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି ଏବଂ ବଞ୍ଚିବାର ଇଚ୍ଛା ତାଙ୍କର ଶେଷ ହୋଇଯାଇଛି।

## ଏମ୍ସ ପରେ କର୍ଣ୍ଣାଟକରୁ ଆସିଲା ନୂଆ ରିପୋର୍ଟ

# କରୋନା ଟୀକା ହୃଦଘାତର କାରଣ ନୁହେଁ




ନୂଆଦିଲ୍ଲୀ, ୮।୮: କର୍ଣ୍ଣାଟକରେ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର କମିଟି ଏହାର ତଦନ୍ତ ଆରମ୍ଭ କରିଥିଲେ। କର୍ଣ୍ଣାଟକରେ ହଠାତ ଲୋକଙ୍କର ହେଉଥିବା ମୃତ୍ୟୁ ପାଇଁ କରୋନା ଟୀକାକୁ ଦାୟୀ କରାଯାଉଛି। ଏହିସବୁ ଘଟଣାକୁ ନେଇ ଆଇସିଏମଆର ଏବଂ ଏମ୍ସ ପକ୍ଷରୁ ଗବେଷଣା କରାଯାଇଥିଲା। ଏହି ଗବେଷଣାରୁ ସ୍ପଷ୍ଟ ହୋଇଛି କି ହୃଦଘାତ ଏବଂ କରୋନା ଟୀକା ମଧରେ କୌଣସି ସମ୍ପର୍କ ନାହିଁ। ହଠାତ୍ ହେଉଥିବା ମୃତ୍ୟୁର ମୁଖ୍ୟ କାରଣ ହେଉଛି ଖରାପ ଜୀବନଶୈଳୀ । ନିକଟରେ କର୍ଣ୍ଣାଟକ କମିଟି ଏକ ରିପୋର୍ଟ ଉପସ୍ଥାପନ କରିଛି, ଯେଉଁଥିରେ ସ୍ପଷ୍ଟ ଭାବରେ ସୂଚିତ ଅଛି କି କୋଭିଡ୍-୧୯ ଟୀକା ଏବଂ ଲୋକଙ୍କର ହଠାତ/ ହୃଦଘାତ ହେଉଥିବା ମୃତ୍ୟୁ ମଧରେ କୌଣସି ପ୍ରକାର ସମ୍ପର୍କ ନାହିଁ। ରିପୋର୍ଟରେ ଏହା ମଧ କୁହାଯାଇଛି ଯେ ଟୀକା ନେବାର ୧ ବର୍ଷ ମଧରେ ବିପଦକୁ ବିଚାର କରାଯାଇପାରିବ, କିନ୍ତୁ ମହାମାରୀ ତିନି ବର୍ଷ ପୂର୍ବରୁ ଦୂର ହୋଇସାରିଛି, ତେଣୁ ଏବେ ଏହାର ସଂଯୋଗକୁ ବିଶ୍ୱାସ କରାଯାଇପାରିବ ନାହିଁ। ଏପରି ମୃତ୍ୟୁର କାରଣ, ବିଶେଷକରି ୧୮ ରୁ ୪୫ ବର୍ଷ ବୟସର ଲୋକଙ୍କ ମଧରେ ଅଧିକ ମାତ୍ରାରେ ଦେଖା ଦେଉଛି। ୫୦ ପ୍ରତିଶତରୁ ଅଧିକ ଯୁବକ ଧୂମପାନ ଓ ମଦ୍ୟପାନ କରନ୍ତି। ଏହି କାରଣରୁ ସମୟ ସମୟରେ ସୁଗାର ଏବଂ ରକ୍ତଚାପ ଭଳି ସମସ୍ୟା ଦେଖାଦିଏ, ଯାହା ହୃଦଘାତର ଏକ କାରଣ ହୋଇଥାଏ।

# ମହାକାଶରେ ଶେଷ ସପ୍ତାହରେ ପାଦଦେଲେ ଶୁଭାଂଶୁ ଶୁକ୍ଳା



**ନୂଆଦିଲ୍ଲୀ, ୮।୭:** ସ୍ପେସ୍ ଏକ୍ସର ଆକ୍ସିୟମ ମିଶନ-୪ର ସଫଳ ଉତକ୍ଷେପଣ ପରେ ମହାକାଶ ଯାଇଛନ୍ତି ଶୁଭାଂଶୁ ଶୁକ୍ଳା। ଏବେ ମହାକାଶରେ ସେ ନିଜର ଶେଷ ସପ୍ତାହରେ ପାଦ ଥାପିଛନ୍ତି। ଆଜି ସେ ଦେଶ ସହ ଯୋଗାଯୋଗ କରିବେ ବୋଲି ସୂଚନା ରହିଛି। ଏବେ ମହାକାଶଚାରୀମାନେ ଏକ ବିରାଟ ବୈଜ୍ଞାନିକ ପରୀକ୍ଷଣ ପାଇଁ ପ୍ରସ୍ତୁତ ହେଉଛନ୍ତି। ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ମଙ୍ଗଳବାର ଦିନ ୨.୦୮ରେ ତାଙ୍କ କକ୍ଷପଥ ପୋଷ୍ଟରୁ ଇସ୍ରୋର ଉତ୍ତର ପୂର୍ବ ମହାକାଶ ପ୍ରୟୋଗ କେନ୍ଦ୍ର (ଏନ୍ଇଏସ୍ଏସି)ସହିତ ଯୋଗାଯୋଗ କରିବେ ଏବଂ ଛାତ୍ରମାନଙ୍କ ସହିତ ଆଲୋଚନା କରିବେ। ୪୧ ବର୍ଷ ପରେ ୨ୟ ଭାରତୀୟ ଭାବେ ମହାକାଶକୁ ଯାଇଛନ୍ତି ଶୁଭାଂଶୁ। ତେବେ ସଫଳ ଉତକ୍ଷେପଣ ପରେ ଯାତ୍ରା ମଝିରୁ ମଝିରୁ ଭାରତ ପାଇଁ ବାର୍ତ୍ତା ଦେଉଛନ୍ତି ଶୁଭାଂଶୁ। ପୂର୍ବରୁ ଭାରତୀୟଙ୍କୁ ନମସ୍କାର କହି ବାର୍ତ୍ତା ଦେଇଛନ୍ତି ସେ। ଆକ୍ସିଅମ ୪, ନାସା ଓ ସ୍ପେସ୍ଏକ୍ସର ମିଳିତ ମିଶନ। ପୂର୍ବରୁ ୫ ଥର ମିଶନ ବାତିଲ କରାଯାଇଥିଲା। କେବେ ଯାନ୍ତ୍ରିକ ତ୍ରୁଟି ତ ପୁଣି କେବେ ଖରାପ ପାଣିପାଗ ପାଇଁ ମିଶନ ପୂର୍ବରୁ ବାତିଲ କରାଯାଇଥିଲା। ଭାରତୀୟ ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଳା ଏହି ଐତିହାସିକ ଯାତ୍ରାରେ ସାମିଲ ହୋଇ ପ୍ରଥମ ଥର ପାଇଁ ମହାକାଶକୁ ଯାଇଛନ୍ତି। ଏହାସହ ଦ୍ୱିତୀୟ ଭାରତୀୟ ଭାବେ ରେକର୍ଡ ସୃଷ୍ଟି କରିଛନ୍ତି ଶୁଭାଂଶୁ। ପୂର୍ବରୁ ରାକେଶ ଶର୍ମା ୧୯୮୪ରେ ମହାକାଶ ଯାଇଥିଲେ।

# ଶିଳ୍ପପତି ଗୋପାଳ ଖେମକାଙ୍କ ହତ୍ୟାକାରୀ ନିହତ



ନୂଆଦିଲ୍ଲୀ,୮।୭: ବିହାରର ଶିଳ୍ପପତି ଗୋପାଳ ଖେମକାଙ୍କ ହତ୍ୟା ମାମଲାରେ ପୁଲିସ ଆଉ ଏକ ସଫଳତା। ହତ୍ୟାକାରୀଙ୍କ ମଧରୁ ଜଣକୁ ବିହାର ପୁଲିସ ଏନକାଉଣ୍ଟର କରିଛି। ପୁଲିସ ଗୁଳିରେ ଅଭିଯୁକ୍ତ ବିକାଶ ଓରଫ ରାଜା ନିହତ ହୋଇଛି। ବିକାଶ ବେଆଇନ ଅସ୍ତ୍ରଶସ୍ତ୍ର ତିଆରି ଏବଂ ବିକ୍ରିରେ ସମ୍ପୃକ୍ତ ଥିଲା। ଗୋପାଳ ଖେମକାଙ୍କୁ ଉମେଶ ନାମକ ଶୁଟର ଗୁଳି କରିଥିଲା। ଘଟଣା ସମୟରେ ଉମେଶକୁ ସହଯୋଗ କରିଥିଲା ବିକାଶ। ଘଟଣାସ୍ଥଳରୁ ବନ୍ଧୁକ ଏବଂ ଗୁଳି ଜବତ ହୋଇଥିଲା। ଗୋପାଳଙ୍କ ହତ୍ୟାକାଣ୍ଡରେ ବିକାଶର ସମ୍ପୃକ୍ତି ଜଣାପଡ଼ିବା ପରେ ତା'କୁ ଧରିବା ଲାଗି ପୁଲିସ ସୋମବାର ରାତିରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ରାତି ପ୍ରାୟ ୨ଟା ୪୫ରେ ପିର ଦାମରିଆ ଘାଟ ନିକଟରେ ପୁଲିସ ବିକାଶକୁ ଠାବ କରିଥିଲା। ହେଲେ ଏହି ସମୟରେ ବିକାଶ ପୁଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲା। ତେବେ ପୁଲିସର ପାଲଟା ଆଟାକରେ ବିକାଶର ମୃତ୍ୟୁ ହୋଇଛି। ତା'ର ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ପ୍ରକାଶ ଥାଉକି, ଶନିବାର ଦିନ ଗୋପାଳ ଖେମକାଙ୍କୁ ସହରର ଗାନ୍ଧୀ ମୈଦାନ ଥାନା ଅଞ୍ଚଳରେ ଥିବା ପନାସ ହୋଟେଲ ନିକଟରେ ଗୁଳି କରାଯାଇଥିଲା। ସେ ତାଙ୍କ ଆପାର୍ଟମେଣ୍ଟ ତଳେ ତାଙ୍କ କାରରୁ ଓହ୍ଲାଉଥିବା ବେଳେ ସୁଟ୍ ହୋଇଥିଲା। ଏହା ସ୍ପଷ୍ଟ ଯେ, ଆକ୍ରମଣକାରୀ ପୂର୍ବରୁ ତାଙ୍କୁ ଅପେକ୍ଷା କରିଥିଲେ ଏବଂ ସୁଯୋଗ ପାଇବା ମାତ୍ରେ ସେ ତାଙ୍କୁ ଗୁଳି କରିଥିଲେ। ଘଟଣା ପରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମ୍ପୂର୍ଣ୍ଣ ମାମଲାର ଗମ୍ଭୀରତା ଦେଖି ପାଟନା ପୁଲିସ ତଦନ୍ତକୁ ଜୋରଦାର କରିଛି। ପିଲିସ ସନ୍ଦେହ କରୁଛି ଯେ ହତ୍ୟା ପଛରେ ଜମି ବିବାଦ ଏବଂ ପୁରୁଣା ଶତ୍ରୁତା ଥାଇପାରେ। ତେବେ ଖେମକାଙ୍କ ପୁଅକୁ ମଧ ପୂର୍ବରୁ ହତ୍ୟା କରାଯାଇଥିଲା।

## ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଖୁବ୍ ଶୀଘ୍ର ଖୋଲିବ ରହସ୍ୟ

# ତଦନ୍ତ ରିପୋର୍ଟ ଦେଲା ଏଏଆଇବି



ନୂଆଦିଲ୍ଲୀ,୮।୭: ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ତଦନ୍ତ କରୁଥିବା ଟିମ୍ ନିଜର ପ୍ରାରମ୍ଭିକ ରିପୋର୍ଟ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ପ୍ରଦାନ କରିଛି। ସରକାରୀ ସୂତ୍ର ଅନୁସାରେ ସମ୍ବାଦ ସରବରାହ ସଂସ୍ଥା ଏଏନଆଇ ଏହି ସୂଚନା ଦେଇଛି। ତେବେ ରିପୋର୍ଟରେ ତଦନ୍ତକାରୀ ଟିମ୍ କେଉଁ ନିଷ୍କର୍ଷରେ ପହଞ୍ଚିଛନ୍ତି ତାହା ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇ ନାହିଁ। ଦୁର୍ଘଟଣାର ଯାଞ୍ଚ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଦ୍ୱାରା କରାଯାଉଛି, ଯାହା ବର୍ତ୍ତମାନ ସମଗ୍ର ମାମଲାକୁ ବିସ୍ତୃତ ଭାବରେ ସମୀକ୍ଷା କରୁଛି। ଉଲ୍ଲେଖନୀୟ ଯେ ଏହି ଭୟଙ୍କର ଦୁର୍ଘଟଣାରେ ୨୬୦ ଜଣ ପ୍ରାଣ ହରାଇଥିଲେ, ଯାହା ସାରା ଦେଶରେ ଶୋକର ଛାୟା ଖେଳିଯାଇଥିଲା। ଦୁର୍ଘଟଣା ପରେ ତୁରନ୍ତ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏଏଆଇବି ତଦନ୍ତ ପାଇଁ ଏକ ବିଶେଷଜ୍ଞ ଦଳ ଗଠନ ହୋଇଥିଲା। ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁଯାୟୀ ଏଏଆଇବିଙ୍କ ନେତୃତ୍ୱରେ ଏହି ଟିମ୍ ଗଠିତ ହୋଇଥିଲା। ଏହି ମାମଲାରେ, ବ୍ଲାକ୍ ବାକ୍ସ ଏବଂ ହ୍ୟାଣ୍ଡଲିଂ କକପିଟ୍ ଭଏସ୍ ରେକର୍ଡର (ସିଭିଆର) ଏବଂ ଫ୍ଲାଇଟ୍ ଡାଟା ରେକର୍ଡର (ଏଫଡିଆର) ଉଭୟ ଉଦ୍ଧାର କରାଯାଇଛି। ଦୁର୍ଘଟଣା ସ୍ଥଳରେ ଥିବା କୋଠାର ଛାତରୁ ସିଭିଆର ୧୩ ଜୁନ୍‌ରେ ଉଦ୍ଧାର କରାଯାଇଥିଲା। ସେଭଳି ୧୬ ଜୁନ୍ ୨୦୨୫ରେ ଭଗ୍ନାବଶେଷରୁ ଏଫଡିଆର ଉଦ୍ଧାର କରାଯାଇଥିଲା। ବର୍ତ୍ତମାନ ଏଏଆଇବିବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏହାର ପ୍ରାଥମିକ ରିପୋର୍ଟ ଦାଖଲ କରିଛି।

ଉଲ୍ଲେଖନୀୟ ଯେ, ଜୁନ୍ ୧୨ ତାରିଖରେ, ଅହମ୍ମଦାବାଦର ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନ ମେଘନାନିଗର ଅଞ୍ଚଳରେ ଥିବା ଏକ ହଷ୍ଟେଲ କମ୍ପ୍ଲେକ୍ସରେ ମାଡ଼ ହୋଇଥିଲା। ଏହି ଦୁଃଖଦ ଦୁର୍ଘଟଣାରେ ବିମାନରେ ଥିବା ୨୪୧ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ତେବେ ଏହି ଦୁର୍ଘଟଣାରେ ମେଡିକାଲ କଲେଜର ଛାତ୍ର ଏବଂ ସ୍ଥାନୀୟ ଲୋକ ସହ ମୋଟ ୨୬୦ ଜଣ ପ୍ରାଣ ହରାଇଥିଲେ। ଏହି ଦୁର୍ଘଟଣାରେ ବିମାନରେ ଥିବା ଜଣେ ଯାତ୍ରୀ କୌଣସି ପ୍ରକାରେ ବଞ୍ଚି ଯାଇଥିଲେ, ଯାହାକୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ୍

# ଓଡ଼ିଶାକୁ ମିଳିଲା ୪ ପଦକ



**ଭୁବନେଶ୍ୱର, ୮।୭ (ସଂଚାର ବ୍ୟୁରୋ):** ଉଗାଣ୍ଡାର କାମ୍ପାଲାରେ ଆୟୋଜିତ ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଓଡ଼ିଶା ଖେଳାଳି ଗୋଟିଏ ରୌପ୍ୟ ଓ ୩ କାଂସ୍ୟ ସହ ମୋଟ ୪ ପଦକ ଜିତିଛନ୍ତି। ଶୁଭ୍ରଜିତ ମହାରଣା ପୁରୁଷ ଏକକରେ ରୌପ୍ୟ ଜିତିଥିଲା ବେଳେ ପୂଜ୍ୟମ ମିଶ୍ରଙ୍କ ସହ ପୁରୁଷ ଯୁଗଳରେ କାଂସ୍ୟ ପାଇଛନ୍ତି। ଅନ୍ୟ ଦୁଇ କାଂସ୍ୟ ବିଭାସିନ୍ଧୁ ବାରିକ ଓ ନୁରୁଲ ହୁସେନ ଖାନ ଜିତିଛନ୍ତି। ଶୁଭ୍ରଜିତ୍ ଏସ୍‌ଏଲ୍-୪ ସେମିଫାଇନାଲ୍‌ରେ ସ୍ଥାନୀୟ ଖେଳାଳି ଜେ ଓବୁରାଙ୍କୁ ୨୧-୧୦, ୨୧-୭ରେ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲେ। ହେଲେ ଫାଇନାଲ୍ ପୂର୍ବରୁ ଆହତ ଯୋଗୁଁ ଓହରି ଯିବାରୁ ରୌପ୍ୟରେ ସନ୍ତୁଷ୍ଟ ରହିଥିଲେ। ଯୁଗଳ ସେମିଫାଇନାଲ୍‌ରେ ଶୁଭ୍ରଜିତ ଓ ପୂଜ୍ୟମ ୧୬-୧୯, ୧୯-୨୧ରେ ପେରୁର ରେଞ୍ଜୋ ବାନ୍‌ସେସ୍ ଓ ଗର୍ସନ ଭାର୍ଗାସଙ୍କଠୁ ହାରି ଯାଇଥିଲେ। ଅନ୍ୟଏକ ଯୁଗଳ ସେମିଫାଇନାଲ୍‌ରେ ବିଭାସିନ୍ଧୁ ଓ ତାଙ୍କ ମଧ୍ୟପ୍ରଦେଶ ସାଥୀ ଚନ୍ଦ୍ରପ୍ରକାଶ ୭-୨୧, ୧୩-୨୧ରେ ହାରିଯାଇଥିଲେ। ପୁରୁଷ ଏକକ ଡବ୍ଲ୍ୟୁଏଚ୍୨ ସେମିଫାଇନାଲ୍‌ରେ ନୁରୁଲ ୧୨-୨୧, ୮-୨୧ରେ ନିଜ ଦେଶର ହାରିସ ମିଥିଲ ଶ୍ରୀକୁମାରଙ୍କଠୁ ପରାସ୍ତ ହୋଇଥିଲେ। ଏହି ସଫଳତା ଲାଗି ଓଡ଼ିଶା ପାରା କ୍ରୀଡ଼ା ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛି।

## ସ୍ୱର୍ଣ୍ଣ ଜିତିଲେ ବିଭୂତି



ଜାତୀୟ ମିନି ଅସିଚାଳନା

**ଭୁବନେଶ୍ୱର, ୮।୭ (ସଂଚାର ବ୍ୟୁରୋ):** ମହାରାଷ୍ଟ୍ରର ନାସିକସ୍ଥିତ ମୀନାତାଇ ଠାକ୍‌ରେ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ସୋମବାର ଶେଷ ହୋଇଥିବା ଜାତୀୟ ଶିଶୁ ଓ ମିନି ଅସିଚାଳନା ପ୍ରତିଯୋଗିତାରେ ଓଡ଼ିଶା ପାଇଁ ଏକମାତ୍ର ପଦକ ଜିତିଛନ୍ତି ବିଭୂତି ଶଙ୍କର ପଟେଲ୍। ବଲାଙ୍ଗୀରର ଏହି ଶିଶୁ ପ୍ରତିଭା ବାଳକ ବିଭାଗ ୧୨ ବର୍ଷରୁ କମ୍ ଇପି ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ବଡ଼ ଉପଲବ୍ଧି ଅର୍ଜନ କରିଛନ୍ତି। ନାସିକ ଗସ୍ତ ପୂର୍ବରୁ ଓଡିଶା ଦଳ ଚୟନ ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ସହଯୋଗରେ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂହଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସଠାରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୩୦ ଜଣରୁ ୧୮ ଜଣିଆ ଦଳ ଚୟନ ହୋଇ ନାସିକ ଗସ୍ତ କରିଥିଲେ। ଭୁବନେଶ୍ୱର ଫେନ୍‌ସିଂ ଏକାଡେମି ପ୍ରଶିକ୍ଷକ ସୁକାନ୍ତ ସେଠ, ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ପ୍ରଶିକ୍ଷକ ଅନ୍ୱେଷା ରାଉତ, ରୋଶନ ସାହୁ, ଏନ୍‌ଆଇଏସ୍ ପ୍ରଶିକ୍ଷକ କରିସ୍ମା ରାଉତ, ଜ୍ୟୋତିରଞ୍ଜନ ଠାକୁର ପ୍ରମୁଖଙ୍କ ଦିଗ୍‌ଦର୍ଶନରେ ଏହି ସଫଳତା ମିଳିଛି। ବିଭୂତିଙ୍କୁ ରାଜ୍ୟ ଅସିଚାଳନା ସଂଘ ସମ୍ପାଦକ ଦେବେନ୍ଦ୍ର ସାହୁ ଓ ସାଙ୍ଗଠନିକ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଅଭିନନ୍ଦନ ଜଣାଇଛନ୍ତି।

## ସ୍ୱିଟିଙ୍କ ହ୍ୟାଟ୍ରିକ୍‌ରୁ ଓଡ଼ିଶାର ବିଜୟ ଅଭିଯାନ

ଜାତୀୟ ବାଳିକା ହକି



**ଭୁବନେଶ୍ୱର, ୮।୭ (ସଂଚାର ବ୍ୟୁରୋ):** ରାଞ୍ଚିରେ ଚାଲିଥିବା ୧୫ତମ ଜାତୀୟ ବାଳିକା ହକିରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ମାରାଙ୍ଗ ଗୋମ୍‌କେ ଜୟପାଲ ସିଂହ ଆଷ୍ଟ୍ରୋଟର୍ଫ ହକି ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଡିଭିଜନ୍ 'ଏ'ର ଏକ ମ୍ୟାଚ୍‌ରେ ଓଡ଼ିଶା ୩-୧ ଗୋଲ୍‌ରେ ପଞ୍ଜାବକୁ ପରାସ୍ତ କରିଛି। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ସ୍ୱିଟି କୁଜୁରଙ୍କ ଗୋଲ୍‌ରେ ଓଡ଼ିଶା ଅଗ୍ରଣୀ ନେଇଥିଲା। ୩୦ତମ ମିନିଟ୍‌ରେ ସ୍ୱିଟି ଆଉ ଏକ ଗୋଲ୍ ଦେଇ ଓଡ଼ିଶାକୁ ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ରଖିଥିଲେ। ୫୪ତମ ମିନିଟ୍‌ରେ ନବଜୋତ କୌର୍ ଗୋଟିଏ ଗୋଲ୍ ଶୁଝି ସ୍ଥିତି ୧-୨ କରିଥିଲେ। ୫୯ତମ ମିନିଟ୍‌ରେ ସ୍ୱିଟି ଗୋଲ୍ ଦେଇ ବ୍ୟକ୍ତିଗତ ହ୍ୟାଟ୍ରିକ୍ ଅର୍ଜନ କରିବା ସହ ଓଡ଼ିଶାର ବିଜୟରେ ମୁଣ୍ଡି ମାରିଥିଲେ। ସ୍ୱିଟି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମିଜୋରାମ ୧୧-୦ରେ ବିହାରକୁ, ମଧ୍ୟପ୍ରଦେଶ ୧୨-୦ରେ ଚଣ୍ଡିଗଡ଼କୁ ଏବଂ ଝାଡ଼ଖଣ୍ଡ ୪-୦ରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛନ୍ତି। ଓଡ଼ିଶା ମଙ୍ଗଳବାର ପରବର୍ତ୍ତୀ ମ୍ୟାଚ୍‌ରେ ମହାରାଷ୍ଟ୍ରକୁ ଭେଟିବ।

## କ୍ୱାର୍ଟରରେ ଅଲ୍‌କାରାଜ, ଜୋକୋଭିକ୍, ସାବାଲେଙ୍କା



ଲଣ୍ଡନ, ୮।୭: ବିଶ୍ୱର ୨ ନମ୍ବର ତଥା ବିଜେତା କାର୍ଲୋସ ଅଲ୍‌କାରାଜ ଏବଂ ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସର୍ବିଆର ନୋଭାକ ଜୋକୋଭିକ୍ ଚଳିତ ୱିମ୍ବଲଡନ୍ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ପ୍ରିକ୍ୱାର୍ଟରଫାଇନାଲ୍‌ରେ ୫ ଗ୍ରାଣ୍ଡ ସ୍ଲାମ୍ ବିଜେତା ସ୍ପେନ୍‌ର ଅଲ୍‌କାରାଜ ୬-୭, ୬-୩, ୬-୪, ୬-୪ ସେଟ୍‌ରେ ୧୪ ନମ୍ବର ରୁଷିଆର ଆନ୍ଦ୍ରେ ରୁବଲେଭ୍‌ଙ୍କୁ ହରାଇଛନ୍ତି। ଏଥିସହ ଅଲ୍‌କାରାଜ ହ୍ୟାଟ୍ରିକ୍ ୱିମ୍ବଲଡନ୍ ଟ୍ରଫି ଦିଗରେ ଆଉ ଏକ ପାଦ ବଢ଼ାଇଛନ୍ତି। କ୍ୱାର୍ଟରଫାଇନାଲ୍‌ରେ ସେ ବ୍ରିଟେନ୍‌ର କାମରନ ନୋରିଙ୍କୁ ଭେଟିବେ। ୨୦୨୨ ସେମିଫାଇନାଲିଷ୍ଟ ନୋରି ୬-୩, ୭-୬, ୬-୭, ୬-୭, ୬-୩ ସେଟ୍‌ରେ ଚିଲିର ନିକୋଲାସ ଜେରିଙ୍କୁ ପରାସ୍ତ କରିଥିଲେ। ସେହିପରି ୭ ଥରର ୱିମ୍ବଲଡନ୍ ବିଜେତା ଜୋକୋଭିକ୍ ୧-୬, ୬-୪, ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି'ମିନାଉରଙ୍କୁ ହରାଇଥିଲେ। ଅନ୍ୟଏକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଇଟାଲିର ଫ୍ଲାବିଓ କୋବୋଲି ୬-୪, ୬-୪, ୬-୭, ୭-୬ ସେଟ୍‌ରେ ୨୦୧୪ ୟୁଏସ୍ ଓପନ୍ ବିଜେତା କ୍ରୋଏସିଆର ମାରିନ ସିଲିକ୍‌ଙ୍କୁ ହରାଇଛନ୍ତି। ମହିଳା ଏକକରେ ବିଶ୍ୱର ଏକ ନମ୍ବର ତଥା ୟୁଏସ୍ ଓପନ୍ ବିଜୟିନୀ ଆରିନା ସାବାଲେଙ୍କା କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛନ୍ତି। ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ବେଲାରୁଷ ମହିଳା ୬-୪, ୭-୬ ସେଟ୍‌ରେ ବେଲ୍‌ଜିୟମ୍‌ର ଏଲିସ ମର୍ଟେନ୍ସଙ୍କୁ ପରାସ୍ତ କରିଥିଲେ। ସ୍ୱିଜରଲାଣ୍ଡର ବେଲିଣ୍ଡା ବେନ୍‌ସିକ୍ ୭-୬, ୬-୪ ସେଟ୍‌ରେ ରୁଷିଆର କାଟେରିନା ଆଲେକ୍‌ଜାଣ୍ଡ୍ରୋଭାଙ୍କୁ ଏବଂ ଆମେରିକାର ଆମଣ୍ଡା ଆନିସିମୋଭା ୬-୨, ୫-୭, ୬-୪ ସେଟ୍‌ରେ ଚେକ୍‌ଗଣରାଜ୍ୟର ଲିଣ୍ଡା ନୋସକୋଭାଙ୍କୁ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଛନ୍ତି।



## ଜାତୀୟ କନିଷ୍ଠ ରଗ୍‌ବି ଲାଗି ଓଡ଼ିଶା ଦଳ

**ଭୁବନେଶ୍ୱର, ୮।୭ (ସଂଚାର ବ୍ୟୁରୋ):** ଜାତୀୟ କନିଷ୍ଠ ରଗ୍‌ବି ୭ଏସ୍ ପ୍ରତିଯୋଗିତା ଲାଗି ଓଡ଼ିଶାର ଉଭୟ ବାଳକ ଓ ବାଳିକା ଦଳ ଘୋଷିତ ହୋଇଛି। ଏହି ପ୍ରତିଯୋଗିତା ଉତ୍ତରାଖଣ୍ଡରେ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ବାଳିକା ଦଳରେ ରାଜକିଶୋର ମୁର୍ମୁ ପ୍ରଶିକ୍ଷକ, ରଜନୀ ସାବର ପ୍ରବନ୍ଧକ ଓ କୁମ୍‌କୁମ୍ ଫିଜିଓ ଭାବେ ସେଠାକୁ ଗସ୍ତ କରିଛନ୍ତି। ଗତ ଥରର ଉପବିଜେତା ବାଳିକା ଦଳ ମଣିପୁର ଓ ଉତ୍ତରପ୍ରଦଶେ ସହ ଗ୍ରୁପ୍-'ବି'ରେ ସ୍ଥାନ ପାଇଛି। ବାଳକ ଦଳ ସହ ଧୀରେନ କୁମାର ରାଉତ (ପ୍ରଶିକ୍ଷକ), ମୁନା ମୁର୍ମୁ (ପ୍ରବନ୍ଧକ) ଓ ଅର୍ଜୁନ ସିଂହ (ଫିଜିଓ) ୧୦ ତାରିଖରେ ଉତ୍ତରାଖଣ୍ଡ ଗସ୍ତ କରିବେ।

**ବାଳିକା ଦଳ:** ରଞ୍ଜୁଲତା ନାଏକ, ରାଇମଣି ମୁର୍ମୁ, ମାମାଲି ସିଂହ, ବର୍ଷାରାଣୀ ପ୍ରଧାନ, ସନ୍ଧ୍ୟାରାଣୀ ବିଶ୍ୱାଳ, ଅନିତା ମୁର୍ମୁ, ବାସି ଓରାମ, ମନୀଷା ମାଲ୍‌ହି, ନମିତା ହେମ୍ବ୍ରମ, ସୁମିତ୍ରା ମୁର୍ମୁ, ସୋନାଲି ମାରାଣ୍ଡି।

**ବାଳକ ଦଳ:** ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ରାହୁଲ ମାଝୀ, ଚିନ୍ମୟ କୁମାର ନାଏକ, ସୂରଜ କୁମାର ଦୋରା, ଈଶ୍ୱର ପୂଜାରୀ, ମଣ୍ଟୁ ଟୁଡୁ, ଶିବ ସୋରେନ, ଭରତ କିଷାନ, ଆତ୍ମା ମୁର୍ମୁ, ସୁବାସ ହାଁସ୍‌ଦା, ଶୁଭପତି ନାଏକ।

ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ା

## ଓଡ଼ିଶାକୁ ଆଉ ୩ ପଦକ





**କଟକ, ୮।୭ (ସଂଚାର ବ୍ୟୁରୋ):** ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଆୟୋଜିତ ବିଶ୍ୱ ପୁଲିସ ଓ ଅଗ୍ନିଶମ କ୍ରୀଡ଼ାରେ ଓଡ଼ିଶା ପୁଲିସର ଖେଳାଳିମାନଙ୍କ ସଫଳତା ଜାରି ରହିଛି। ସୋମବାର ଅଶୋକ ଦଣ୍ଡସେନା ଦୁଇଟି ସ୍ୱର୍ଣ୍ଣ ଏବଂ ସୁସ୍ମିତା ଟିଗା ଗୋଟିଏ ରୌପ୍ୟ ଜିତିଛନ୍ତି। ୨୧ କିଲୋମିଟର ହାଫ ମାରାଥନ୍ ସହ ଏହାର ଟିମ୍ ଇଭେଣ୍ଟ୍‌ରେ ଅଶୋକ ସ୍ୱର୍ଣ୍ଣ ଦୁଇଟି ପାଇଥିଲେ। ମହିଳା ୨୧ କିଲୋମିଟର ହାଫ୍ ମାରାଥନ୍‌ରେ ସସ୍ମିତା ରୌପ୍ୟ ଜିତିଛନ୍ତି। ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ମାନେ ଏପର୍ଯ୍ୟନ୍ତ ୧୩ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୪ କାଂସ୍ୟ ସହ ମୋଟ ୨୦ ପଦକ ଜିତି ସାରିଲେଣି। ପୁଲିସ ଡିଜି ୱାଇ ବି ଖୁରାନିଆ ବିଜୟୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଇସିସି ସିଇଓ ହେଲେ ସଂଯୋଗ ଗୁପ୍ତା



ଦୁବାଇ, ୮।୭: ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି)ର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବେ ସଂଯୋଗ ଗୁପ୍ତାଙ୍କୁ ନିଯୁକ୍ତ କରିଛି। ସେ ଆଇସିସିର ସପ୍ତମ ସିଇଓ ଭାବେ ସଂଯୋଗ ସୋମବାର କାର୍ଯ୍ୟଭାର ନେଇଛନ୍ତି। ସଂଯୋଗ ପୂର୍ବରୁ ଡିଜ୍‌ନି ଷ୍ଟାର୍‌ର କ୍ରୀଡ଼ା ମୁଖ୍ୟ ଥିଲେ। ପୂର୍ବତନ ସିଇଓ ଜିଓଫ ଆଲାର୍ଡାଇସ୍ ଜାନୁଆରିରେ ଓହରି ଯିବାରୁ ତାଙ୍କ ସ୍ଥାନରେ ସଂଯୋଗ ନିଯୁକ୍ତ ହୋଇଛନ୍ତି। ଆଲାର୍ଡାଇସ୍ ୨୦୨୧ରୁ ଆଇସିସି ସିଇଓ ଥିଲେ। ଆଇସିସି ସିଇଓ ଭାର ସମ୍ଭାଳିବାରେ ସଂଯୋଗ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ପୂର୍ବରୁ ମନୁ ସାହାନୀ ଏହି ଦାୟିତ୍ୱ ତୁଲାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆମ ଯୋଡ଼ିକୁ...

ନିବେଶ ହୋଇଛି। ଆଜି ଓଡ଼ିଶାର ଚିତ୍ର ବଦଳୁଛି। ଓଡ଼ିଶାବାସୀଙ୍କ ସେବା ପାଇଁ ସରକାରଙ୍କ ସହ ଦଳ ଖୁଣ୍ଟ ଭାବେ ଛିଡ଼ା ହୋଇ ରହିବ ବୋଲି ମନମୋହନ କହିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ୨୦୩୬ରେ ସମୃଦ୍ଧ ଓଡ଼ିଶା, ୨୦୪୭ରେ ବିକଶିତ ଭାରତ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଏଥିରେ ଓଡ଼ିଶାର ଅବଦାନ ସର୍ବାଧିକ ରହିବ। ବିଜେପି ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି କ୍ରମଶଃ ପୂରଣ କରିଚାଲିଛି। ଆଜି ଆମ ଦାୟିତ୍ୱ ବଢ଼ିଛି, ସରକାର ଆଣିବା ଯେତିକି କଷ୍ଟ ଥିଲା,ଏବେ ଲୋକଙ୍କ ଆଶା ମଧ ସେଭଳି ପୂରଣ କରିବାକୁ ହେବ। ସ୍ୱାଧୀନତାର ୭୮ ବର୍ଷ ପରେ ବି ରାଜ୍ୟରେ ଅନେକ ସମସ୍ୟା ରହିଛି। ଏସବୁ ସମସ୍ୟାର ସମାଧାନ କରିବାକୁ ହେବ। ଏଥିପାଇଁ ସରକାର ଆସିବା ପରେ ବି ଆମେ ଶୋଇବା ନାହିଁ। ସରକାରଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ସକାଶେ ମିଳିମିଶି କାମ କରିବାକୁ ହେବ ଓ ଏଥିରେ କାର୍ଯ୍ୟକର୍ତ୍ତାଙ୍କର ସବୁଠାରୁ ବଡ଼ ଭୂମିକା ରହିଛି। ରାଜ୍ୟରେ ବିଜେପି ସରକାର ଗଠନର ପ୍ରଥମ ବର୍ଷରେ ୨୧ରୁ ୧୧ ପ୍ରତିଶ୍ରୁତି ପୂରଣ କରିଛି। ବିଜେପି ଏକ ରାଷ୍ଟ୍ରୀୟ ଦଳ ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ବିକଶିତ ଭାରତ ଗଠନ ଦିଗରେ ଆମଠାରୁ ରଖିଥିବା ଆଶା, ଆମେ ନିଶ୍ଚିତ ପୂରଣ କରିବୁ। ରାଜ୍ୟରେ ଦଳ ଆଗାମୀ ୨୦୩୬ରେ କ୍ଷମତାରେ ଥିବ ଓ ୨୦୪୭ ପର୍ଯ୍ୟନ୍ତ ବି ଜାରି ରହିବ ବୋଲି ମନମୋହନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ସମସ୍ତଙ୍କୁ ଟିମ୍ ସ୍ପିରିଟ୍‌ରେ କାମ କରିବାକୁ ପଡ଼ିବ। ଆମ ପାଖରେ ଯୋଗ୍ୟ ମୁଖ୍ୟମନ୍ତ୍ରୀଠାରୁ ଆରମ୍ଭ କରି, ଯୋଗ୍ୟ ମନ୍ତ୍ରୀ, ଯୋଗ୍ୟ ସାଂସଦ, ଯୋଗ୍ୟ ବିଧାୟକ ଓ ଯୋଗ୍ୟ କାର୍ଯ୍ୟକର୍ତ୍ତା ଅଛନ୍ତି। ଅସମ୍ଭବ ଆମ ଶବ୍ଦକୋଷରେ ନାହିଁ, ତେଣୁ ସବୁକିଛି ସମ୍ଭବ। ଏଥିପାଇଁ ସଂଗଠନକୁ ଅଧିକ ଶକ୍ତିଶାଳୀ କରିବାକୁ ପଡ଼ିବ। ଦଳ ଆଗକୁ ବଢୁଥିବାରୁ ବିରୋଧୀ ବିଚଳିତ ବୋଲି ମନମୋହନ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ନୀଳାଦ୍ରି ବିଜେ ଅବସରରେ ବିଜେପି ରାଜ୍ୟ ସଭାପତି ଭାବେ ଶ୍ରୀ ସାମଲ ଚତୁର୍ଥ ଥର ପାଇଁ ଦାୟିତ୍ୱ ନେଉଛନ୍ତି, ତେଣୁ ତାଙ୍କୁ ଯଥେଷ୍ଟ ଶୁଭେଚ୍ଛା। ବିଜେପି ପାଇଁ ଯେବେଠୁ ସେ କାମ କରିଛନ୍ତି, ସବୁବେଳେ ଶୁଭ ସଂକେତ ଆସିଛି। ତାଙ୍କ ସଭାପତିତ୍ୱରେ ଦଳ ସର୍ବପ୍ରଥମେ ସରକାରରେ ସାମିଲ୍ ହୋଇଥିଲା। ଏହାର ୨୦ ବର୍ଷ ପରେ ଦଳ ଏକାକୀ କ୍ଷମତା ଦଖଲ କରିଛି। ଯେଉଁମାନେ ପଚାରୁଥିଲେ କୁଆଡେ ଗଲା ଡବଲ ଇଞ୍ଜିନ, ସେମାନଙ୍କୁ ଏବେ କଡ଼ା ଜବାବ ମିଳିଛି। ମନମୋହନଙ୍କ ନେତୃତ୍ୱରେ ରାଜ୍ୟରେ ବିଜେପି ଝଣ୍ଡା ଉଡ଼ିଲା। ୨୧ରୁ ୨୦ ଆସନ ଜିତି ଅସମ୍ଭବକୁ ସମ୍ଭବ କରିବା ମନମୋହନଙ୍କ ନେତୃତ୍ୱ ଯୋଗୁ ହିଁ ସମ୍ଭବ ହୋଇଛି। ସେ ଏବିଭିପିରୁ କାମ କରି ବିଧାୟକ, ମନ୍ତ୍ରୀ, ସାଂସଦ ହେବ ସହ ଚତୁର୍ଥ ଥର ସଭାପତି ହୋଇ ଇତିହାସ ରଚିଛନ୍ତି। ତାଙ୍କ ଦୃଢ଼ ନେତୃତ୍ୱ, ବିଚକ୍ଷଣ ସାଙ୍ଗଠନିକ ଦକ୍ଷତା ଓ କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅପାର ସମର୍ପଣ ହିଁ ଓଡ଼ିଶାରେ ବିଜେପିକୁ ନୂଆ ପରିଚୟ ଦେଇଛି। ବିଜେପି ଆଜି ଏକାକୀ ସରକାର ଗଠନ କରିବା ପରେ ନିର୍ବାଚନ ପ୍ରତିଶ୍ରୁତିକୁ ଅକ୍ଷର ଅକ୍ଷରେ ପାଳନ କରିଛି। ପ୍ରଧାନମନ୍ତ୍ରୀ ଓଡ଼ିଶା ଆସି ଆମ ନେତୃତ୍ୱର ସଫଳତାକୁ ମୋହର ମାରିଛନ୍ତି। ବିଦେଶ ପୁଞ୍ଜି ନିବେଶରେ ଓଡ଼ିଶା ରେକର୍ଡ କରିଛି। ବିଜେପି ପରିବାରବାଦ ଦଳ ନୁହେଁ। ତୃଣମୂଳ ସ୍ତରର ନେତା କିପରି ଶୀର୍ଷ ନେତୃତ୍ୱକୁ ଯାଇଛନ୍ତି, ତାହା ଓଡ଼ିଶା ଦେଖିଛି। କାର୍ଯ୍ୟକର୍ତ୍ତାଙ୍କ ଦଳର ପୋଷ୍ଟର ମାରୁଥିବା କାର୍ଯ୍ୟକର୍ତ୍ତା ଦଳର ଶୀର୍ଷ ନେତୃତ୍ୱକୁ ଯାଇପାରେ। କେନ୍ଦୁଝରର ରାଇକେଲାରୁ ଆସିଥିବା ଜଣେ ଆଦିବାସୀ ଗରିବ ଘରର ମୋହନ ମାଝୀଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ବନେଇଛି। ଏଥିରୁ ଦଳର ନୀତି ଓ ଆଦର୍ଶ ସ୍ପଷ୍ଟ ହୋଇଛି। ମନମୋହନ ଚତୁର୍ଥ ଥର ସଭାପତି, ମୋହନ ମାଝୀ ଚତୁର୍ଥ ଥର ବିଧାୟକ, ଏହି ଯୋଡ଼ାକୁ ଘୋଡ଼ା ସରି ନୁହେଁ ବୋଲି ଆଜି ପ୍ରମାଣିତ ହୋଇଛି। କେନ୍ଦ୍ରର ୧୧ ବର୍ଷ ରାଜ୍ୟର ୧ ବର୍ଷ ମିଶି ୧୨ ହେଉଛି। କିନ୍ତୁ ଏହା ଆଗକୁ ୧୧୨ରେ ପହଞ୍ଚିବ। ବିଜେପି ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ ଭଳି। ଗୋଟିଏ ପଟେ ମନମୋହନଙ୍କ ନେତୃତ୍ୱରେ ସଙ୍ଗଠନ ଦାୟିତ୍ୱ, ଅନ୍ୟପଟେ ମୋହନ ମାଝୀଙ୍କ ନେତୃତ୍ୱରେ ସରକାର। କାର୍ଯ୍ୟକର୍ତ୍ତାଙ୍କ ତ୍ୟାଗ ତପସ୍ୟା ଓ ବଳିଦାନ ପାଇଁ ଲୋକ ସେବା ଭବନରେ ପଦ୍ମ ଫୁଟିଛି। ଆଗାମୀ ଦିନରେ ମନମୋହନଙ୍କ ନେତୃତ୍ୱରେ ବିଜେପିର ସଙ୍ଗଠନ ଆହୁରି ଅଧିକ ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ସାଂସଦ ବୈଜୟନ୍ତ ପଣ୍ଡା ମନମୋହନଙ୍କ ନେତୃତ୍ୱରେ ସରକାର ଓ ସଂଗଠନ ଆଗକୁ ବଢ଼ିବ ବୋଲି କହିଥିବା ବେଳେ ସାଂସଦ ସମ୍ବିତ ପାତ୍ର ରାଜ୍ୟରେ ଏବେ ଟ୍ରିପଲ ଏମ୍ (ମୋଦି, ମୋହନ ଓ ମନମୋହନ) ସରକାର ଚାଲିଛି ବୋଲି କହିଛନ୍ତି।

### ରତ୍ନବେଦିକୁ...

ଓହ୍ଲାଇ ସିଂହଦ୍ୱାରକୁ ଯାଉଥିବା ବେଳେ ମହାଲକ୍ଷ୍ମୀ ସିଆଡୁ ଦାସୀ ଓ ସଖୀମାନଙ୍କ ସହ ଆସି ସିଂହଦ୍ୱାର କବାଟ କିଳି ଦେଲେ। ଆରମ୍ଭ ହୋଇଗଲା ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କ ମଧରେ ଝଗଡ଼ା 'ଲକ୍ଷ୍ମୀ ନାରାୟଣ କଳି'।

ଘୋଷଯାତ୍ରାରେ ସାଙ୍ଗରେ ନେଇନଥିବାରୁ ଅଭିମାନିନୀ ମା' ଲକ୍ଷ୍ମୀଙ୍କୁ ରସଗୋଲା ଖୁଆଇ ମାନଭଞ୍ଜନ କରିଥିଲେ ମହାପ୍ରଭୁ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆଉ ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ ସମ୍ପର୍କ ତ ଓଡ଼ିଆ ଦମ୍ପତିଙ୍କର ମଧୁର ସମ୍ପର୍କର ମାନବୀୟ ଲୀଳା। ମହାପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କ ମାନଭଞ୍ଜନ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। କିନ୍ତୁ ଜଗମୋହନକୁ ପ୍ରବେଶ କରିବା ପରେ ପୁଣି ଥରେ ଜୟବିଜୟ ଦ୍ୱାରରେ ମା'ଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ମହାଲକ୍ଷ୍ମୀଙ୍କ ସହଚରୀମାନେ ଜୟବିଜୟ ଦ୍ୱାରକୁ ବନ୍ଦ କରିଦେଇଥିଲେ। ଏହି ସମୟରେ କାଳିଆ ଠାକୁରଙ୍କ ସହଚର ଓ ମା' ଲକ୍ଷ୍ମୀଙ୍କ ସହଚରୀଙ୍କ ମଧରେ କଳି ଲାଗିଥିଲା। ପାରମ୍ପରିକ ବଚନିକା ପରେ ଖୋଲି ଦେଇଥିଲେ ଜୟବିଜୟର ଦ୍ୱାର। ପ୍ରଭୁ ଶ୍ରୀଜଗନ୍ନାଥ ମହାଲକ୍ଷ୍ମୀଙ୍କୁ ଜୟବିଜୟ ଦ୍ୱାର ନିକଟରେ ରସଗୋଲା ଦେଇ ତାଙ୍କର ମାନଭଞ୍ଜନ କରିଥିଲେ। ନୀଳାଦ୍ରି ବିଜେର ବିଶେଷତ୍ୱ ହେଲା, ରସଗୋଲା ଭୋଗ। ସାରା ବର୍ଷ ଏଇ ଗୋଟିଏ ଦିନ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୁଏ।

### ଓଏଏସ ସଂଘ...

ସାଜିଥିଲେ ଯୋଗସୂତ୍ର। ସେମାନେ ନବୀନ ନିବାସ ସହ ସଂଘ ନେତାଙ୍କ ବାର୍ତ୍ତାଳାପ କରାଉଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପରେ ସଂଘ ସମୂହ ଛୁଟି ଘୋଷଣା ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ ବି ମଧ୍ୟସ୍ଥି ସାଜିଥିବା ଏହି ଅଫିସରମାନେ ଜିଲ୍ଲା ସ୍ତରରେ କାର୍ଯ୍ୟବନ୍ଦ କରାଇବାକୁ ଚାପ ପକାଇଥିଲେ। ଯାହାର ଫଳସ୍ୱରୂପ ରାଜ୍ୟ ସ୍ତରରେ ସଂଘ ଆନ୍ଦୋଳନ ସ୍ଥଗିତ ରଖିବା ପରଦିନ ଜିଲ୍ଲା ସ୍ତରରେ କାର୍ଯ୍ୟବନ୍ଦ କରାଗଲା। ରାଜ୍ୟ ସରକାର ମଧ୍ୟ ଏହି ରାଜଦ୍ରୋହୀଙ୍କୁ ଇତିମଧ୍ୟରେ ଚିହ୍ନଟ କରିସାରିଥିବା ଜଣାପଡ଼ିଛି। କାର୍ଯ୍ୟାନୁଷ୍ଠାନ ପାଇଁ କେବଳ ଉପଯୁକ୍ତ ସମୟକୁ ରାଜ୍ୟ ସରକାର ଅପେକ୍ଷା କରିଛନ୍ତି।

### ୩୨ ରାଷ୍ଟ୍ରୀୟ ପରିଷଦ...

ରାଷ୍ଟ୍ରୀୟ ପରିଷଦ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ବିମ୍ବାଧର କୁଅଁର, ପ୍ରେମ ସାଗର ଓରାମ, ସବିତା ନନ୍ଦ, ଦିଲୀପ ମିଶ୍ର, ମମିତା ନାୟକ, ଡା. ବୁଧନ ମୁର୍ମୁ, ଜୀବନ ପ୍ରଦୀପ ଦାସ, ଅନୀଲ ବେହେରା, ପୂର୍ଣ୍ଣଚନ୍ଦ୍ର ପାଣି, ବିନୋଦ ବିହାରୀ ଜେନା, ସଞ୍ଚିତା ମହାନ୍ତି, ପ୍ରେମାନନ୍ଦ ଜେନା, ଡା. ଓମପ୍ରକାଶ ଯୋଶୀ, ବସନ୍ତ ପଣ୍ଡା, ପ୍ରଦୀପ୍ତ କୁମାର ନାଏକ, ଗୁରୁଚରଣ ମହାନ୍ତି, ପର୍ଶୁରାମ ମାଝୀ, ସଂଜିତ ମଣ୍ଡଳ, ବ୍ରଜେନ୍ଦ୍ର ରାୟ, ଦୁର୍ଯ୍ୟୋଧନ ସାହୁ, ଈଶ୍ୱର ଚନ୍ଦ୍ର ବେହେରା, ଉପେନ୍ଦ୍ରନାଥ ବିଶ୍ୱାଳ, ମଧୁସୁଦନ ସିଂହାରୀ, ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଅଜୟ କୁମାର ମିଶ୍ର, କାନନବାଳା ପଟ୍ଟନାୟକ, ଜୟନ୍ତୀ ପଢ଼ିଆରୀ, ମହେଶ ଚନ୍ଦ୍ର ମହାନ୍ତି, କାହ୍ନୁଚରଣ ପତି, ନଳିନୀକାନ୍ତ ପାତ୍ର, ଜୟରାମ ଭୋଇ ଓ ୱାଇ. ଗଣପତି।

ଏହି ଅବସରରେ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଷ୍ଟ୍ରୀୟ ସହ ନିର୍ବାଚନ ଅଧିକାରୀ ଡ. ସମ୍ବିତ ପାତ୍ର, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ନିର୍ବାଚନ ଅଧିକାରୀ ତଥା ସାଂସଦ ପ୍ରତାପ ଷଡଙ୍ଗୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଷ୍ଟ୍ରୀୟ ଉପସଭାନେତ୍ରୀ ତଥା ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ବରିଷ୍ଠ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭାପତି ସୁରେଶ ପୂଜାରୀ ଉପସ୍ଥିତ ଥିଲେ।

### ରାଜ୍ୟବ୍ୟାପୀ...

ରୂପେ ଘୋଷଣା କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ରାଜ୍ୟ ପରିବହନ ମନ୍ତ୍ରୀ ଓ ଦୁଇ ଜଣ ବିଧାୟକ ଆନ୍ଦୋଳନରତ ଡ୍ରାଇଭର ମହାସଂଘର ପ୍ରତିନିଧିଙ୍କ ସହ ଆଲୋଚନା ଜାରି ରଖିଥିଲେ।

ସୂଚନାଯୋଗ୍ୟ ଯେ ଗତ ୯ ତାରିଖରେ ମହାମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଉପରୋକ୍ତ ଦାବି ଉପସ୍ଥାପନ କରାଯାଇଥିଲା।

ରାଜ୍ୟ ସରକାର ମଞ୍ଚର ଏହି ଦାବିଗୁଡିକ ପୂରଣ ନ କଲେ ଜୁଲାଇ ୮ରେ ରାଜ୍ୟବ୍ୟାପୀ ମଞ୍ଚର ଡ୍ରାଇଭରମାନେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ଚେତାବନୀ ମଧ୍ୟ ଦିଆଯାଇଥିଲା। ଏହି କ୍ରମରେ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏକତା ମହାମଞ୍ଚ ଜରିଆରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଥିବା ମହାସଙ୍ଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି ସୂଚନା ଦେଇଛନ୍ତି। ତେବେ ଏହି ଆନ୍ଦୋଳନକୁ ଓଡ଼ିଶା ସଡ଼କ ପରିବହନ ଶ୍ରମିକ ମହାସଂଘ ମିଳିତ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ରାଜ୍ୟରେ ୩୫ଟି ସଂଘ ଥିବାବେଳେ କେବଳ ଗୋଟିଏ ସଂଘ ଷ୍ଟିଅରିଂ ଛାଡ଼ ପାଇଁ ଡାକରା ଦେଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

### କୃଷି ଅର୍ଥନୀତିକୁ...

ମାନଦଣ୍ଡ ଛୁଇଁଛି, କିନ୍ତୁ ସମୃଦ୍ଧିର ମୂଳ ଭିତ୍ତିଭୂମି ହେଉଛି କୃଷି ଭୂମି। ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱରେ ଉତ୍ତର ପ୍ରଦେଶରେ କୃଷକମାନଙ୍କ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାକୁ ବାସ୍ତବରେ ପରିଣତ କରାଯାଉଛି। ଗଙ୍ଗା, ସରସ୍ୱତୀ ଓ ତ୍ରିବେଣୀର ଜଳସ୍ରୋତ ଗୁଞ୍ଜରିତ ହେଉଥିବା ଗୌତମ ବୁଦ୍ଧ ନଗରରୁ ବାଲିଆ ପର୍ଯ୍ୟନ୍ତ ସ୍ଥାନ ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ଭାବନର ସଙ୍ଗମ ସହ ନୂଆ ପରିଚୟ ତିଆରି କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଏହି ଅବସରରେ ସେ କୃଷକମାନଙ୍କ ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଚୌଧୁରୀ ଚରଣ ସିଂହଙ୍କ ଅବଦାନକୁ ମନେ ପକାଇ କହିଛନ୍ତି ଯେ କୃଷକମାନଙ୍କ ଆୟ ଦ୍ୱିଗୁଣିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ ଓ ସମୃଦ୍ଧ କରିବା ପରେ ହିଁ ଏହି ଦୁଇ ମହାପୁରୁଷଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଉତ୍ତର ପ୍ରଦେଶ କୃଷି ମନ୍ତ୍ରୀ ମଧ ଉପସ୍ଥିତ ଥିଲେ। ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ବିଜନୌରସ୍ଥିତ ଉତ୍ତର ପ୍ରଦେଶର ବିଜେପି ସାଧାରଣ ସମ୍ପାଦକ (ସଂଗଠନ) ଧର୍ମପାଲ ସିଂହଙ୍କ ବାସଭବନରେ ପହଞ୍ଚି ତାଙ୍କ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଏଣିକି ନୂଆ...

ନିଯୋଗ ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆଉ ଗୋଟିଏ ଅଳଙ୍କାର ସେଟ୍ ପାଇଁ ନିବେଦନ କରାଯାଇଥିଲା। ଠାକୁରଙ୍କ ଇଚ୍ଛା ଥିଲେ ଏହା ହୋଇପାରିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। ସେପଟେ ରତ୍ନଭଣ୍ଡାର ମରାମତି ଶେଷ ହୋଇଛି। ତେଣୁ ଅଗଷ୍ଟ ମାସରେ ଗଣତିମଣତି ହେବାର ସମ୍ଭାବନା ରହିଛି।

ଉଚ୍ଚସ୍ତରୀୟ କମିଟି ବୈଠକରେ ଏନେଇ ଚୂଡାନ୍ତ ନିଷ୍ପତ୍ତି ହେବ। ଏଥିସକାଶେ ଦୁଇ ଜଣ ଏକ୍ସପର୍ଟଙ୍କୁ ଦେବା ସକାଶେ ଭାରତୀୟ ରିଜର୍ଭ ବ୍ୟାଙ୍କ୍‌କୁ ଚିଠି ଲେଖାଯିବ। ଯେଉଁମାନେ ସୋମନାଥ ମନ୍ଦିର ଓ ବିଭିନ୍ନ ବଡ଼ ମନ୍ଦିରରେ ଅଳଙ୍କାର ଗଣତିରେ ଅଭିଜ୍ଞତା ରଖୁଥିବେ, ସେହିଭଳି ଏକ୍ସପର୍ଟଙ୍କୁ ସାମିଲ କରାଯିବ। ରତ୍ନ ଅଳଙ୍କାର ରଖିବା ପାଇଁ ନୂଆ ସିନ୍ଦୁକ ପ୍ରସ୍ତୁତ କରାଯାଇଛି। ଅଭିଜ୍ଞ ବଣିଆ ଚିହ୍ନଟ କରାଯିବ। ରତ୍ନଭଣ୍ଡାର ମରାମତି ପରେ ଶତାଧିକ ବର୍ଷ ସ୍ଥାୟିତ୍ୱ ରହିବ। ରତ୍ନଭଣ୍ଡାର ମରାମତି ପରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିସାରିଛି ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## ମନାପଡ଼ା ପିୟୁପିଏସ୍ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ହରିଲୁଟ




**ଗୋପ, ୮।୭ (ସଂଚାର ବ୍ୟୁରୋ) :** ଗୋପ ବ୍ଲକ ବୀରିଡୁଙ୍ଗ ପଞ୍ଚାୟତରେ ଥିବା ମନାପଡ଼ା ପିୟୁ ପିଏସ୍ ବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା, ମଧ୍ୟାହ୍ନଭୋଜନରେ ହେରଫେର ଓ ସିନିୟର ଶିକ୍ଷକ ଥାଇ ଜୁନିୟର ଶିକ୍ଷକ ୧୩ ବର୍ଷ ହେଲା ପ୍ରଧାନ ଶିକ୍ଷକ ରହିଛନ୍ତି। ଉକ୍ତ ସ୍କୁଲରେ ୭୭ ପିଲା ପଢୁଥିବା ବେଳେ ଏହି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ବ୍ୟାପକ ହରିଲୁଟ ହେଉଥିବା ସମାଜ ସେବୀ ବିଚିତ୍ରା ମହାପାତ୍ର ଅଭିଯୋଗ କରିଛନ୍ତି। ସେହିପରି ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପ୍ରଯ୍ୟନ୍ତ ପିଲା ପାଠ ପଢୁଥିବା ବେଳେ ସ୍କୁଲରେ ୫୦ ଜଣ ପିଲା ମଧ୍ୟାହ୍ନ ଭୋଜନ ଖାଉଥିବା ବେଳେ ୭୦ ପିଲା ଖାଇଲେ ବୋଲି ସରକାରୀ ଖାତାରେ ଦର୍ଶାଯାଉଥିବା ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ଗଣମାଧମ ପ୍ରତିନିଧଙ୍କୁ ଅଭିଯୋଗ କହିଛନ୍ତି। ଗତ ମେ' ୨ରେ ମନାପଡ଼ା ସ୍କୁଲରେ ନିରଞ୍ଜନ ଦାସ ଆଇଭି ଲେବୁଲର ସିନିୟର୍ ଶିକ୍ଷକଙ୍କୁ ପ୍ରଶିକ୍ଷକ ଭାବେ ରମେଶ ଚନ୍ଦ୍ର ମଲ୍ଲିକ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏସମ୍ପର୍କରେ ଗୋପ ବ୍ଲକ ଶିକ୍ଷଧିକାରୀ ଙ୍କୁ ପଚାରିବାରେ ସେ ଅଭିଯୋଗ ପାଇଛନ୍ତି ବୋଲି କହିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବ୍ଲକ ଶିକ୍ଷାଧିକାରୀ କହିଛନ୍ତି।

### ମିଳିଛି ଆବାସ କାର୍ଯ୍ୟାଦେଶ, ଆସୁନି ପ୍ରଥମ କିସ୍ତି

## ବର୍ଷାରେ ଭାଙ୍ଗିଲା ଦିବ୍ୟାଙ୍ଗ ପ୍ରତୀମାଙ୍କ ଘରକାନ୍ଥ



**ଡେରାବିଶ, ୮।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ୍ ଏଣ୍ଡର ପଂଚାୟତ ଅନ୍ତର୍ଗତ ଏଣ୍ଡର ଗ୍ରାମର ଆର୍ଥିକ ଅନଗ୍ରସର ଓ ଦିବ୍ୟାଙ୍ଗ ପ୍ରତୀମା ପ୍ରଧାନ। ପୈତୃକ ସମ୍ପତ୍ତି କହିଲେ ଝାଟିମାଟି ଘର ଖଣ୍ଡିଏ । ବହୁ କଷ୍ଟରେ ସେ ନିଜର ପ୍ରତିପୋଷଣ କରିଥା'ନ୍ତି । ଚଳିତ ଆର୍ଥିକ ବର୍ଷର ମାର୍ଚ୍ଚ ୩୦ ତାରିଖରେ ପ୍ରତୀମାଙ୍କୁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟଦେଶ। ଏଥିରେ ପ୍ରତୀମା ଉତ୍ସାହିତ ହୋଇ ତାଙ୍କ ଝାଟିମାଟି ଘରର ଅଧା ଭାଙ୍ଗିଦେଇ ଅପେକ୍ଷା କରିଥିଲେ ପକ୍କା ଗୃହ ବଖରାଏ ନିର୍ମାଣ କରିବେ । ତେବେ ତାଙ୍କ ଘର ନିର୍ମାଣ ଆଶା ଏବେ ସ୍ୱପ୍ନରେ ପରିଣତ ହେବାକୁ ବସିଛି। କାର୍ଯ୍ୟ ଦେଶ ପାଇବାର ତିନିମାସ ବିତିଯାଇଥିଲେ ମଧ ଅଦ୍ୟାବଧି ତାଙ୍କ ଜମାଖାତାକୁ ପ୍ରଥମ କିସ୍ତି ବାବଦ ୪୦ ହଜାର ଟଙ୍କା ଆସିନାହିଁ । ପ୍ରତୀମା କହିଛନ୍ତି, ତାଙ୍କ ଜାମାଖାତାକୁ ମାତ୍ର ଟଙ୍କାଟିଏ ଆସିଛି। ଏପଟେ ଝାଟିମାଟି ଘର ଅଧା ଭାଙ୍ଗି ଦେଇଥିବାରୁ ଲଘୁଚାପ ବର୍ଷାରେ ସେ ବହୁ ଅସୁବିଧା ଭୋଗୁଛନ୍ତି । ଦୁଇଦିନ ତଳେ ସେ ଶୋଇଥିବାବେଳେ ବର୍ଷା ପାଣିରେ କାନ୍ଥ ଭେଦି ଖସିପଡ଼ିଛି। ସୌଭାଗ୍ୟକୁ ଏହି କାନ୍ଥ ତାଙ୍କ ଉପରେ ନ ପଡ଼ି କଡ଼ରେ ପଡ଼ିଥିଲା । ଫଳରେ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ଷିଯାଇଥିବା କହିଛନ୍ତି । ଆଉ ଏକ ଚାଳଘର କରିବାକୁ କି ଭଙ୍ଗା ଘରକୁ ମରାମତି କରିବାକୁ ଅର୍ଥ ନାହିଁ । ଦିବ୍ୟାଙ୍ଗ ପ୍ରତୀମା ଏବେ ସମ୍ପୂର୍ଣ୍ଣ ବେସାହାରା ହୋଇପଡ଼ିଛନ୍ତି । ସରକାର ତୁରନ୍ତ ବେସାହାରା ଦିବ୍ୟାଙ୍ଗ ପ୍ରତାମାଙ୍କୁ ଆବାସ ଯୋଜନାର ପ୍ରଥମ କିସ୍ତି ଟଙ୍କା ଯୋଗାଇ ଦେବାକୁ ସମାଜସେବୀ ଭଗନ ଧଳ ଦାବି କରିଛନ୍ତି ।

## ମାହାଙ୍ଗାରେ ଡ୍ରାଇଭର ସଂଘର ଆନ୍ଦୋଳନ



**ମାହାଙ୍ଗା, ୮।୭ (ସଂଚାର ବ୍ୟୁରୋ):** ଡ୍ରାଇଭର ମହାସଂଘ ପକ୍ଷରୁ ୭ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟିଅରିଙ୍ଗ ଛାଡ଼ ଆନ୍ଦୋଳନ ଡାକରାକୁ ସମର୍ଥନ ଜଣାଇ ରାଜ୍ୟ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମଣ୍ଡୁଲିଙ୍କ ନିର୍ଦ୍ଦେଶକ୍ରମେ ମାହାଙ୍ଗା ଡ୍ରାଇଭର ମହାସଙ୍ଘ ପକ୍ଷରୁ ସାଲେପୁର ଛତିଆ ପୂର୍ତ୍ତ ରାସ୍ତାର ପଶୁଲୁଣ୍ଡା ଠାରେ ମାହାଙ୍ଗା ବ୍ଲକ୍ ଅଞ୍ଚଳର ଶତାଧିକ ଡ୍ରାଇଭରମାନେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନକୁ ଜୋରଦାର କରିଥିବା ଦେଖିବାକୁ ମିଳିଛି। ରାସ୍ତାରେ ଯାଉଥିବା ଅନେକ ଗାଡିକୁ ଅଟକାଇ ଆନ୍ଦୋଳନରେ ସାମିଲ ହେବାକୁ ଅନୁରୋଧ କରିଥିଲେ। ପୂର୍ବ ସରକାର କିଛି ଦାବି ମାନିଥିବା ବେଳେ ବର୍ତମାନର ସରକାର ବାରଂବାର ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ସେମାନଙ୍କ ୭ ଦଫା ଦାବି ଯେପର୍ଯ୍ୟନ୍ତ ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ଡ୍ରାଇଭରମାନେ ଚେତାବନୀ ଦେଇଛନ୍ତି। ମାହାଙ୍ଗା ଡ୍ରାଇଭର ସଙ୍ଘ କମଳାକାନ୍ତ ରାଉଳ ଉପସଭାପତି, ଅରୁଣ କୁମାର୍ ଜେନା ଯୁଗ୍ମ ସଂପାଦକ, ମନୋରଂଜନ ନାଥ ଉପଦେଷ୍ଟା, ବସନ୍ତ ଜେନା କୋଷାଧକ୍ଷ କୁଷ୍ଣଚନ୍ଦ୍ର ବେହେରା, ଧନେଶ୍ୱର ଜେନା, ଅଜୟ ରାଉ,ତ ପ୍ରକାଶ କୁମାର ସିହ୍ନାଙ୍କ ସମେତ ମାହାଙ୍ଗାର ୩୭ଗୋଟି ପଞ୍ଚାୟତର ଡ୍ରାଇଭର କର୍ମକର୍ତ୍ତାଙ୍କ ସମେତ ଶତାଧିକ ଡ୍ରାଇଭର ଯୋଗଦେଇଥିଲେ ।

### ବଢୁଛି ଦେବୀ ନଦୀ ଜଳସ୍ତର

# ବଢୁଛି ନଦୀକୂଳିଆଙ୍କ ଚିନ୍ତା



**କାକଟପୁର/ଅସ୍ତରଙ୍ଗ, ୮।୭ (ସଂଚାର ବ୍ୟୁରୋ) :** ହୀରାକୁଦ ବନ୍ୟାଜଳ ଛାଡିବା ପରେ ମହାନଦୀରେ ବୃଦ୍ଧି ପାଇଛି ଜଳସ୍ତର। ମହାନଦୀର ଜଳସ୍ତର ବୃଦ୍ଧି ଯୋଗୁଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳଦେଇ ପ୍ରଭାହିତ ଦେବୀ ନଦୀ ଓ ଶାଖା ନଦୀରେ ଜଳସ୍ତର

**ଉଜୁଡ଼ିପାରେ ପନିପରିବା**

ବୃଦ୍ଧି ପାଇଛି। କିନ୍ତୁ କାକଟପୁର ବ୍ଲକ ବାଉରିଆକଣ ନିକଟରେ ଜଳସ୍ତର ବିପଦ ସଂକୁଳ ତଳେ ପ୍ରବାହିତ ହେଉଛି। ଫଳରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ତଳିଆ ଅଞ୍ଚଳର ଗ୍ରାମବାସୀଙ୍କ ମନରେ ଛନକା ପଶିଛି।

ମହାନଦୀରେ ଜଳସ୍ତର ବୃଦ୍ଧି ପାଇଲେ ଶାଖା ନଦୀ ଦେବୀ ନଦୀରେ ମଧ ବୃଦ୍ଧି ପାଇବ ଜଳସ୍ତର। ଯାହା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ୩୦ରୁ ଉର୍ଦ୍ଧ ଗ୍ରାମରେ ପ୍ରଭାବ ପଡିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବାଲିଡିଆ, ନଗର, କାଳିଆକଣ, ବାଲିପନ୍ତାଲ, ତାଳଦା, ଡିହକରଡ଼ା, ଡିଆ, ଏଡ଼ବାଂଶ, ଆଳସାହି, ପାଟସୁନ୍ଦରପୁର, ପୁଇଁଚାନ୍ଦିଆ, ବରାଙ୍ଗ, ଆଳଙ୍ଗପୁର, ତଣ୍ଡାହାର, ସହନ, କେଉଟଜଙ୍ଘା, ବିଲୁଆମଣ୍ଡୁଳି ଆଦି ଗ୍ରାମର ଗ୍ରାମବାସୀ ପ୍ରଭାବିତ ହୁଅନ୍ତି। ଏକର ଏକର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥାଏ। ଚାଷକୁ ନିର୍ଭର କରି ଚଳୁଥିବା ଚାଷୀ ଏବଂ ବ୍ୟବସାୟୀ ବହୁ ପରିମାଣରେ କ୍ଷତି ସହିଥାନ୍ତି। ପ୍ରତିବର୍ଷ ସମାନ ଘଟଣା ଦେଖିବାକୁ ମିଳେ। ଯଦି ଆଗାମୀ ଦିନରେ ଦେବୀ ନଦୀରେ ଜଳସ୍ତର ବୃଦ୍ଧି ପାଏ ନିଶ୍ଚୟ ତଳିଆ ଅଞ୍ଚଳ ଲୋକଙ୍କ ପାଇଁ ସମସ୍ୟା ହେବ ବୋଲି ଆଶା କରାଯାଉଛି।

## ବାହୁଡ଼ା ଗଲା, ଏବେ ବାହୁଡ଼ିବେ ପୁଲିସ ବାବୁ

● ପୂର୍ବରୁ ବାହାରିଥିଲା ବିଜ୍ଞପ୍ତି

**କାକଟପୁର/ଅସ୍ତରଙ୍ଗ, ୮।୭ (ସଂଚାର ବ୍ୟୁରୋ) :** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଥାନାରେ ବର୍ଷ ବର୍ଷ ହେଲା ଗୋଟିଏ ଗୋଟିଏ ଥାନାରେ ଗାଦି ମାଡି ବସିଛନ୍ତି ପୁଲିସ ବାବୁ, ବାବୁଆଣୀ। ରଥଯାତ୍ରା ପୂର୍ବରୁ ପୁଲିସ ଅଧିକାରୀଙ୍କ ଅଦଳବଦଳ ହୋଇଥିବା ଜଣାପଡିଥିଲା। ବଦଳି ଆଦେଶ ହେବା ପରେ ରଥ ଯାତ୍ରା ପାଇଁ ଅଟକି ରହିଥିଲା। ଘୋଷଯାତ୍ରା ଗଲା, ଜୁଲାଇ ୫ରେ ବାହୁଡ଼ା ବି ଗଲା। ଏବେ ଅସ୍ତରଙ୍ଗ ଓ କାକଟପୁର ଥାନାରେ ଦୀର୍ଘ ବର୍ଷ ହେବ ବିଭିନ୍ନ ପଦପଦବୀରେ ଗାଦି ମାଡି ବସିଥିବା ବାବୁ, ବାବୁଆଣୀମାନେ ବାହୁଡ଼ିବେ ନିଜ ବଦଳି ସ୍ଥାନକୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକଟି ୧୫ଗୋଟି ପଞ୍ଚାୟତ ହୋଇଥିବା ବେଳେ କିଛି ପଞ୍ଚାୟତ କାକଟପୁର ଥାନା ଅଧୀନରେ ଆଉକିଛି ଅସ୍ତରଙ୍ଗ ଥାନା ଅଞ୍ଚଳରେ। ଏହାସହ ନୂଆଗଡ ସାମୁଦ୍ରିକ ଥାନାଟି ନୂଆଗଡ ଓ ଝାଡ଼ଲିଙ୍ଗ ପଞ୍ଚାୟତର ଆଇନି ଶୃଙ୍ଖଳା ପାଇଁ ରହିଛି। କିନ୍ତୁ ରଥଯାତ୍ରା ପୂର୍ବରୁ ବିଭିନ୍ନ ପଦ ପଦବୀରେ ଥିବା ଥାନା କର୍ମଚାରୀ ବାହୁଡ଼ିବେ ବୋଲି ଆଲୋଚନା ହେଉଛି। ଖବର ମୁତାବକ, ଏହା ଆଗରୁ କେତେ ଜଣଙ୍କର ବଦଳି ହୋଇଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନଥିଲା। ଏହି ବଦଳି ଆଦେଶକୁ ରାଜନୈତିକ ଚାପରେ ଚାପି ଦିଆଯାଇଥିଲା।

### ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ

## ଉପାନ୍ତ ଅଞ୍ଚଳରେ ଲୋକେ ପାଇଲେ ସ୍ୱାସ୍ଥ୍ୟସେବା



**ବୋରିଗୁମ୍ମା, ୮।୭ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କାଠରଗୋଡା ଏବଂ ଚମ୍ପାପଦର ଠାରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ବୋରିଗୁମ୍ମା ବ୍ଲକ କାଠରଗୋଡା ଏବଂ ଚମ୍ପାପଦର ଉପାନ୍ତ ଅଞ୍ଚଳରେ ଲୋକେ ସ୍ୱାସ୍ଥ୍ୟ ସେବା ପାଉଥିଲେ କିନ୍ତୁ ଏହି ଆୟୁଷ୍ମାନ ଆରୋଗ୍ୟ ଶିବିର ଫଳରେ ଲୋକେ ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇ ପାରିଲେ। ବର୍ତ୍ତମାନ ବର୍ଷା ଋତୁ ଏହି ଋତୁରେ ମୂଖ୍ୟତଃ ଝାଡା ବାନ୍ତି, ମେଲେରିଆ ଏବଂ ଡେଙ୍ଗୁ ଭଳି ରୋଗ ବ୍ୟାପିଥାଏ ତାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିଲା। କାଠରଗୋଡା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଏବଂ ଚମ୍ପାପଦର ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ସମସ୍ତ ପ୍ରକାର ବିଶେଷଜ୍ଞ ଡାକ୍ତର, ଫାର୍ମାସିଷ୍ଟ,ଟେକ୍ନିସିଏନ ଆଶା କର୍ମୀ ଉପସ୍ଥିତ ରହି ବିଭିନ୍ନ ପ୍ରକାର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

ଏହି ଶିବିରରେ ସମସ୍ତ ପ୍ରକାର ରକ୍ତ ପରୀକ୍ଷା ଯଥା ହେମୋଗ୍ଲୋବିନ, ଗର୍ଭ ପରୀକ୍ଷା, ମଧୁମେହ, ରକ୍ତଚାପ, ରକ୍ତସିକୁଳି ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ପରେ ସଙ୍ଗେ ସଙ୍ଗେ ରୋଗୀଙ୍କୁ ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ଏହି ଶିବିରରେ ଦୁଇ ପଞ୍ଚାୟତ ର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସିତ ହୋଇଥିଲେ।

ଆଗାମୀ ଦିନରେ ଡମ୍ବ ଡୁରୁଞ୍ଜି ଭଳି ଉପାନ୍ତ ଅଞ୍ଚଳରେ ଆରୋଗ୍ୟ ଶିବିର ଆୟୋଜନ କରାଯିବ ବୋଲି କହିଛନ୍ତି ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଶ୍ରୀକାନ୍ତ ଶତପଥୀ।

## ସମ୍ ନର୍ସିଂ କଲେଜରେ ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଉପରେ କର୍ମଶାଳା




**ଭୁବନେଶ୍ୱର, ୮।୭ (ସଂଚାର ବ୍ୟୁରୋ) :** ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସଂସ୍ଥାପନକୁ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜରେ ସୋମବାର ଠାରୁ ଏକ ୬ ଦିନିଆ କର୍ମଶାଳା ଆରମ୍ଭ ହୋଇଛି। କଲେଜର ପ୍ରଥମ ବର୍ଷ ଏମ୍.ଏସ୍.ସି (ନର୍ସିଂ) ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ଏହି କର୍ମଶାଳା ଜାତୀୟ ସ୍ୱାସ୍ଥ୍ୟ ନୀତିର ପର୍ଯ୍ୟାଲୋଚନା ନିମନ୍ତେ ଅଭିପ୍ରେତ। ଏହି କର୍ମଶାଳାକୁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଉଦ୍‌ଘାଟନ କରି ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

ସମ ନର୍ସିଂ କଲେଜର ଡିନ୍ ପ୍ରଫେସର ସସ୍ମିତା ଦାସ ସ୍ୱାସ୍ଥ୍ୟସେବା ପରିପ୍ରେକ୍ଷୀରେ ଏହି କର୍ମଶାଳାର ଗୁରୁତ୍ୱ ସମ୍ପର୍କରେ ମତ ରଖିଥିଲେ। କର୍ମଶାଳାର ସଂଯୋଜକ ପ୍ରଫେସର ତପତୀ ସାହା ଏହାର ପ୍ରସଙ୍ଗକୁ ନେଇ ବକ୍ତବ୍ୟ ରଖିଥିଲେ। ଏଥିରେ ୭୭ ଜଣ ବି.ଏସ୍.ସି (ନର୍ସିଂ) ୩ୟ ବର୍ଷ ଛାତ୍ରଛାତ୍ରୀ ଯୋଗ ଦେଇଛନ୍ତି। ଛାତ୍ରଛାତ୍ରୀ ସଂଯୋଜକ ରୋଜାଲିନ୍ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର



**ଗୋପ, ୮।୭ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅଞ୍ଚଳ ବିଅଁଳ ଗ୍ରାମର ବୁଲୁ ସେଠି କୋଣାର୍କରେ ଏକ ହୋଟେଲ କାର୍ଯ୍ୟସାରି ନିଜ ହିରହୁଣ୍ଡା ପ୍ୟାସନ ଓଡିଆର ୮୩୦୩ ବାଇକରେ ଘରକୁ ଫେରୁଥିବା ବେଳେ ବାଇକ ସହିତ କୋଣାର୍କ ରାଉଳପାଟଣା ରାସ୍ତାରେ ପଡିଯାଇ ଗୁରୁତର ହୋଇପଡ଼ିଥିଲେ। ଖବର ପାଇଁ ଘଟଣାସ୍ଥଳରେ କୋଣାର୍କ ଅଗ୍ନିଶମ ବିଭାଗ ପହଂଚି ଗୁରୁତର ଅବସ୍ଥାରେ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ଡାକ୍ତର ଭୁବନେଶ୍ୱର କ୍ୟାପିଟାଲ ହସପିଟାଲ ସ୍ଥାନତାରିତ କରିଛନ୍ତି। ଦୁର୍ଘଟଣାର କାରଣ ଅସ୍ପଷ୍ଟ ଥିବାରୁ କୋଣାର୍କ ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକଟିକୁ ଜବତ କରି ତଦନ୍ତ ଚଳାଇଛି।

**ଷ୍ଟିଅରିଂ ଛାଡିଲେ ଡ୍ରାଇଭର**

## ଅଖ ଚକ ଜାମ୍, ଯାତ୍ରୀ ହନ୍ତସନ୍ତ




**କାକଟପୁର/ଅସ୍ତରଙ୍ଗ, ୮।୭ (ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ମହାସଂଘ ଷ୍ଟିଅରିଂ ଛାଡ଼ ଡାକରା ଦେଇଛନ୍ତି। ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ୭ଦଫା ଦାବୀ ନେଇ ମଙ୍ଗଳବାର ସକାଳୁ ସକାଳୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଓ କାକଟପୁର ଅଞ୍ଚଳରେ ଚକା ଜାମ। ରାସ୍ତାରେ ଅଟୋ ରିକ୍ସା, କାର ଚଳାଚଳ ବି ବନ୍ଦ ରହିଥିଲା। ଅସ୍ତରଙ୍ଗ ବ୍ଲକ କୁହୁଡି ଠାରେ ପାଖାପାଖି ୪୦ରୁ ଉର୍ଦ୍ଧ ଡ୍ରାଇଭର ସାମିଲ ହୋଇଥିଲେ। ସ୍ୱତନ୍ତ୍ର ଆଇନ ଦାବୀରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛି ଓଡିଶା ଡ୍ରାଇଭର ମହାସଂଘ। ଫଳରେ ସାଧାରଣ ଜନତାଙ୍କ ଜୀବନ ଯାତ୍ରା ଅନେକାଂଶ ପ୍ରଭାବିତ ହେବାର ଦେଖିବାକୁ ମିଳିଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଡ୍ରାଇଭର ମହାସଂଘ ସଭାପତି କୃପାସିନ୍ଧୁ ବସ୍ତିଆ କହିବା ମୁତାବକ, ସରକାରଙ୍କୁ ଦେଢ଼ ମାସ ସମୟ ଦେଲୁ। ହେଲେ ସରକାର ଥରଟିଏ ବି ଆଲୋଚନା ପାଇଁ ଡାକିଲେନି। ଆମେ ବାଧ ହୋଇ ଆନ୍ଦୋଳନତ୍ମକ ପନ୍ଥା ଆପଣାଇଛୁ। ଏହାଫଳରେ ଅସ୍ତରଙ୍ଗ ବଜାରରେ ହେଉ ଅବା କୌଣସି ଦୂର ଦୁରାନ୍ତକୁ ଯାତ୍ରୀବାହୀ ବସ, ଅଟୋ କିମ୍ବା କାର ଚାଲିନଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଥିବାର ଦେଖିବାକୁ ମିଳିଛି। ଯାହାର ପ୍ରଭାବ ଅସ୍ତରଙ୍ଗ ସାପ୍ତାହିକ ହାଟକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ତଥା ପନିପରିବା କିଣିବାକୁ ଗ୍ରାମାଞ୍ଚଳ ଲୋକେ ଆସି ପାରିନଥିଲେ। ଅସ୍ତରଙ୍ଗ ଓ କାକଟପୁର ବସଷ୍ଟାଣ୍ଡ କିମ୍ବା ଅଟୋ ଷ୍ଟାଣ୍ଡ କିମ୍ବା ଗ୍ରାମର ଛକ ଗୁଡିକରେ ବସ, ଅଟୋ ନପାଇ ନିରାଶରେ ଘରକୁ ଫେରିଛନ୍ତି। ସେହିପରି ବୁଧବାର ଯୁକ୍ତ ୨ପିଲାଙ୍କ ନାମ ଲେଖା ଓ ଯୁକ୍ତ ୩ଛାତ୍ର, ଛାତ୍ରୀଙ୍କ ପରୀକ୍ଷା ମଧ ରହିଛି। ଯାହାକୁ ନେଇ ଅଭିଭାବକ ଓ ଯାତ୍ରୀମାନେ ଏକ ପ୍ରକାର ଚିନ୍ତାରେ ପଡିଯାଇଛନ୍ତି। ଏହି ଆନ୍ଦୋଳନରେ ଅସ୍ତରଙ୍ଗ ବ୍ଲକ ସଭାପତି କୃପାସିନ୍ଧୁ ବସ୍ତିଆ, ଉପସଭାପତି ବସନ୍ତ ମଲ୍ଲିକ, ଜିଲ୍ଲା କମିଟି ମେମ୍ବର ସତ୍ୟବ୍ରତ ଲେଙ୍କା ପ୍ରମୁଖ ସାମିଲ ହୋଇଥିଲେ।

## ନାଉଗାଁ ବଜାରରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ୍

**ନାଉଗାଁ, ୮।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲ ଅଧୀନ ନାଉଗାଁ ବଜାରର ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ପ୍ରଦାନ କରାଯାଇଛି। ତହସିଲ କାର୍ଯ୍ୟାଳୟ ପତ୍ର (ସଂଖ୍ୟା ୧୮୧୩/୨୦୨୫) ରେ ନାଉଗାଁ ବଜାରର ଖାତା ନଂ-୧୦୨୩ ରେ ପ୍ଲଟ ନଂ-୯୮୯, ଖାତା ନଂ-୧୦୨୫ରେ ପ୍ଲଟ ନଂ ୯୯୪, ୮୨୯, ୮୩୪, ୮୩୨ରେ ଜବରଦଖଲ କରିଥିବା ଦୋକାନୀମାନଙ୍କୁ ପୂର୍ବରୁ ପ୍ରାପ୍ତ ନୋଟିସ ମୁତାବକ ଆସନ୍ତା ଜୁଲାଇ ୩୦ ରେ ଉଚ୍ଛେଦ କରାଯିବା ପାଇଁ ସ୍ଥିର କରାଯାଇଛି। ଉକ୍ତ ଦିନ ପୂର୍ବରୁ ଦୋକାନୀମାନେ ଜବରଦଖଲ ମୁକ୍ତ କରିବା ସହିତ କାର୍ଯ୍ୟରେ ସହଯୋଗ କରିବା ପାଇଁ ନୋଟିସରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଯେ ଉକ୍ତ ବଜାର ଶିଖରଘାଟ-ବାଲିଭଉଁରୀ ପୂର୍ତ୍ତ ବିଭାଗ ରାସ୍ତା ମଧରେ ଅବସ୍ଥିତ। ଏହା ବ୍ଲକର ମୁଖ୍ୟ ସଂଯୋଗକାରୀ ରାସ୍ତା। ଶିଖରଘାଟ ସେତୁ ହେବା ପରେ ଉକ୍ତ ରାସ୍ତା ଦେଇ ଜିଲା ତଥା ଜିଲା ବାହାରୁ ବହୁ ଯାତ୍ରୀବାହୀ ଗାଡି ଏହି ବାଟ ଦେଇ ପୁରୀ, କୋଣାର୍କ, ଅସ୍ତରଙ୍ଗ, କାକଟପୁର, କେନ୍ଦ୍ରାପଡ଼ା, ପାରାଦୀପ ଆଦି ସ୍ଥାନକୁ ଯାଇଥାନ୍ତି। ଉକ୍ତ ବଜାରରେ ଥିବା ରାସ୍ତା ପାର୍ଶ୍ୱରେ ଦୋକାନ ସବୁ ରହିଥିବାରୁ ଯାନବାହାନ ଯିବା ଆସିବାରେ ଅସୁବିଧା ହେଉଥିବା ଜଣାଯାଇଛି।

● ବେସାହାରା ହେଲେ ୫ପ୍ରାଣୀ କୁଟୁମ୍ବ

## ଶୁଦ୍ଧିକ୍ରିୟା ପାଇଁ ସହାୟତା ନିବେଦନ



**ନିଶ୍ଚିନ୍ତକୋଇଲି, ୮।୭ (ସଂଚାର ବ୍ୟୁରୋ) :** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କେରିଲୋ ଗ୍ରାମପଞ୍ଚାୟତ ଛପଚିକଣା ଗ୍ରାମରେ ଅଧିଷ୍ଠିତ ମା ହରଚଣ୍ଡିଙ୍କ ସେବାକାରୀ ସ୍ୱର୍ଗତ ମଥୁରାନନ୍ଦ ରାଉଳଙ୍କ କନିଷ୍ଠ ପୁତ୍ର ତପନ କୁମାର ରାଉଳ ପେଶାରେ ଡ୍ରାଇଭର ଭାବେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିବା ବେଳେ ଗତ ୨୦୧୭ ମସିହାରେ ଏକ ସଡ଼କ ଦୁର୍ଘଣାରେ ସମ୍ମୁଖୀନ ହୋଇ ମସ୍ତିଷ୍କ ଜନିତ ସ୍ନାୟୁ ରୋଗରେ ପୀଡିତ ହୋଇଥିଲେ। ଦୁଇ ଦୁଇ ଥର ଅସ୍ତ୍ରପ୍ରଚାର ପରେବି ଠିକ୍ ନହୋଇ ରୋଗାଗ୍ରସ୍ତ ହୋଇ ନିଜ ପରିବାରର ବୋଝ ମୁଣ୍ଡାଇବା ବଦଳରେ ନିରାଶ୍ରୟ ସ୍ତ୍ରୀ, ତିନୋଟି ନାବାଳକ ଛୋଟ ଛୋଟ ଛୁଆଙ୍କ ପାଇଁ ବୋଝ ହୋଇଥିଲେ। ଅଭାବ ଅନଟନ ମଧରେ ନିଜର ଜୀବନ ଜିବିକା ଅତିବାହିତ କରି ଆସୁଥିବା ବେଳେ ହଟାତ୍ ତପନଙ୍କ ଶରୀର ଅସୁସ୍ଥ ହୋଇ ପଡିଥିଲା। ବାରମ୍ବାର ୧୦୮କୁ ଯୋଗାଯୋଗ କରି ୧୦୮ଆମ୍ବୁଲାନ୍ସ ନଆସିବାରୁ ତାଙ୍କୁ ତାଙ୍କ ଧର୍ମପତ୍ନୀ ସସ୍ମିତା ରାଉଳ ଏକ ଘରୋଇ ଚାରି ଚକିଆ ଯାନ ଭଡା କରି କଟକ ବଡ ଡାକ୍ତରଖାନାକୁ ନେଇଥିଲେ। କିଛି ସମୟ ଡାକ୍ତର ତପନଙ୍କ ଚିକିତ୍ସା କରିଥିଲେ ମଧ ଅକ୍ସିଜେନ ଅଭାବରୁ ତପନ ମୃତ୍ୟୁବରଣ କରିଥିଲେ। ପରେ ନିରାଶ୍ରୟ ଧର୍ମପତ୍ନୀ ସସ୍ମିତା ମରଶରୀରକୁ ନିଜ ପୈତୃକ ଗାଁକୁ ଆଣି ଗାଁ ଶ୍ମଶାନରେ ତପନଙ୍କ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ନାବାଳକ ଜ୍ୟେଷ୍ଠ ପୁତ୍ର ସଚିନ ରାଉଳ ମୁଖାଅଗ୍ନି ଦେଇଥିଲେ। ତେବେ ପୂର୍ବରୁ ବହୁବାର୍ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ରାଜନେତା ମାନଙ୍କୁ ସହଯୋଗର ହାତ ବଢ଼ାଇ ନିରାଶ ହୋଇଥିବା ତପନଙ୍କ ପରିବାର ବର୍ଗ ଏବେ ତାଙ୍କର ଶୁଦ୍ଧିକ୍ରିୟା ନିମନ୍ତେ ଅସର୍ମଥମଣି ସାଧାରଣରେ ସହଯୋଗ କରିବାକୁ ତପନଙ୍କ ପତ୍ନୀ ମଥାପାତି ନିବେଦନ କରିଛନ୍ତି। ତେବେ ନିରାଶ୍ରୟ ତପନଙ୍କ ପରିବାର ବର୍ଗଙ୍କୁ ତାଙ୍କ ବିଧବା ପତ୍ନୀ ସସ୍ମିତାଙ୍କ ଫୋନ୍ ପେ ନମ୍ବର- +918018921903 ରେ ସହଯୋଗର ହାତ ବଢ଼ାଇବାକୁ ଆମ ସଂଚାର ପରିବାର ପକ୍ଷରୁ ନିବେଦନ।

# ଅବଧି ସରିଲାଣି, ସରୁନି ନଦୀବନ୍ଧ କାମ

✹ ସାମାନ୍ୟ ବର୍ଷାରେ ଧୋଇଗଲାଣି ବାଲି ଓ ମୋରମ ✹ ଯାତାୟାତରେ ବାଧା



**ନାଉଗାଁ, ୮।୭ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଦେବୀଦୋଳ ଠାରୁ ଅଙ୍ଗେଶ୍ୱରପଡ଼ା ପର୍ଯ୍ୟନ୍ତ ଦେବୀନଦୀର ବାମ ପାର୍ଶ୍ୱ ବନ୍ଧର ଉନ୍ନତିକରଣ କାର୍ଯ୍ୟ ୨୦୨୩ ଡିସେମ୍ବର ୨୮ରୁ ଆରମ୍ଭ କରାଯାଇଥିଲା। ଏହି କାର୍ଯ୍ୟ ଶେଷର ଅବଧି ୨୦୨୪ ସେପ୍ଟମ୍ବର ୨୭ ରହିଥିବା ବେଳେ ଏପର୍ଯ୍ୟନ୍ତ ନଦୀ ବନ୍ଧର ୫୦ ପ୍ରତିଶତ କାର୍ଯ୍ୟ ହୋଇ ନଥିବା ଜଣାଯାଇଛି। ଏହି କାର୍ଯ୍ୟଟି ଜଗତସିଂହପୁର ଜଳସେଚନ ବିଭାଜନର ଆଳିପିଙ୍ଗଳ ଓ ଅଲଣାହାଟ ସେକ୍ସନ ଅଧିନରେ ରହିଛି। ବିଭାଗ ପକ୍ଷରୁ ଟେଣ୍ଡର ମାଧମରେ କାର୍ଯ୍ୟଟିକୁ ଗୌରବ କନଷ୍ଟ୍ରକସନକୁ ପ୍ରଦାନ କରାଯାଇଛି। ପାଖାପାଖି ୧୧ କି.ମି ନଦୀ ବନ୍ଧ କାର୍ଯ୍ୟ ପାଇଁ ଠିକାସଂସ୍ଥା ପକ୍ଷରୁ ବିଭାଗ ସହିତ ୬କୋଟି ୮୬ ଲକ୍ଷ ଟଙ୍କାର ଚୁକ୍ତି କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନଦୀ ବନ୍ଧରେ ଠିକାସଂସ୍ଥା ନାମକୁ ମାତ୍ର ବାଲି-ମୋରମ ପକାଇ ଥିବା ଜଣାଯାଇଛି। ଯାହାଫଳରେ ସାମାନ୍ୟ ବର୍ଷାରେ ଉକ୍ତ ମୋରମ ଓ ବାଲି ଧୋଇ ଯାଇ ବନ୍ଧରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ଏପରିକି କେତେକ ସ୍ଥାନରେ ବନ୍ଧ ତଳୁ ମାଟି ଅତଡା ମଧ ଖସି ଥିବାର ଦେଖିବାକୁ ମିଳିଛି। ବନ୍ଧରେ ଖାଲ ସୃଷ୍ଟି ହେବା ଫଳରେ ଉକ୍ତ ବାଟ ଦେଇ ଯିବା ଆସିବା କଷ୍ଟ ସାଧ ହୋଇ ପଡ଼ିଛି। ଉକ୍ତ ନଦୀ ବନ୍ଧ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗଣମାଧମରେ ପ୍ରକାଶିତ ହୋଇଥିଲା। ଖବର ପ୍ରକାଶିତ ହେବା ପରେ ଏହି ବନ୍ଧ କାର୍ଯ୍ୟ ବନ୍ଦ ରଖିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ସୂଚନା ପ୍ରଦାନ କରିଥିଲେ। କିନ୍ତୁ ସମ୍ପୃକ୍ତ ଠିକାଦାର ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ନ ମାନି ରାସ୍ତାରେ ଶତକଡା ୯୦ଭାଗ ବାଲିରେ ୧୦ ଭାଗ ମୋରମ ନାମକୁ ମାତ୍ର ମିଶାଇ ପକାଇ କାର୍ଯ୍ୟ କରିଥିଲେ।

ସେହିପରି ନଦୀପଠାରୁ ମାଟି ତାଡିବାର ନିୟମ ରହି ନଥିବା ବେଳେ ସମ୍ପୃକ୍ତ ଠିକାଦାର ପଠାରୁ ମାଟି ତାଡି ବନ୍ଧର ଉଭୟ ପାର୍ଶ୍ୱରେ ପକାଇଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁଁ କାର୍ଯ୍ୟ କରିବାର ୬ମାସ ନ ହେଉଣୁ ନଦୀ ବନ୍ଧ ସାରା ଖାଲ ଦେଖିବାକୁ ମିଳିଛି। ବର୍ତ୍ତମାନ ବର୍ଷା ଦିନ ଚାଲୁ ରହିଥିବା ବେଳେ ଆଗକୁ ପ୍ରବଳ ବର୍ଷା ହେବାର ମଧ ସମ୍ଭାବନା ରହିଛି। ଅଧିକ ବର୍ଷା ହେଲେ ବନ୍ଧର ଖାଲ ଗୁଡିକ ବୃଦ୍ଧି ହୋଇ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏସମ୍ପର୍କରେ ଆଳିପିଙ୍ଗଳ ଏସଡିଓ ଶୁଭ୍ରଜିତ ମହାନ୍ତିଙ୍କ ମତାମତ ନେବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

● ରାସ୍ତା ଅବସ୍ଥା ଶୋଚନୀୟ

# ଗର୍ଭବତୀଙ୍କୁ କାନ୍ଧରେ ୧୦ କିମି ବୋହିଲେ ଗ୍ରାମବାସୀ



ମାଲକାନଗିରି,୮।୭(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ଏକ ଦୁର୍ଗମ ଅଞ୍ଚଳରେ ଗ୍ରାମାଞ୍ଚଳର ଦୁର୍ବଳ ଭିତ୍ତିଭୂମିର ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ଆଗକୁ ଯାଇପାରିଲା ନାହିଁ। ଫଳରେ ଗ୍ରାମବାସୀମାନେ ଜନୈକା ଗର୍ଭବତୀ ମହିଳାଙ୍କୁ ୧୦ କିମି ଦୂର ପର୍ଯ୍ୟନ୍ତ କାନ୍ଧରେ ବୋହି ନେବାକୁ ବାଧ୍ୟ ହୋଇଥିଲେ।
ଘଟଣାଟି ଗତ ରବିବାର ଅପରାହ୍ନରେ ଖାଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ପଞ୍ଚାୟତର ବୋନ୍ଦାଘାଟି ଅଞ୍ଚଳରେ ଘଟିଛି। ଭୋଜଗୁଡ଼ା ଗାଁର ସୁନାଇ ଭୋଜ ପ୍ରସବ ଯନ୍ତ୍ରଣା ଅନୁଭବ କରିବା ପରେ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଆଶା କର୍ମୀ ରେଖା ମାଣ୍ଡିଙ୍କ ସହଯୋଗରେ ଖାଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରୁ ଏକ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ। କିନ୍ତୁ ତୁସାଇ ପଡ଼ା ଓ ବିଶୋଇଗୁଡ଼ା ମଧ୍ୟରେ ଥିବା ୧୦ କିମି ରାସ୍ତା ଅବସ୍ଥା ଅତି ଶୋଚନୀୟ ଥିବାରୁ ଆମ୍ବୁଲାନ୍ସଟି ତୁସାଇପଡ଼ା ପରେ ଆଉ ଆଗକୁ ଯାଇପାରିଲା ନାହିଁ। ତେବେ ଗର୍ଭବତୀ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ଆମ୍ବୁଲାନ୍ସ ଆଗକୁ ଗଡ଼ିନପାରିବା ଫଳରେ ପରିସ୍ଥିତି ଅଧିକ ଜଟିଳ ହୋଇଥିଲା। ଶେଷରେ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ସୁନାଇଙ୍କୁ ଏକ ଅସ୍ଥାୟୀ ଷ୍ଟ୍ରେଚରରେ ୧୦ କିମି ଦୁର୍ଗମ ରାସ୍ତାରେ କାନ୍ଧରେ ବୋହି ନେଇଥିଲେ।
ତୁସାଇପଡ଼ାରେ ପହଞ୍ଚିବା ପରେ ସୁନାଇଙ୍କୁ ଆମ୍ବୁଲାନ୍ସରେ ଖାଇରପୁଟ ସିଏଚସିକୁ ନିଆଯାଇଥିଲା। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ତାଙ୍କୁ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ସୁନାଇ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ।। ସିଏଚସିର ମୁଖ୍ୟ ଡାକ୍ତର ସମ୍ବିତ ଦାସ ଜନ୍ମ ପରେ ଶିଶୁ ଓ ମା'ଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ଦେଇଛନ୍ତି। ଏପରି ସ୍ଥିତିରେ ଗ୍ରାମବାସୀମାନେ ପ୍ରଶାସନ ନିକଟରେ ତୁରନ୍ତ ଅସମାପ୍ତ ରାସ୍ତା ନିର୍ମାଣ କାମ ଶେଷ କରିବା ସହ ମୌଳିକ ସ୍ୱାସ୍ଥ୍ୟସେବା ସୁବିଧା ନିଶ୍ଚିତ କରିବା ପାଇଁ ଦାବି କରିଛନ୍ତି।

## ପିଏମ୍‌ଜିଏସ୍‌ୱାଇ କାର୍ଯ୍ୟକାରିତା ସମ୍ପର୍କିତ ୩୭ତମ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକ

# ନିର୍ମାଣରେ ଗୁଣାତ୍ମକ ମାନ ବଜାୟ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମଜିଏସ୍‌ଓ୍ୱାଇ) କାର୍ଯ୍ୟକାରିତା ସମ୍ପର୍କିତ ୩୭ତମ ରାଜ୍ୟସ୍ତରୀୟ ଷ୍ଟାଣ୍ଡିଂ କମିଟି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଗ୍ରାମ୍ୟ ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ ଓଡ଼ିଶାରେ ବିଗତ ବିଭିନ୍ନ ବର୍ଷରେ କରାଯାଇଥିବା ପିଏମ୍‌ଜିଏସ୍‌ୱାଇର କାର୍ଯ୍ୟକାରିତା ଓ କାର୍ଯ୍ୟ ସଫଳତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ବୈଠକରେ କମିଟିର ସଦସ୍ୟ ଥିବା ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆଦିର ବରିଷ୍ଠ ପଦାଧିକାରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ଉପସ୍ଥିତ ଥିଲେ। ଓଡ଼ିଶାରେ ବିଗତ ବିଭିନ୍ନ ବର୍ଷରେ କାର୍ଯ୍ୟକାରୀ କରାଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମଜିଏସ୍‌ଓ୍ୱାଇ-୧), ପିଏମଜିଏସ୍‌ଓ୍ୱାଇ-୨, ପିଏମଜିଏସ୍‌ଓ୍ୱାଇ-୩ ସମେତ ପିଏମ୍-ଜନମନ୍ ଅଧିନରେ ସଡ଼କ ଓ ସେତୁ ନିର୍ମାଣ ସଂପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରୁ ଜଣାଯାଇଛି ଯେ, ଏହି ସବୁ ଯୋଜନା ଅଧିନରେ ସାମଗ୍ରିକ ଭାବେ ଅଦ୍ୟାବଧି ୭୦, ୬୯୨.୬୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୧୭, ୫୬୦ଟି ସଡ଼କ ନିର୍ମାଣ କରାଯାଇଥିବା ବେଳେ ୬୩୭ଟି ସେତୁ ନିର୍ମିତ ହୋଇଛି। ଏହା ଦ୍ୱାରା ୧୬, ୯୯୭ଟି ଜନବସତିକୁ ସଡ଼କ ଓ ସେତୁ ସଂଯୋଗ କରାଯାଇଛି। ବିଗତ ୩ ବର୍ଷରେ କାର୍ଯ୍ୟ ଅଗ୍ରଗତି ସମେତ ଚଳିତ ବର୍ଷ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହିସବୁ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଶେଷକରି ସବୁଜ ଟେକ୍ନୋଲୋଜି ବ୍ୟବହାରରେ ଅଧିକ ଦୈର୍ଘ୍ୟ ବିଶିଷ୍ଟ ସଡ଼କ ଜନବସତିମାନଙ୍କୁ ସଂଯୋଗ କରାଯାଇଥିବାରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ବିଭାଗକୁ ପ୍ରୋତ୍ସାହନ ମିଳିଛି। ବୈଠକରେ ପିଏମଜିଏସ୍ ଓ୍ୱାଇ -୪ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ପ୍ରକଳ୍ପ ପ୍ରସ୍ତାବ ସଂପର୍କରେ କମିଟିରେ ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକାରୀ ହେବାକୁ ଥିବା ଏହି ପର୍ଯ୍ୟାୟରେ ୧୬୨୯ ଟି ବସତିକୁ ଗ୍ରାମ୍ୟ ସଡ଼କ ସଂଯୋଗୀକରଣ ଲକ୍ଷ୍ୟ ରହିଛି। ଅଣ ସଂଯୋଗୀକୃତ ବସତିକୁ ସବୁଦିନିଆ ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ଏହି ପର୍ଯ୍ୟାୟରେ ୫୦୦ ରୁ ଅଧିକ ଜନ ସଂଖ୍ୟା ଥିବା ବସତି, ଜନଜାତି ତାଲିକା-୫ ଅନ୍ତର୍ଭୁକ୍ତ - ୨୫୦ ରୁ ଅଧିକ ଜନସଂଖ୍ୟା ବସତି ଥିବା ଅଞ୍ଚଳ, ଆକାଂକ୍ଷୀ ବ୍ଲକ ଏବଂ ମାଓ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୦୦ ରୁ ଅଧିକ ଜନ ସଂଖ୍ୟା ଥିବା ବସତିଗୁଡ଼ିକ, ଯାହାକି ୨୦୧୧ ଜନ ଗଣନା ଅନୁସାରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ଦ୍ୱାରା ବିଜ୍ଞପିତ ହୋଇଥିବ, ସେସବୁ ଅଞ୍ଚଳରେ ଭାରତ ସରକାର ଏବଂ ରାଜ୍ୟ ସରକାରଙ୍କ ଅଂଶଧନ ବାବଦକୁ ଯଥାକ୍ରମେ ୬୦ ପ୍ରତିଶତ ଓ ୪୦ ପ୍ରତିଶତ ହାରରେ ଆର୍ଥିକ ସହାୟତାରେ ସଡ଼କ ନିର୍ମାଣ କରାଯିବ। ୮ ଟି ଜିଲ୍ଲାରେ ୧୧୭୨ ଟି ବସତିକୁ ସଂଯୋଗୀକରଣ ପାଇଁ ଉଦ୍ଦିଷ୍ଟ ୧୧୦୩ ଟି ସଡ଼କ ନିର୍ମାଣ କାର୍ଯ୍ୟ ସଂପୃକ୍ତ ଜିଲ୍ଲା ପରିଷଦ ତରଫରୁ ଅନୁମୋଦନ କରାଯାଇ ଭାରତ ସରକାରଙ୍କୁ ପ୍ରସ୍ତାବ ପ୍ରେରଣ ପାଇଁ ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ବୈଠକରେ ଆଜି ଉପସ୍ଥାପନ କରାଯାଇଥିଲା।

## କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପିତୃ ବିୟୋଗ

ଭୁବନେଶ୍ୱର, ୮।୭(ସଂଚାର ବ୍ୟୁରୋ): କେନ୍ଦ୍ର ରେଳ ଓ ସୂଚନା ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବାପା ଦାଉଲାଲ ବୈଷ୍ଣବଙ୍କର ଆଜି ଦେହାନ୍ତ ହୋଇଛି। ସେ ଏମ୍ସ ଯୋଧପୁରରେ ଚିକିତ୍ସିତ ହେଉଥିଲେ। ଗତ କିଛି ଦିନ ଧରି ସେ ଅସୁସ୍ଥ ଥିଲେ। ଡାକ୍ତରୀ ଟିମ ପକ୍ଷରୁ ପୂରା ଉଦ୍ୟମ କରାଯାଇଥିଲେ ମଧ୍ୟ ଆଜି ପୂର୍ବାହ୍ନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ବାପାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ



କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜ୍ଞାନ କରିଛନ୍ତି। ଦାଉଲାଲ ଜଣେ ଆଇନଜୀବୀ ଓ ଟିକସ ପରାମର୍ଶଦାତା ଭାବେ କାର୍ଯ୍ୟ କରିବା ସହ ସମାଜସେବା କ୍ଷେତ୍ରରେ ବେଶ୍ ପରିଚିତି ଲାଭ କରିଥିଲେ।

## ଖୁବଶୀଘ୍ର ଭବାନୀପାଟଣାରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଗାମୀ ଦିନରେ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିବେ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଏନେଇ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଟିମ୍ ଭବାନୀପାଟଣା ଗସ୍ତ କରି ସେଠାରେ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବେ। ଅଦ୍ୟାବଧି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟରେ ମୋଟ ୧୨ଟି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିସାରିଛନ୍ତି। ଏଥିରୁ ୧୧ଟି ରାଜଧାନୀ ଭୁବନେଶ୍ୱରରେ ଓ ଅନ୍ୟଟି ପଶ୍ଚିମ ଓଡ଼ିଶାର ପ୍ରମୁଖ ସହର ସମ୍ବଲପୁରରେ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରିବେ। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ଆବଶ୍ୟକୀୟ ପ୍ରସ୍ତୁତି କରୁଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମନ୍ତ୍ରିମଣ୍ଡଳର ୭ ଜଣ ସଦସ୍ୟ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ପ୍ରାୟ ହଜାରେ ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିବା ସହ ତ୍ୱରିତ ସମାଧାନ ପାଇଁ ଉଦ୍ୟମ କରିଆସିଛନ୍ତି।

## ସରଣ୍ଡା ଜଙ୍ଗଲରୁ ଆଇଇଡି ଜବତ



ରାଉରକେଲା, ୮।୭ (ସଂଚାର ବ୍ୟୁରୋ): ସରଣ୍ଡା ଜଙ୍ଗଲରୁ ପୁଣି ଆଇଇଡି ଜବତ ହୋଇଛି। ସୁରକ୍ଷା ବାହିନୀ ଏହି ଆଇଇଡି ଉଦ୍ଧାର କରିବା ପରେ ଏହାକୁ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରୁ ଏହି ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀକୁ ଜବତ କରାଯାଇଛି। ସେହିପରି ଏଥି ମଧ୍ୟରୁ ୧୬ଟି ଦୁଇ କିଲୋ ଓଜନବିଶିଷ୍ଟ ଆଇଇଡି ବୋମାକୁ ସୁରକ୍ଷା ବାହିନୀ ନିଷ୍କ୍ରିୟ କରିଥିବା ଜଣାପଡ଼ିଛି। ଝାଡ଼ଖଣ୍ଡ-ଓଡ଼ିଶା ସୀମାବର୍ତ୍ତୀ ଚାଇବାସା ଟୋକଲ ଥାନା ସରଣ୍ଡା ଜଙ୍ଗଲରେ ସୁରକ୍ଷା ବାହିନୀକୁ ଟାର୍ଗେଟ କରି ଏହି ଆଇଇଡି ଖଞ୍ଜାଯାଇଥିଲା। ଆଇଇଡି ଟିଫିନ ବୋମାକୁ ଉଦ୍ଧାର କରି ସୁରକ୍ଷାକର୍ମୀମାନେ ଏହାକୁ ନଷ୍ଟ କରିଦେଇଛନ୍ତି। ଆଇଇଡି ଖଞ୍ଜାଯାଇଥିବା ନେଇ ଖବର ପାଇ ଝାଡ଼ଖଣ୍ଡ ଜାଗୁଆର ଓ ସିଆରପିଏଫ୍ ସହ ଚାଇବାସା ଓ ସରାଇକେଲା ସହ ଖରସୁଆଁ ପୁଲିସ ସହ ମିଶି ସର୍ଚ୍ଚ ଅପରେସନ୍ ଆରମ୍ଭ କରିଥିଲେ। ଟପ ମାଓନେତା ଅସୀମ ମଣ୍ଡଳ ସହ ଆହୁରି କେତେକ ପ୍ରମୁଖ ମାଓବାଦୀଙ୍କ ଉପସ୍ଥିତି ସନ୍ଦେହ କରି ସୁରକ୍ଷା ବାହିନୀ ପକ୍ଷରୁ ସରଣ୍ଡା ଜଙ୍ଗଲରେ ଲଗାତାର ସର୍ଚ୍ଚ ଅପରେସନ ଜାରି ରହିଛି।

## ସରିଲା ମା' ମଝିଘରିଆଣୀ ମନ୍ଦିରର ଦାନ ହୁଣ୍ଡି ଗଣତି, ମିଳିଲା ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା



ରାୟଗଡା,୮।୭ (ସଂଚାର ବ୍ୟୁରୋ): ମାସ ପରେ ଖୋଲିଲା ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମାଆ ମଝିଘରିଆଣୀ ମନ୍ଦିରର ଦାନ ହୁଣ୍ଡି । ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ପୋଲିସର କଡ଼ା ସୁରକ୍ଷା ବଳୟ ଭିତରେ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାଙ୍କ ଉପସ୍ଥିତିରେ ୯ଟି ଦାନ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଛି । ଗଣତି ଶେଷରେ ହୁଣ୍ଡିରୁ ନଗଦ ଆକାରରେ ୧ କୋଟି ୦୪ ଲକ୍ଷ ୩୬ ହଜାର ୯୬୩ ଟଙ୍କା ସହିତ ୩୮ ଗ୍ରାମ ସୁନା, ୨ କେଜି ୫୦୫ ଗ୍ରାମ ରୁପା ସହିତ ୧୨ ଟି ବିଦେଶୀ ମୁଦ୍ରା ମିଳିଛି। ଦୀର୍ଘ ୮ ଘଣ୍ଟା ଧରି ୨୦୦ ରୁ ଊର୍ଦ୍ଧ୍ୱ ସ୍ୱଚ୍ଛସେବୀ ଏହି ଗଣତିରେ ସାମିଲ ହୋଇଥିଲେ । ସୋମବାର ସକାଳ ୯ଟାରୁ ଗଣତି ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୧୫୦ ଜଣ ସ୍ୱେଚ୍ଛାସେବୀ , ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ୍ କର୍ମଚାରୀ ଓ ୫୦ ଜଣ ମନ୍ଦିର ପ୍ରଶାସନ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ। ଏହି ଅର୍ଥକୁ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଜମା କରାଯାଇଛି। ଏହି ଅର୍ଥରୁ ମିଳୁଥିବା ସୁଧରେ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ସହ ମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ଖର୍ଚ୍ଚ କରାଯିବ ବୋଲି କହିଛନ୍ତି ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ।

## ଅରବିନ୍ଦ ଦାସ ପ୍ରଦେଶ କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ



ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗର ନୂତନ ଅଧ୍ୟକ୍ଷ ଭାବେ ଅରବିନ୍ଦ ଦାସଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ (ସଂଗଠନ) କେସି ଭେଣୁଗୋପାଳ ଏକ ପ୍ରେସ ବିଜ୍ଞପ୍ତିରେ ଘୋଷଣା କରିଛନ୍ତି। କଲେଜ ଜୀବନରେ ଛାତ୍ରନେତା ଥିବା ଶ୍ରୀ ଦାସ ବଲାଙ୍ଗୀର ରାଜେନ୍ଦ୍ର କଲେଜ ଛାତ୍ର ସଂସଦର ସାଧାରଣ ସମ୍ପାଦକ ଥିଲେ। ୧୯୮୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ କୃତିତ୍ୱର ସହ ଏମ୍‌ଏ ପାସ କରିବା ପରେ ରାଜେନ୍ଦ୍ର କଲେଜରେ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଅଧ୍ୟାପନା କରିଥିଲେ।
ପରେ 'ସମ୍ବାଦ'ର ବାର୍ତ୍ତା ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ଗତ ମାସରେ କଂଗ୍ରେସରେ ଯୋଗଦେବା ପୂର୍ବରୁ ସେ 'ଆମ ଓଡିଶା'ର ସାଧାରଣ ସମ୍ପାଦକ ଓ ସୋମାକ୍ ସାମ୍ବାଦିକତା ଅନୁଷ୍ଠାନର ଅଧ୍ୟକ୍ଷ ଦାୟିତ୍ୱରେ ଥିଲେ। ତାଙ୍କୁ ମିଳିଥିବା ନିଯୁକ୍ତି ନେଇ ଶ୍ରୀ ଦାସ ଶ୍ରୀ ଖଡଗେ, ଲୋକସଭା ବିରୋଧୀଦଳ ନେତା ରାହୁଲ୍ ଗାନ୍ଧୀ, ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ଖଡ଼ଗେ ଓ ଶ୍ରୀ ଗାନ୍ଧୀଙ୍କ ଆଦର୍ଶ ଓ ମହିଳାମାନଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ଅନୁସରଣ କରି ପିସିସି ସଭାପତି ଶ୍ରୀ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଗଣମାଧ୍ୟମ, ଯୋଗାଯୋଗ ଓ ପ୍ରଚାର ବିଭାଗକୁ ଅଧିକ କ୍ରିୟାଶୀଳ କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

# ଗଡ଼ିଲା ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନ କୃଷି ଅଭିଯାନ ରଥ



▶ ମାସାଧିକ କାଳ ଚାଲିବ
▶ ଭୁବନେଶ୍ୱର ଓ କଟକ ସମେତ ୫ ସହରରେ ସଚେତନ କରିବ

ଭୁବନେଶ୍ୱର,୮।୭(ସଂଚାର ବ୍ୟୁରୋ): ଆଜି କୃଷି ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନ କୃଷି ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ରାଜ୍ୟର ସହରଗୁଡ଼ିକରେ ସବୁଜ ସ୍ଥାନ ହ୍ରାସ, କଂକ୍ରିଟ୍ କୋଠା ନିର୍ମାଣ, ରାଜ୍ୟବ୍ୟାପୀ ସହରାଞ୍ଚଳ ବୃଦ୍ଧି ପାଉଛି। ସରକାର ପାର୍କ ଓ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରି ସହରଗୁଡ଼ିକରେ ସବୁଜୀକରଣ ବୃଦ୍ଧି ପାଇଁ ସମସ୍ତ ପ୍ରୟାସ କରୁଛନ୍ତି। ଏହି ସଚେତନତା ରଥ ଶୁଭାରମ୍ଭର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ ସହରାଞ୍ଚଳ ଜୀବନଯାପନ ଓ ଖାଦ୍ୟ ସୁରକ୍ଷା ସହ ସମନ୍ୱୟ ରଖି ଘର ଛାତ ଉପରେ ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନର ଗୁରୁତ୍ୱ, କୌଶଳ ଓ ଲାଭ ବିଷୟରେ ନାଗରିକମାନଙ୍କୁ ସଚେତନ କରିବା। ସହରାଞ୍ଚଳବାସୀଙ୍କ ମଧ୍ୟରେ ସ୍ଥାୟୀ ସୁସ୍ଥ ସହରୀ ଜୀବନଯାପନ ପାଇଁ ସଚେତନତା ସୃଷ୍ଟି କରିବା ସହ ସହରୀ ଉତ୍ତାପ ପ୍ରଭାବକୁ ହ୍ରାସ କରି ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଅନୁକୂଳ ପରିବେଶ ସୃଷ୍ଟି କରିବା। ଏଥିପାଇଁ କୃଷି ବିଭାଗ କେତେକ ମନୋନୀତ ସହରରେ ସୌନ୍ଦର୍ଯ୍ୟ, ପୁଷ୍ଟି ଓ ସୁସ୍ଥ ପରିବେଶ ପାଇଁ ଛାତ ଉପରେ ଉଦ୍ୟାନ ଏବଂ ସହରୀ ଉଦ୍ୟାନ କୃଷି ନିମନ୍ତେ ଅଭିନବ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ ଏକ ପ୍ରକଳ୍ପକୁ ପ୍ରୋତ୍ସାହନ ଯୋଗାଉଛି। ଏହା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର (ଆଇସିଏଆର୍-ଆଇଆଇଏଚ୍‌ଆର୍), ଭୁବନେଶ୍ୱର ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରୟାସ ମାଧ୍ୟମରେ ୫ଟି ପ୍ରମୁଖ ସହର କଟକ, ଭୁବନେଶ୍ୱର, ସମ୍ବଲପୁର, ବ୍ରହ୍ମପୁର ଓ ଜୟପୁରରେ ଆବାସିକ ଏବଂ ଅନୁଷ୍ଠାନିକ କୋଠାରେ ସହରବାସୀଙ୍କୁ ଶିକ୍ଷା ଓ ତାଲିମ ଦେଇ ଛାତ ଉପରେ ଓ ଘରେ ଉଦ୍ୟାନ ମାଧ୍ୟମରେ ସବୁଜିମାକୁ ବୃଦ୍ଧି କରାଯିବ। ଏ ସଂକ୍ରାନ୍ତ ସଚେତନତା ରଥ ମାସାଧିକ କାଳ ଭୁବନେଶ୍ୱର ଓ କଟକର ବିଭିନ୍ନ ସହରାଞ୍ଚଳର ଆବାସିକ, ଶିକ୍ଷାନୁଷ୍ଠାନ, ବାସିନ୍ଦା କଲ୍ୟାଣ ସଂଘ, ଅନ୍ୟାନ୍ୟ ସହରଭିତ୍ତିକ ସଂଗଠନ ଏବଂ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ। ଏହି ରଥରେ ଓଡ଼ିଆ ଓ ଇଂରାଜୀ ଭାଷାରେ ଅଡିଓ-ଭିଜୁଆଲ୍ ଶିକ୍ଷା ସାମଗ୍ରୀ, ଅଭିନବ ବୈଷୟିକ ପ୍ରଦର୍ଶନ, ବୈଷୟିକ ପୁସ୍ତିକା ଏବଂ ସହରାଞ୍ଚଳ ନାଗରିକମାନଙ୍କ ସହ ଆଲୋଚନା ଓ ବିଶେଷଜ୍ଞଙ୍କ ପରାମର୍ଶ ପାଇଁ ବ୍ୟବସ୍ଥା ରହିଛି।



୧୦ ଆକ୍ରାନ୍ତ ଚିହ୍ନଟ

## ପୂର୍ବରୁ ଯାଇଛି ତିନି ଜୀବନ

# ଦିଗପହଣ୍ଡିରେ ବ୍ୟାପୁଛି ଝାଡ଼ାବାନ୍ତି

ବ୍ରହ୍ମପୁର, ୮।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡିରେ ଦ୍ରୁତ ଗତିରେ ଝାଡ଼ାବାନ୍ତି ବ୍ୟାପୁଛି। ସାନଖେମୁଣ୍ଡି ପରେ ପାତ୍ରପୁରରେ ଆଉ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସମସ୍ତଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ରିପୋର୍ଟ ଲେଖାଯିବା ବେଳକୁ ସମସ୍ତ ଆକ୍ରାନ୍ତ ଚିକିତ୍ସା ପରେ ସୁସ୍ଥ ହୋଇ ନିଜ ନିଜ ଘରକୁ ଫେରିଥିବା ଜଣାପଡ଼ିଛି। ଗତ କିଛି ଦିନ ଧରି ବର୍ଷା ଲାଗି ରହିବା ଫଳରେ ଖାଦ୍ୟପେୟ ଗ୍ରହଣରେ ଅନିୟମିତତା କାରଣରୁ ଏହି ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ପାଣି ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଘଟଣା ପରେ ସ୍ୱାସ୍ଥ୍ୟ ବିଭାଗ କର୍ମୀ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଗାଁରେ ପହଞ୍ଚି ଜନସାଧାରଣଙ୍କୁ ସଚେତନ କରାଇଥିବା ଜଣାପଡ଼ିଛି। ସେହିପରି ଗତ ସପ୍ତାହରେ ଗ୍ରାମର ଦାସ ଶବର ନାମକ ଜନୈକ ବ୍ୟକ୍ତିଙ୍କର ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ବେଳେ ସୋମବାର ପ୍ରକାଶ ରଇତ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ସମୟରେ ପ୍ରାଣ ହରାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ସାନଖେମୁଣ୍ଡି ବ୍ଲକ ତାଳପୁର ଗ୍ରାମର ଗଙ୍ଗା ନାଇକଙ୍କର ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ କାରଣରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ନିସ୍ତୁକ ମାଡ଼



ବକେୟା ବିଲ୍ ମାଗିବାରୁ ବାଉଁଶରେ ମାଡ଼

ବାଲିପାଟଣା, ୮।୭ (ସଂଚାର ବ୍ୟୁରୋ): ବିଦ୍ୟୁତ୍ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଲେ ଉପଭୋକ୍ତା ଏପରି ଏକ ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ଥାନା ଅଞ୍ଚଳରେ। ସୂଚନା ଯୋଗ୍ୟ ସ୍ଥାନୀୟ ୱାର୍ଡ ସଭ୍ୟ ମହମ୍ମଦ ସାମ୍ ସୁଦିନ୍ ଓରଫ ବାଦଶାହା ଲାଇନ ଚୋରୀ କରୁଥିବା ର ଅଭିଯୋଗ ବହୁ ଦିନ ହେବ ହେଉଥିଲା। ସେହି ଆଧାରରେ ଗତ ସୋମବାର ଦିନ ପିପିଲି ସବଡିଭିଜନ ଅଧୀନରେ ଥିବା ମକୁନ୍ଦଦାସ ପୁର କୁ ବିଦ୍ୟୁତ୍ କର୍ମଚାରୀ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ଯାଇଥିଲେ। ବକେୟା ଆଦାୟ ଏମ୍ ବିସି ସୁପର ଭାଇଜର ରାଜେଶ ସାହୁ ବକେୟା ବିଲ ମାଗିବାରୁ ବାଦଶାହା ରାଗି ଯାଇ ଅସଭ୍ୟ ଭାସାରେ ଗାଳି ଗୁଲଜ କରିବା ସହିତ ପାଖରେ ପଡ଼ିଥିବା ବାଉଁଶ ରେ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ରାଜେଶ ଙ୍କ ଦେହରେ ଗଭୀର ଆଘାତ ଲାଗିଥିବା ସେ କହିବା ସହିତ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ପୋଲିସ ଅଭିଯୁକ୍ତ କୁ ଅଟକ ରଖି ଏହାର ଅଧିକ ତଦନ୍ତ କରୁଥିବା ବାଲିପାଟଣା ପୋଲିସ୍ କହିଛି।

## କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ତିଗିରିଆ,୮।୭(ସଂଚାର ବ୍ୟୁରୋ): କୂଅରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର। କଟକ ଜିଲ୍ଲା ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ବାସୁଦେବପୁର ଗ୍ରାମର ଏକ କୂଅରୁ ମୃତଦେହ ଉଦ୍ଧାର ହୋଇଛି। ତିଗିରିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ସୂଚନାନୁଯାୟୀ, ଦୁଇ ଦିନ ତଳେ ମାଣିଆ ବନ୍ଧ ଥାନା ଅନ୍ତର୍ଗତ ଭଗବତପୁର ଗ୍ରାମର ମାନସ ନାୟକ ନୂଆପାଟଣା ଯାତ୍ରା ଦେଖି ଆସି ଆଉ ଘରକୁ ଫେରି ନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର ପତ୍ତା ମିଳିନଥିଲା। ମଙ୍ଗଳବାର ସକାଳେ ତିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ବାସୁଦେବପୁର ଗ୍ରାମର ଏକ କୂଅରେ ମାନସଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ।

## ପାରାଦୀପରେ ୪ ବାଂଲାଦେଶୀ ଅଟକ



ପାରାଦୀପ,୮।୭(ସଂଚାର ବ୍ୟୁରୋ): ପାରାଦୀପରେ ୪ ଜଣ ବାଂଲାଦେଶୀଙ୍କୁ ଅଟକ ରଖାଯାଇଛି। ପାରାଦୀପ ଲକ ଥାନା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଏହି ୪ ଜଣ ବାଂଲାଦେଶୀଙ୍କୁ ଅଟକ ରଖାଯିବା ସହ ସେମାନଙ୍କୁ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ତେବେ ସେମାନେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ ବୋଲି ପଚରାଉଚରା ସମୟରେ ପୁଲିସ୍ ଜାଣିବାକୁ ପାଇଛି। ବାଂଲାଦେଶରୁ ପଶ୍ଚିମବଙ୍ଗ ଦେଇ ଏମାନେ ପାରାଦୀପରେ ପହଞ୍ଚିଥିବା ସୂଚନା ଦେଇଛନ୍ତି। ତେବେ ସେମାନେ କେଉଁ ଉଦ୍ଦେଶ୍ୟ ନେଇ ଭାରତରେ ବେଆଇନ ଭାବେ ଅନୁପ୍ରବେଶ କରିଛନ୍ତି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ଯାଞ୍ଚ୍ ସମୟରେ ସେମାନଙ୍କ ପାଖରୁ କୌଣସି ପରିଚୟ ପ୍ରମାଣପତ୍ର ମିଳିନଥିବା ବେଳେ ସେମାନେ ପୁଲିସ୍ ଆଗରେ ସବୁ ସତ ମାନିଯାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ପାରାଦୀପ ଅଠରବାଙ୍କିସ୍ଥିତ ରେଷ୍ଟୋଲ ହାଉସରେ ରଖାଯାଇଥିବା ବେଳେ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୁଲିସ୍ ପକ୍ଷରୁ କୁହାଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ‘ବ୍ରିକ୍ସ’କୁ ଧମକାଇଲେ ଟ୍ରମ୍ପ

## ସମର୍ଥନରେ ୧୦% ଅଧିକ ଶୁଳ୍କ ଲାଗିବ

ନୂଆଦିଲ୍ଲୀ, ୮।୭: ଦଶଟି ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରକୁ ନେଇ ଗଠିତ ‘ବ୍ରିକ୍ସ’ ସମୂହକୁ ଟାର୍ଗେଟ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଏହାକୁ ସେ ଆମେରିକା ବିରୋଧୀ କହିବା ସହ ବ୍ରିକ୍ସକୁ ସମର୍ଥନ କରୁଥିବା ରାଷ୍ଟ୍ରଗୁଡ଼ିକ ଉପରେ ୧୦ ପ୍ରତିଶତ ଅଧିକ ଶୁଳ୍କ ଲଗାଇବାକୁ ଧମକ ଦେଇଛନ୍ତି। ସେତିକିରେ ସେ ଅଟକି ନାହାନ୍ତି। ଯଦି ଡଲାରର କୌଣସି ବିକଳ୍ପ ମୁଦ୍ରା ବିଷୟରେ କେହି ବିଚାର ବି କରିବେ, ସେମାନଙ୍କ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଯିବ ବୋଲି ସେ କହିଛନ୍ତି। ବିଶ୍ୱ ଆର୍ଥିକ ଭିତ୍ତିଭୂମିରେ ରହିଥିବା ଆଧିପତ୍ୟକୁ ଆମେରିକା ଏକ ଅସ୍ତ୍ର ଭାବେ ବିଭିନ୍ନ ଦେଶ ବିରୋଧରେ ବ୍ୟବହାର କରୁଛି। ୨୦୧୨ରେ ଇରାନ ଓ ୨୦୨୨ରେ ରୁଷ୍ ବିରୋଧରେ ସେହି ଅସ୍ତ୍ର ପ୍ରୟୋଗ କରାଯାଇଥିଲା। ସେଥିପାଇଁ ରୁଷ୍ ଓ ଚୀନ୍ ଏବେ ନିଜ ଦେଶର ମୁଦ୍ରାରେ କାରବାର କରିବାକୁ ଗୁରୁତ୍ୱ ଦେଉଛନ୍ତି। ସମଗ୍ର ବିଶ୍ୱରେ ହେଉଥିବା କାରବାରରେ ମୁଖ୍ୟତଃ ଆମେରିକୀୟ ଡଲାର ବ୍ୟବହୃତ ହୋଇଥାଏ। ତାହାର ଫାଇଦା ଉଠାଇ ଆମେରିକା ଏବେ ବ୍ରିକ୍ସ ସମୂହରେ ଥିବା ଦେଶଗୁଡ଼ିକୁ ବ୍ଲାକ୍‌ମେଲ୍ କରୁଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ ବ୍ରାଜିଲ, ରୁଷ୍, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକାକୁ ନେଇ ‘ବ୍ରିକ୍ସ’ର ପରିକଳ୍ପନା କରାଯାଇଥିଲା। ପରବର୍ତ୍ତୀ ସମୟରେ ସେଥିରେ ଇଜିପ୍ଟ, ଇଥିଓପିଆ, ଇରାନ, ୟୁଏଇ ଓ ଇଣ୍ଡୋନେସିଆ ଯୋଡ଼ିହୋଇଛନ୍ତି। ବ୍ରିକ୍ସ ଅଧୀନରେ ବିଶ୍ୱର ୪୫ ପ୍ରତିଶତ ଲୋକ ବାସ କରୁଥିବା ବେଳେ ବିଶ୍ୱ ଅର୍ଥନୀତି ୩୫ ପ୍ରତିଶତ ଭାଗ ଏହି ଦେଶଗୁଡ଼ିକ ଅଧୀନରେ ରହିଛି। ନିଜ ଭିତରେ କାରବାର ଲାଗି ଏକ ସ୍ୱତନ୍ତ୍ର ମୁଦ୍ରା ବିକାଶ କରିବା ଲାଗି ୨୦୨୨ରେ ରୁଷ୍ ଏକ ପ୍ରସ୍ତାବ ଦେଇଥିଲା। ତାହାକୁ ଆମେରିକା ଡଲାରର ବିକଳ୍ପ ଭାବେ ବିଚାର କରି ବିରୋଧ କରୁଛି।




## ଆମେ ମୁହାଁମୁହିଁ ହେବାକୁ ଚାହୁଁନୁ: ଚୀନ୍

ବେଜିଂ, ୭/୭: ଆମେରିକା ଶୁଳ୍କ ଧମକର ଜବାବ ଦେଇଛି ବ୍ରିକ୍ସ ରାଷ୍ଟ୍ରମାନେ ମୁହାଁମୁହିଁ ହେବାକୁ ଚାହୁଁନାହାନ୍ତି ବୋଲି ଚୀନ୍ କହିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟ ସୋମବାର କହିଛି ଯେ ଶୁଳ୍କ କାହା ହିତରେ ନୁହେଁ ଏବଂ ଶୁଳ୍କକୁ ରାଜନୈତିକ ଚାପର ମାଧ୍ୟମ ଭାବେ ବ୍ୟବହାର କରାଯିବାକୁ ବେଜିଂ ବିରୋଧ କରେ। ଅନ୍ୟମାନଙ୍କୁ ବାଧ କରିବା ପାଇଁ ଶୁଳ୍କକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଉଥିବାରୁ ଆମେ ଏହାକୁ ବିରୋଧ କରୁଛୁ ବୋଲି ମନ୍ତ୍ରଣାଳୟ କହିଛି। ବ୍ରିକ୍ସ ପ୍ରତିଦ୍ୱନ୍ଦ୍ୱିତା ନୁହେଁ, ସହଯୋଗ ଓ ଅନ୍ତର୍ଭୁକ୍ତୀକରଣ ବିକାଶ ଉପରେ ଗୁରୁତ୍ୱ ଦେଉଛି ବୋଲି ଚୀନ୍ କହିଛି। ଆମେରିକା ନେତୃତ୍ୱାଧୀନ ଶୁଳ୍କ ବ୍ୟବସ୍ଥାକୁ ସମାଲୋଚନା କରୁଥିବା ବ୍ରିକ୍ସ ଘୋଷଣାନାମାକୁ ଭାରତ ସମର୍ଥନ କରିବା ପରେ ଟ୍ରମ୍ପ ତାଙ୍କ ସୋସିଆଲ ମିଡିଆରେ ୧୦ ପ୍ରତିଶତ ଅତିରିକ୍ତ ଶୁଳ୍କ ଲଗାଇବା ଧମକ ଦେଇଥିଲେ।

## ଆମେରିକା ତୁଳନାରେ ଭାରତରେ ପେଟ୍ରୋଲ ୨୧ ଟଙ୍କା ମହଙ୍ଗା



ନୂଆଦିଲ୍ଲୀ,୮।୭: ଅନ୍ତର୍ଜାତୀୟ ବଜାରରେ ତୈଳ ଦରରେ ଅସ୍ଥିରତା ମଧ୍ୟରେ ଭାରତରେ ଲିଟର ପିଛା ପେଟ୍ରୋଲ ୧୦୧ ଟଙ୍କାରେ ବିକ୍ରି ହେଉଛି। ତେବେ ଅଧିକାଂଶ ରାଷ୍ଟ୍ର ଅତି କମ୍ ଦରରେ ଏହାକୁ ବିକ୍ରି କରୁଥିବା ଏକ ରିପୋର୍ଟରୁ ଜଣାପଡ଼ିଛି। ଭାରତରେ ପେଟ୍ରୋଲ ଦର ଆମେରିକା ଏବଂ ପାକିସ୍ତାନ ତୁଳନାରେ ୨୧ ଟଙ୍କା ଅଧିକ ବୋଲି ଏଥିରେ ଉଲ୍ଲେଖ କରାଯାଇଛି। ରିପୋର୍ଟ ଅନୁସାରେ, ଭାରତରେ ଲିଟର ପିଛା ପେଟ୍ରୋଲ ଦାମ ରହିଛି ହାରାହାରି ୧୦୧ ଟଙ୍କା। ଆମେରିକାରେ ଏହା ୭୯.୪ ଟଙ୍କା ଓ ପାକିସ୍ତାନରେ ୮୦.୪ ଟଙ୍କାରେ ବିକ୍ରି ହେଉଛି। ତେବେ ଚୀନ୍‌ରେ ଲିଟର ପିଛା ୯୪.୫ ଟଙ୍କା ଏବଂ ବାଂଲାଦେଶରେ ୮୫ ଟଙ୍କାରେ ଏହା ବିକ୍ରି ହେଉଛି। ଭୁଟାନ୍‌ରେ ଏହା ୫୮.୮ ଟଙ୍କା ଥିବାବେଳେ ଲିବ୍ୟା ଏବଂ ଇରାନ୍‌ରେ ଏହା ୨.୫ ଟଙ୍କାରୁ କମ୍‌ରେ ବିକ୍ରି ହେଉଥିବା ଜଣାପଡ଼ିଛି। ଭାରତରେ ତେଲ ଉପରେ ମୋଟା ଟିକସ ଲାଗୁଥିବାରୁ ଦର ଅଧିକ ରହିଛି।

## ପିଡବ୍ଲ୍ୟୁ ବିଦ୍ୟାପୀଠରେ ନିଟ୍ ଟପରଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୮।୭: ଶିକ୍ଷାଦାନ ସହ ଜଡ଼ିତ କମ୍ପାନି ପିଜିକ୍ସୱାଲା (ପିଡବ୍ଲ୍ୟୁ) ପକ୍ଷରୁ ନିଟ୍ ୨୦୨୫ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରାଯାଇଥିଲା। ଭୁବନେଶ୍ୱରରେ ଅଫ୍‌ଲାଇନ୍ ବିଦ୍ୟାପୀଠ କେନ୍ଦ୍ରଗୁଡ଼ିକରେ ପାଠପଢ଼ି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନେ ସେଥିରେ ଯୋଗଦେଇଥିଲେ। ଏହି ଅବସରରେ ପିଡବ୍ଲ୍ୟୁର ଫାକଲ୍ଟି ସଦସ୍ୟ ପଙ୍କଜ ଶିର୍ଜୈର୍ଯ୍ୟ, ସମ୍ପତ୍ତି ସିହ୍ନା ମହାପାତ୍ର ଓ ଆରୁଷି ଟୁଲି ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ସଫଳତା ପାଇଥିବା ଛାତ୍ରଛାତ୍ରୀମାନେ ହେଉଛନ୍ତି ଓମ୍ ପ୍ରକାଶ ରାଜ, ଶୁଭଞ୍ଜନ ସାହୁ, ଆୟୁଷ ଆୟୁଷ୍ମାନ ଭୂୟାଁ, ତଡ଼ଶା ମିଶ୍ର ଓ ଶୁଭାଶିଷ ରଥ।




## ଓଡ଼ିଶା ଟେଲିଭିଜନ ଗ୍ରୁପ୍‌ର ନୂଆ ଅଧ୍ୟାୟ ‘ଇକତନ’

ଭୁବନେଶ୍ୱର, ୭/୭: ନୀଳାଦ୍ରିବିଜେ ଅବସରରେ ଓଡ଼ିଶା ଟେଲିଭିଜନ ଗ୍ରୁପ୍ ପକ୍ଷରୁ ହାତବୁଣା ଇକତ ଶାଢ଼ିର ନୂଆ ଅନୁଷ୍ଠାନ ଇକତନ ଆରମ୍ଭ କରାଯାଇଛି। ଇକତନ ନାମର ଅର୍ଥ ହେଉଛି ବାନ୍ଧି ରଖିବା। ଏହା ପୁରୁଣା ଓ ନୂଆ ବୟନ କାରିଗର ପରମ୍ପରାକୁ ବାନ୍ଧି ରଖି ଏକ ବ୍ରାଣ୍ଡ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। କମ୍ପାନିର ଇ-କମର୍ସ ପ୍ଲାଟ୍‌ଫର୍ମ www.ikatan.com ମଧ୍ୟ ଆରମ୍ଭ ହୋଇଛି। ଇକତନ ଗ୍ରାହକମାନଙ୍କୁ ବର୍ଷ ବର୍ଷର ଅଭିଜ୍ଞତା ହାସଲ କରିଥିବା କୁଶଳୀ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଶତ ପ୍ରତିଶତ ମୌଳିକ ଓ ହାତବୁଣା ରେଶମୀ ଇକତ ଶାଢ଼ି ପ୍ରଦାନ କରିବ। ଏଥିପାଇଁ କମ୍ପାନି ବିଶ୍ୱସ୍ତରୀୟ ଡିଜାଇନର ବିଭୁ ମହାପାତ୍ରଙ୍କ ସହ ସହଯୋଗିତା ସ୍ଥାପନ କରିଛି। ଏହି ଅବସରରେ ଇକତନର ପ୍ରତିଷ୍ଠାତା ଜଗି ମଙ୍ଗତ ପଣ୍ଡା କହିଛନ୍ତି ଯେ ଇକତନ ଆମ ପାଇଁ କେବଳ ଏକ ବ୍ରାଣ୍ଡ ନୁହେଁ। ଏକ ମହାନ ଉଦ୍ଦେଶ୍ୟ ରଖିଥିବା ଏକ ପ୍ଲାଟ୍‌ଫର୍ମ। ଏଥିରେ ପ୍ରତ୍ୟେକ ଶାଢ଼ିରୁ ମିଳୁଥିବା ମୂଲ୍ୟ ସିଧାସଳଖ କାରିଗର ସମାଜ ଉଦ୍ଦେଶ୍ୟରେ ସମର୍ପିତ। ଏହାଦ୍ୱାରା ଭବିଷ୍ୟତରେ କାରିଗରଙ୍କ ଜୀବିକା ନିର୍ବାହରେ ଉନ୍ନତି ଓ ତାଲିମରେ ପରିବର୍ତ୍ତନ ଆସିବା ସହିତ ସ୍ଥାନୀୟ କୌଶଳକୁ ସଂରକ୍ଷିତ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି।




## ଅମିୟ ଧଳଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୭/୭: ପୁରୀରେ ଅନୁଷ୍ଠିତ ୧୬ତମ ଜାତୀୟ ସ୍ତରୀୟ ରଥଯାତ୍ରା ଭଜନ ସମାରୋହ ଓ ରଥଯାତ୍ରା ସମ୍ମାନ-୨୦୨୫ରେ ସମାଜସେବୀ ଅମିୟ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ଧଳ ରାଜ୍ୟର ବିଭିନ୍ନ ସ୍ଥାନରେ ନିଜର ସେବା କାର୍ଯ୍ୟ ଜାରି ରଖିଥିବା ବେଳେ ଫ୍ରିଡମ୍ ସହଯୋଗରେ ନିଷ୍ପେଷିତ ଓ ଅସହାୟଙ୍କୁ ସହାୟତାର ହାତ ବଢ଼ାଉଛନ୍ତି। ଏହି ଅବସରରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବିନୋଦ ପଣ୍ଡା, ପୁରୀ ସାଂସଦ ଶୁଭାଶିଷ ଖୁଣ୍ଟିଆ, ଯାଜପୁର ସାଂସଦ ରବୀନ୍ଦ୍ର ବେହେରା ଓ ସ୍ମୃତିର ଓଡ଼ିଶା ଚାରିଟେବୁଲ୍ ଟ୍ରଷ୍ଟର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ମୋବାଇଲ୍ ରିଚାର୍ଜ ଦାମ୍ ୧୨% ବଢ଼ିବ

### ବର୍ଷ ଶେଷ ସୁଦ୍ଧା ଘୋଷଣା ହେବ




ନୂଆଦିଲ୍ଲୀ, ୮।୭: ମୋବାଇଲ୍ ଦେଖିବାରେ ଅଭ୍ୟସ୍ତ ହୋଇପଡ଼ିଥିବା ସାଧାରଣ ଜନତାଙ୍କ ପକେଟ୍ ଆହୁରି ଫାଙ୍କା ହେବ। ମୋବାଇଲ୍ ରିଚାର୍ଜ ଲାଗି ଅଧିକ ଟଙ୍କା ଗଣିବାକୁ ପଡ଼ିବ। ଗତ କିଛି ମାସ ଭିତରେ ନୂଆ ମୋବାଇଲ୍ ଗ୍ରାହକ ସଂଖ୍ୟା ବଢ଼ିଥିବାରୁ ଟେଲିକମ୍ କମ୍ପାନିଗୁଡ଼ିକ ରିଚାର୍ଜ ଦାମ୍‌ରେ ୧୦-୧୨ ପ୍ରତିଶତ ବୃଦ୍ଧି କରିବାକୁ ଯାଉଛନ୍ତି। ବର୍ଷ ଶେଷ ସୁଦ୍ଧା ଏହି ଘୋଷଣା ହେବାର ସମ୍ଭାବନା ରହିଛି। ଗତବର୍ଷ ଜୁଲାଇରେ ରିଚାର୍ଜ ମୂଲ୍ୟ ୧୧-୨୩ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିଥିଲା। ତେବେ ଆଗାମୀ ଦିନରେ ଦରରେ ଯେଉଁ ବୃଦ୍ଧି ଘଟିବ ତାହା ମଧ୍ୟମ ଓ ପ୍ରିମିୟମ୍ ପ୍ଲାନ୍‌ରେ ବଢ଼ିବ। କାରଣ ସର୍ବନିମ୍ନ ରିଚାର୍ଜ ମୂଲ୍ୟ ଯଥେଷ୍ଟ ବଢ଼ିଛି। ସେଥିରେ ଆହୁରି ବୃଦ୍ଧି ହେଲେ ଗ୍ରାହକମାନେ ସେବାଠାରୁ ଦୂରେଇ ଯିବାର ଆଶଙ୍କା ରହିଛି। ଟେଲିକମ୍ କମ୍ପାନିଗୁଡ଼ିକ ସେମାନଙ୍କ ରିଚାର୍ଜ ପ୍ଲାନ୍‌କୁ ୫ଜି ଅନୁସାରେ ପ୍ରସ୍ତୁତ କରିବାକୁ ଚାହୁଁଛନ୍ତି।

## ବ୍ୟାଙ୍କ ଅଫ୍ ବରୋଦାର ସର୍ବନିମ୍ନ ବାଲାନ୍ସ ଚାର୍ଜ ଛାଡ଼

ଭୁବନେଶ୍ୱର, ୭/୭: ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ସଞ୍ଚୟ ଖାତାର ସର୍ବନିମ୍ନ ବାଲାନ୍ସ ଚାର୍ଜକୁ ଛାଡ଼ କରାଯାଇଛି। ଫଳରେ ଖାତାରେ ହାରାହାରି ସର୍ବନିମ୍ନ ମାସିକ ବାଲାନ୍ସ ନ ରଖିଲେ ଗ୍ରାହକମାନଙ୍କୁ କୌଣସି ଚାର୍ଜ ଗଣିବାକୁ ପଡ଼ିବ ନାହିଁ। କିନ୍ତୁ ପ୍ରିମିୟମ ସଞ୍ଚୟ ଖାତା ଯୋଜନାରେ ଏହି ଛାଡ଼ ଲାଗୁ ହେବନାହିଁ। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବୀଣା ବାହିଦ କହିଛନ୍ତି ଯେ ସର୍ବନିମ୍ନ ବାଲାନ୍ସ ଚାର୍ଜ ହଟାଇବା ଗ୍ରାହକଙ୍କ ପ୍ରତି ବ୍ୟାଙ୍କର ରହିଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ସମସ୍ତଙ୍କ ପାଇଁ ବ୍ୟାଙ୍କିଙ୍ଗକୁ ସୁଗମ କରିବ। ଗ୍ରାହକଙ୍କୁ ଗୁଣାତ୍ମକ ବ୍ୟାଙ୍କିଙ୍ଗ ସେବା ପ୍ରଦାନ କରିବାରେ ଆମ ପ୍ରୟାସକୁ ଏହା ଆହୁରି ମଜଭୁତ କରିବ।

## ଜିନ୍ଦଲ ଇଣ୍ଡିଆ ଖଟାଇବ ୧୫ହଜାର କୋଟି

### ଢେଙ୍କାନାଳରେ ବସାଇବ ଇସ୍ପାତ କାରଖାନା

### ୩୬୦୦ କୋଟି ନିବେଶ କରିବ

ଭୁବନେଶ୍ୱର, ୭/୭(ଇମିସ): ବି ସି ଜିନ୍ଦଲ ଗ୍ରୁପ୍‌ର ସଂସ୍ଥା ଜିନ୍ଦଲ (ଇଣ୍ଡିଆ) ଲିମିଟେଡ୍ ଓଡ଼ିଶା ପାଇଁ ବୃହତ୍ ଯୋଜନା ରଖିଛି। କମ୍ପାନି ୨୦୩୦ ସୁଦ୍ଧା ରାଜ୍ୟରେ ୧୫ହଜାର କୋଟି ଟଙ୍କା ନିବେଶ କରିବାକୁ ଚାହୁଁଛି। କମ୍ପାନିର ସହାୟକ ସଂସ୍ଥା ଜିନ୍ଦଲ ଇଣ୍ଡିଆ ଷ୍ଟିଲ୍ ଟେକ୍ ଲିମିଟେଡ୍ ଓଡ଼ିଶାରେ ୩୬୦୦ କୋଟି ଟଙ୍କା ନିବେଶରେ ଢେଙ୍କାନାଳ ଜିଲ୍ଲାରେ ଏକ ଇସ୍ପାତ କାରଖାନା ବସାଇବାକୁ ଯାଉଛି। ସେହି ପ୍ରକଳ୍ପକୁ ନିକଟରେ ଉଚ୍ଚସ୍ତରୀୟ ମଞ୍ଜୁରି କର୍ତ୍ତୃପକ୍ଷ (ଏଚ୍‌ଏଲ୍‌ସିଏ) ବୈଠକରେ ଅନୁମୋଦନ ମିଳିଥିଲା। ଏହି ପ୍ରକଳ୍ପ ପାଇଁ କମ୍ପାନି ମଞ୍ଜୁରି ପତ୍ର ହାସଲ କରିଥିବା ଘୋଷଣା କରିଛି। ଜିନ୍ଦଲ (ଇଣ୍ଡିଆ) ୨୦୩୦ ସୁଦ୍ଧା ଓଡ଼ିଶା କାରଖାନାର ଉତ୍ପାଦନ କ୍ଷମତାକୁ ୩୦ ଲକ୍ଷ ଟନ୍‌ରେ ପହଞ୍ଚାଇବାକୁ ଯୋଜନା ରଖିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ୯.୬ ଲକ୍ଷ ଟନ୍‌ର କାରଖାନା ବସାଇବ ଯାହା ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ସେଥିରେ କମ୍ପାନି ସ୍ୱତନ୍ତ୍ର କୋଟେଡ୍ ଇସ୍ପାତ ଉତ୍ପାଦ ନିର୍ମାଣ କରିବ। କାରଖାନାରେ ଇସ୍ପାତ ସିଟ୍ ପାଇଁ କୋଲ୍ଡ ରୋଲିଂ ମିଲ୍ ଓ କଲର୍ କୋଟିଂ ଲାଇନ୍ ରହିବ। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ କମ୍ପାନି କ୍ଷମତା ସମ୍ପ୍ରସାରଣରେ ୧୫୦୦ କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଥିଲା। ସେହି କାର୍ଯ୍ୟଗୁଡ଼ିକ ଚଳିତ ଆର୍ଥିକ ବର୍ଷରେ ଶେଷ ହେବ ବୋଲି କମ୍ପାନି ଆଶା କରୁଛି। କମ୍ପାନି ପକ୍ଷରୁ ବାର୍ଷିକ ୨ ଲକ୍ଷ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ଏକ ଇସ୍ପାତ ପାଇପ୍ କାରଖାନା ମଧ ସ୍ଥାପନ କରିବା ଯୋଜନା ରହିଛି। କମ୍ପାନିର ପ୍ରବକ୍ତା କହିଛନ୍ତି ଯେ ଆତ୍ମନିର୍ଭର ଭାରତ ଓ ବିକଶିତ ଭାରତ ଅଭିଯାନକୁ ଦୃଷ୍ଟିରେ ରଖି କମ୍ପାନି ଏହି ପ୍ରକଳ୍ପ ଘୋଷଣା କରିଛି। ନୂଆ କାରଖାନା ଦ୍ୱାରା ଆମଦାନି ଉପରେ ନିର୍ଭରଶୀଳତା କମ୍ ହେବ ଏବଂ ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ପ୍ରକଳ୍ପ ଜରିଆରେ କମ୍ପାନି ଓଡ଼ିଶାରେ ଏହାର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୮୪୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୬୦୦ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୬୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୮୪୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୯୯୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୭୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୮୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୬୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୮୪୦ ଓ ୯୦ ହଜାର ୬୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୦ , ୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ପଇସା ରହିଛି।

### ବାଟ ହୁଡିଛି ଶିଶୁ ଶ୍ରମିକ ନିଷେଧ ଆଇନ

# ବହିବସ୍ତାନି ବଦଳରେ ଧରୁଛନ୍ତି ରେଞ୍ଚି ଓ ହାତୁଡ଼ି

**କଳିଙ୍ଗନଗର,୮।୭ (ସଂଚାର ବ୍ୟୁରୋ):** ଶିଶୁ ହସିଲେ ଦୁନିଆ ହସେ, ଆଜିର ଶିଶୁ କାଲିର ଭବିଷ୍ୟତ, ସଭିଁଏ ପଢ଼ିବା, ସଭିଏଁ ବଢ଼ିବା ସ୍ଲୋଗାନ ସବୁ ସ୍ଲୋଗାନରେ ରହିଯାଉଛି। ରାଜ୍ୟ ସରକାରଙ୍କର ଶିକ୍ଷା ଅଧିକାର ଆଇନ ଅନୁସାରେ ଜଣେ ଶିଶୁ ପ୍ରଥମରୁ ଚଉଦ ବର୍ଷ ପ୍ରଯ୍ୟନ୍ତ ନିଶୁଳ୍କ ବାଧତା ମୂଳକ ଭାବେ ଶିକ୍ଷା ଗ୍ରହଣ କରିବା ଉଚିତ। ସେ ବୟସ ଭିତରେ ତାକୁ କୌଣସି କାମ କିମ୍ବା ବେପାରରେ ଲଗା ଯାଇ ପାରିବ ନାହିଁ। ଚଉଦରୁ ଅଠର ବର୍ଷ ପର୍ଯ୍ୟନ୍ତ କୌଣସି କଠିନ କାମରେ ଶିଶୁଙ୍କୁ କେହି ନିୟୋଜିତ କରି ପାରିବେ ନାହିଁ। ଶିଶୁ ଶ୍ରମିକ ମାନଙ୍କୁ ଠାବ କରି ଥଇଥାନ କରିବା ପାଇଁ ଜିଲ୍ଲା ସ୍ତରରେ ଶିଶୁ ସୁରକ୍ଷା ବିଭାଗର ଅଧିକାରୀମାନେ ଓ ବ୍ଲକ ସ୍ତରରେ କିଛି ସରକାରୀ, ବେସରକାରୀ ସଂସ୍ଥା କାମ କରୁଛନ୍ତି। ଦାନଗଦି ବ୍ଲକରେ ଏପରି ଶିଶୁଙ୍କୁ ଠାବ କରିବା ପାଇଁ ଏନଜିଓ ସଂସ୍ଥାର ଜଣେ ଜଣେ କର୍ମୀ ପଂଚାୟତ ସ୍ତରରେ ଦରମା ନେଇ ନିଯୁକ୍ତି ହୋଇଛନ୍ତି। ଏତେ କଟକଣା ଥିବା ସତ୍ତ୍ୱେ କଳିଙ୍ଗନଗର ଶିଳ୍ପାଞ୍ଚଳର ବିଭିନ୍ନ ଛକ ବଜାର, ଗାଁରେ କମ୍ ବୟସର ଶିଶୁମାନେ ଶିଶୁ ଶ୍ରମିକ ଭାବେ କାମ କରୁଛନ୍ତି।



ପାଠ ପଢ଼ିବା ବୟସରେ ଦାନଗଦୀ ବଜାର ଓ ସୋଲେଇ ଶିଶୁ ମନ୍ଦିର ସମ୍ମୁଖରେ ଥିବା ମୋଟର ସାଇକେଲ ଗ୍ୟାରେଜରେ ଛୋଟ ଛୋଟ ପିଲାମାନଙ୍କୁ କାମରେ ଲଗାଯାଉଛି। ବହି ବସ୍ତାନି ବଦଳରେ, ହାତରେ ରେଞ୍ଚି, ହାତୁଡି ଦେଖିବାକୁ ମିଳୁଛି। ସୁକିନ୍ଦା ରୋଡ଼ ରେଳ ସାଇଡଙ୍ଗରେ ଥିବା କୋଇଲା ପ୍ଲଟରେ ଶିଶୁମାନେ କୋଇଲା ଗୋଟାଇ ବିକିବା ସହ ସେ ପଇସାରେ ମଦ ଗୁଟୁଖା ଖାଇ ଅବାଟକୁ ଯାଇ ନିଜର ଭବିଷ୍ୟତ ଅନ୍ଧାର କରୁଛନ୍ତି। ଆଉ ଛକ ବଜାର ଓ ହାଟ ମାନଙ୍କରେ ଅଳ୍ପ ବୟସର ପିଲାମାନେ ଗୁପୁଚୁପ, ଜିଲାପି ବିକୁଛନ୍ତି। ଆଉ କିଛି ଶିଶୁଙ୍କୁ ଭିକ୍ଷାବୃତ୍ତି କରୁଥିବାର ଦେଖିବାକୁ ମିଳୁଛି।

ଏନଜିଓ କର୍ମୀ ଖାଲି ମୋଟା ଅଙ୍କର ଦରମା ନେଇ ଘରେ ବସି ସବୁ ଠିକ ଅଛି ବୋଲି ରିପୋର୍ଟ କରୁଛନ୍ତି। ବାସ୍ତବରେ ଗାଁ ଗହଳିରେ ସେପରି ସଚେତନତା କାର୍ଯ୍ୟକ୍ରମ ହେଉନାହିଁ। ଲୋକ ଦେଖାଣିଆ ଫଟୋ ଉଠାଇ ତାଙ୍କ ଅଫିସକୁ ଦେଇ କାମ ସାରିଦେଉଛନ୍ତି।

ଏପରି ଦାୟିତ୍ୱରେ ଥିବା କର୍ମଚାରୀ, ଏନ୍‌ଜିଓମାନଙ୍କ ଅବହେଳା ଓ ମନମୁଖୀ ପାଇଁ ଉପରିସ୍ଥ ଅଧକାରୀମାନେ ଟଙ୍କା ନେଇ ଫିଲଡକୁ ନ ଆସି କାଗଜ ପତ୍ରରେ ସନ୍ତୁଷ୍ଟ ରହିବାରୁ ଶିଶୁମାନେ ଶ୍ରମିକ ହେଉଛନ୍ତି। ଏପରି ଶିଶୁ ଶ୍ରମିକ ପ୍ରତି ଦୃଷ୍ଟି ଦେଇ ଥଇଥାନ କରିବା ସହ ଦାୟିତ୍ୱ ଥିବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ କଳିଙ୍ଗନଗର ତଥା ଦାନଗଦି ବଜାର ଓ ଗ୍ରାମାଞ୍ଚଳରେ ଥିବା ଶିଶୁମାନଙ୍କ ଭବିଷ୍ୟତ ଉଜ୍ଜଳ ହୋଇ ପାରିବ, ନଚେତ ସରକାର ଓ ଟାଟା କମ୍ପାନୀ ଯେଉଁ ମହାନ ଉଦେଶ୍ୟ ରଖି ଟଙ୍କା ଖର୍ଚ୍ଚ କରୁଛନ୍ତି ତାହା ପାଣିରେ ପଡିବ, ତିଳେ ମାତ୍ର ସନ୍ଦେହ ନାହିଁ।



## ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ, ହନ୍ତସନ୍ତ ଯାତ୍ରୀ

**ହିଞ୍ଜିଳିକାଟୁ,୮।୭ (ସଂଚାର ବ୍ୟୁରୋ):** ୭ ଦଫା ଦାବି ନେଇ ମଙ୍ଗଳବାର ଦିନ ଆନ୍ଦୋଳନକୁ ଓହ୍ଲାଇଥିଲା ଓଡ଼ିଶା ଡ୍ରାଇଭର ମହାସଙ୍ଘ । ଓଡିଶାରେ ୩ ଲକ୍ଷରୁ ଅଧିକ ଡ୍ରାଇଭର ଆନ୍ଦୋଳନରେ ସାମିଲ ହେବେ । ଆନ୍ଦୋଳନକୁ ବିଭିନ୍ନ ରାଜ୍ୟର ଡ୍ରାଇଭର ସଂଘ ଓ ବିଭିନ୍ନ ମାଲିକ ସଂଘ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଥିଲା। ତେବେ ଡ୍ରାଇଭରଙ୍କ ଷ୍ଟିୟରିଂ ଛାଡ ନିଷ୍ପତ୍ତି ପାଇଁ ପରିବହନ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଏହାର ପ୍ରଭାବ ଓଡ଼ିଶାର ପ୍ରମୁଖ ସହର ହିଞ୍ଜିଳିରେ ଦେଖିବାକୁ ମିଳିଛି। ଅନ୍ୟପଟେ ବସ ଉପରେ ନିର୍ଭର ହୋଇ ରହୁଥିବା ଯାତ୍ରୀ ସମସ୍ୟା ଭୋଗିଛନ୍ତି । ଗାଡ଼ି ଚଳାଚଳ ବନ୍ଦ କାରଣରୁ ଲୋକଙ୍କ ଯାତାୟତ ଠପ୍ ହୋଇଯାଇଛି । ଏପରିକି କାମ ପାଇଁ ଦୂରକୁ ଯାତ୍ରା କରୁଥିବା ଶ୍ରମିକମାନେ ବି ସମସ୍ୟାର ସମ୍ମୁଖିନ ହୋଇଛନ୍ତି । ବସ୍ ନପାଇ ବସଷ୍ଟାଣ୍ଡକୁ ଆସି ବସି ରହିଥିବାର ଦୃଶ୍ୟ ବି ସାମ୍ନାକୁ ଆସିଛି । ସେପଟେ ଏହାର ଫାଇଦା ଉଠାଇଥିଲେ ଅଟୋ ଚାଳକ । ଏଭଳି ସ୍ଥିତିରେ ଅଟୋ ଚାଳକମାନେ ଯାତ୍ରୀଙ୍କଠାରୁ ଚଢ଼ା ଦର ନେଇଥିବା ଅଭିଯୋଗ ହୋଇଛି ।

## ବିଶ୍ୱାୟନ ସଂସ୍କୃତି ଓ କବିତାର ଭୂମିକା ଉପରେ ଆଲୋଚନା ଚକ୍ର



**କେନ୍ଦ୍ରାପଡ଼ା,୮।୭ (ସଂଚାର ବ୍ୟୁରୋ):** କବିତାର ଭାଷା ଓ ଆବେଦନ ଯଦିଓ ମଣିଷର ଚିରନ୍ତନ ପ୍ରବୃତ୍ତି ଓ ପ୍ରକାଶ ସହ ସମ୍ବନ୍ଧିତ, ତଥାପି ରୁଚିବୋଧ ଓ ଯୁଗଯନ୍ତ୍ରଣା ସହ ଏହା ପରିବର୍ତ୍ତନଶୀଳ । "ସିମ୍ଫୋନି" ଦ୍ୱାରା ଆୟୋଜିତ କବିତା ସମ୍ପର୍କିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଶିଷ୍ଟ ବକ୍ତା ଓ କବିମାନଙ୍କ ଆଲୋଚନା ଏହି ନିଷ୍କର୍ଷରେ ଉପନୀତ ହୋଇଥିଲା । କେନ୍ଦ୍ରାପଡ଼ା ସହର କଜଳାରେ ଜନ୍ମିତ ସମ୍ପ୍ରତି ପ୍ରବାସୀ ଓଡ଼ିଆ ଓ ଆମେରିକୀୟ କବି ପ୍ରଦୀପ ମହାପାତ୍ରଙ୍କ ସହ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ସ୍ଥାନୀୟ ମାଧପୁରଠାରେ ଅନୁଷ୍ଠିତ ହୋଇଯାଇଛି । "ବିଶ୍ୱାୟନ ସଂସ୍କୃତି ଓ ପରିବର୍ତ୍ତିତ ଯୁଗରୁଚି :କବିତାର ଭୂମିକା" ଶୀର୍ଷକ ଏହି ଆଲୋଚନାଚକ୍ରରେ ସମକାଳୀନ ବିଶିଷ୍ଟ କବି ବୃନ୍ଦାବନ ଦାସ, ପ୍ରାଧାପକ ତ୍ରିଲୋଚନ ପ୍ରଧାନ, ପ୍ରେମାନନ୍ଦ ଖଣ୍ଡୁଆଳ, ପ୍ରମୋଦ ସିଂହ, ପ୍ରାଧାପକ ଡ଼. ବିନାୟକ ପ୍ରସାଦ ପ୍ରଧାନ, ପ୍ରାଧାପକ ଡ଼. ହିମାଂଶୁ ପରିଡ଼ା, ପ୍ରାଧାପକ ସୁକାନ୍ତ କୁମାର ପ୍ରଧାନ, କବି ରଞ୍ଜନ ବାଈ, କଥାକାର ବଂଶୀଧର ମହାନ୍ତି, କବି ଓ ଅନୁଷ୍ଠାନର ସଂଯୋଜକ ସ୍ୱପ୍ନାଂଶୁ କୁମାର ଦାସ ଏବଂ ଯୁବପିଢ଼ିର କବି ଗୋଲାପ ରାଉତ, ପୂଜାଶ୍ରୀ ସେଠୀ, ଜୟଶ୍ରୀ ଖଟୁଆ, ଜିତପ୍ରକାଶ, କ୍ଷୀରୋଦ କର, ପ୍ରତାପ ସ୍ୱାଇଁ, ପ୍ରିୟବ୍ରତ ଦାସ ପ୍ରମୁଖ ଯୋଗଦେଇ ଏହି ପ୍ରସଙ୍ଗ ଉପରେ ସ୍ୱକୀୟ ଦୃଷ୍ଟିକୋଣକୁ ଉପସ୍ଥାପିତ କରିଥିଲେ । ଏହି ଅବସରରେ କବି ପ୍ରଦୀପ ମହାପାତ୍ର ନିଜ ଲିଖିତ ଓଡ଼ିଆ କବିତା ପାଠ କରିବା ସହ ଆମେରିକୀୟ ଓଡ଼ିଆମାନଙ୍କ ସାଂସ୍କୃତିକ ରୁଚି ଓ ଜୀବନଧାରାରେ ଓଡ଼ିଆପ୍ରାଣତାର ଅସ୍ତିତ୍ୱର ବିବିଧ ନିଦର୍ଶନ ନିଜ ବକ୍ତବ୍ୟ ମାଧମରେ ବୟାନ କରିଥିଲେ ।

## ୨୦ ବର୍ଷ ଧରି ଗୋଟିଏ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲାପାଳଙ୍କଠାରେ ଅଭିଯୋଗ



- ଘରପାଖ ବିଦ୍ୟାଳୟରେ ରହି ଶିକ୍ଷକଙ୍କ ମନାମାନୀ
- ୩୦ ପିଲାଙ୍କୁ ୭୦ ଦର୍ଶାଇ ମଧ୍ୟାହ୍ନଭୋଜନ ଲୁଟ୍ ଅଭିଯୋଗ

**ବିଞ୍ଝାରପୁର,୮।୭ (ସଂଚାର ବ୍ୟୁରୋ):** ଗୋଟିଏ ବିଦ୍ୟାଳୟରେ ଦୀର୍ଘ ବର୍ଷ ରହି ଶିକ୍ଷକ ଶିକ୍ଷୟିତ୍ରୀ ଚଳାଇଛନ୍ତି ମନମାନି। ୩୦ ପିଲାଙ୍କୁ ୭୦ ପିଲା ଦର୍ଶାଇ ଶିକ୍ଷକ ଶିକ୍ଷୟିତ୍ରୀ କରୁଛନ୍ତି ମଧ୍ୟାହ୍ନ ଭୋଜନ ଅର୍ଥ ଆତ୍ମସାତ। ଏଭଳି କିଛି ଅଭିଯୋଗ ଆଣି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ ଦୀର୍ଘ ଦିନ ଧରି ଗୋଟିଏ ବିଦ୍ୟାଳୟରେ ରହି ଶିକ୍ଷକ ପ୍ରଭାସ ନାୟକ ଏବଂ ଶିକ୍ଷୟିତ୍ରୀ କୁମାରୀ ଶାରଦା ମନମାନି କରୁଛନ୍ତି। ବିଦ୍ୟାଳୟର ୩୦ରୁ ୩୫ ପିଲା ଥିବା ବେଳେ ୭୦ରୁ ଉର୍ଦ୍ଧ ନାମଲେଖା ଦର୍ଶାଇ ସରକାରୀ ଟଙ୍କା ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହଁ ବିଦ୍ୟାଳୟଠାରୁ ମାତ୍ର କେଇ ମିଟର ଦୂରତାରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଘର ହୋଇଥିବା ବେଳେ ନିଜର ବ୍ୟକ୍ତିଗତ କାର୍ଯ୍ୟ ସାରି ବିଦ୍ୟାଳୟକୁ ନିଜ ଅନୁସାରେ ଆସୁଥିବା ବେଳେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ବିଦ୍ୟାଳୟରୁ ପଳାଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଯେଉଁଥିପାଇଁ ଛାତ୍ର ଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଥିବା ବେଳେ ଅଭିଭାବକ ମାନେ ବିଦ୍ୟାଳୟରେ ନିଜ ପିଲାଙ୍କ ନାମ ଲେଖାଇବା ପାଇଁ ମନ ବଳାଉ ନଥିବା ଅଭିଯୋଗ ହୋଇଛି। ଏନେଇ ସୁନ୍ଦର ପୁର ଗ୍ରାମବାସୀ ଏବଂ କିଛି ଅଭିଭାବକ ଜିଲ୍ଲାପାଳଙ୍କ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି।ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ପୂର୍ବକ ସଂପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାନଗଲେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଗ୍ରାମବାସୀମାନେ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି।

## ସବ୍‌ଜେଲ୍ ସ୍ଥାନାନ୍ତର ନିଷ୍ପତ୍ତି ସ୍ଥଗିତ ରଖିବାକୁ ଦାବି

**ନୀଳଗିରି,୮।୭ (ସଂଚାର ବ୍ୟୁରୋ):** ନୀଳଗିରି ଉପଖଣ୍ଡ ସବଜେଲ ନୀଳଗିରିରୁ ଉଠିଯାଇ ବାଲେଶ୍ୱର ଜେଲ ସହ ମିଶ୍ରଣ ହେବାନେଇ ରାଜ୍ୟ ସରକାରଙ୍କ ଗୃହବିଭାଗ ପକ୍ଷରୁ ଗତ ଜୁଲାଇ ୭ତାରିଖରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଫଳରେ ଓଡ଼ିଶାର ନୟାଗଡ଼ ଜିଲ୍ଲାର ଖଣ୍ଡପଡା, ବାଲେଶ୍ୱର ଜିଲ୍ଲାର ନୀଳଗିରି ଏବଂ ବରଗଡ ଜିଲ୍ଲାର ସୋହେଲା ସବଜେଲ ଜିଲ୍ଲାମୁଖ୍ୟ ଜେଲ ସହିତ ସମ୍ମିଶ୍ରଣ ହେବାନେଇ ଅତିରିକ୍ତ ମୁଖ୍ୟ ଶାସନସଚିବ ତରଫରୁ ନିର୍ଦ୍ଦେଶନାମା ପ୍ରକାଶପାଇଛି। ଏହି ନିର୍ଦ୍ଦେଶନାମା ଜାରି ପରେ ନୀଳଗିରିର ଉଭୟ ଓକିଲସଂଘ ଏଭଳି ନିଷ୍ପତିକୁ ଗ୍ରହଣ କରିପାରିନାହାନ୍ତି। ଉପଖଣ୍ଡ ବାର ଏସୋସିଏସନ୍ ସଭାପତି ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ଜରୁରୀ ବୈଠକରେ ସବଜେଲ ମିଶ୍ରଣ ନିଷ୍ପତିର ଯଥାର୍ଥତା ନଥିବା କହିବାସହିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ପୁନର୍ବିଚାର କରି ସ୍ଥଗିତ ରଖିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବାକୁ ସର୍ବସମ୍ମତ ମତ ପ୍ରକାଶ ପାଇଥିବା ସୂଚନା ଦେଇଛନ୍ତି।

## ଜାତୀୟ ବିଦ୍ୟୁତ ସୁରକ୍ଷା ସଚେତନତା ଅଭିଯାନ

**ଡେଲାଙ୍ଗ,୮।୭ (ସଂଚାର ବ୍ୟୁରୋ):** ସରକାରୀ ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ବିଦ୍ୟୁତ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିନା ମଙ୍ଗରାଜ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅତିଥି ରୂପେ ପୁରୀ ବିଦ୍ୟୁତ ବିଭାଗୀୟ ଯନ୍ତ୍ରୀ ଶ୍ରୀକାନ୍ତ ଦାସ, ସହକାରୀ ଯନ୍ତ୍ରୀ ସତ୍ୟଜିତ ନାଇଡୁ, ଡେଲାଙ୍ଗ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଅମରେନ୍ଦ୍ର ବେହେରା, ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଶିକ୍ଷାବିତ ସନ୍ତୋଷ କୁମାର ମହାନ୍ତି, ପ୍ରଶାନ୍ତ କୁମାର ବିଶ୍ୱାଳ, ବେରବୋଇ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ପ୍ରଭା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ର ଅଧକ୍ଷା ବିନୋଦିନୀ ମିଶ୍ର,ପ୍ରମୁଖ ଯୋଗଦେଇ ବନ୍ୟା, ବାତ୍ୟା, ବିଜୁଳି ଘଡଘଡି ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜକୁ କିପରି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଜୀବନ ରକ୍ଷା କରିବା କୌଶଳ ସମ୍ପର୍କରେ ଉପସ୍ଥିତ ଛାତ୍ରୀ ଓ ଅଭିଭାବକ ମାନଙ୍କୁ ସଚେତନତା କରାଇଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଝରଣା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକକାଳୀନ ତିନି ସନ୍ତାନ ପ୍ରସବ କଲେ କୁଟିଆ ମହିଳା

**ଫୁଲବାଣୀ,୮।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକର କୁଟିଆକନ୍ଧ ଅଂଚଳ ଭାବେ ପରିଚିତ ବେଲଘର ପଂଚାୟତ। ସେହି ପଂଚାୟତର ଜଣେ କୁଟିଆ ମହିଳା ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାଭାବିକ ଭାବରେ ଏକକାଳୀନ ତିନିଟି ସନ୍ତାନ ପ୍ରସବ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟି ଯାଇଛି।ସେ ହେଉଛନ୍ତି ଦେଉଗାଡ଼ା ଗ୍ରାମର କଂସ ମାଝିଙ୍କ ସ୍ତ୍ରୀ ରଂଜିତା ମାଝି (୨୬)। ଉଭୟ ମା ଓ ତିନି ଶିଶୁ ସୁସ୍ଥ ଥିବା ଜଣା ପଡ଼ିଛି।ମିଳିଥିବାସୂଚନା ଅନୁସାରେ ଗତରବିବାର ରଂଜିତା ଙ୍କ ପ୍ରସବ ବେଦନା ହେବାରୁ ସ୍ୱାମୀ କଂସ ଆମ୍ବୁଲାନ୍ସ ଯୋଗେ ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ପ୍ରସନ୍ନ କୁମାର ସୁନା ପ୍ରାଥମିକ ଚିକିତ୍ସା କରିବା ସମୟରେ ପ୍ରସବ ହୋଇଥିଲା। ସେହି ସମୟରେ ଡାକ୍ତର ସୁନା ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିବ୍ୟଜ୍ୟୋତି କରଙ୍କୁ ତୁରନ୍ତ ଜଣାଇଥିଲେ। ଏହାପରେ ଡାକ୍ତର କର ଫୋନ ମଧରେ



ଜଣେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ଜଣାଇବା ସହିତ ସହାୟତା କରିବା ପାଇଁ ଅନୁରୋଧ କରି ତାଙ୍କ ତତ୍ୱବାଧାନରେ ତିନିଟି ସନ୍ତାନ ପ୍ରସବ କରାଇବାରେ ସଫଳ ହୋଇଛନ୍ତି। ତେବେ ମା ଓ ଶିଶୁ ସୁରକ୍ଷିତ ଥିବା ଜଣାପଡିଛି। ଅଧିକ ଚିକିତ୍ସା ପାଇଁ ବେଲଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ତିନି ନବଜାତ ସନ୍ତାନ ସହ ମା' ରଂଜିତାଙ୍କୁ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଉପଖଣ୍ଡ ଚିକିତ୍ସାଳୟର ସ୍ୱତନ୍ତ୍ର ନବଜାତ ଶିଶୁକେନ୍ଦ୍ରରେ ମା ଓ ତିନି ଶିଶୁ ପୁତ୍ରଙ୍କୁ ରଖାଯାଇଛି। ତେବେ ଏହା ମହିଳାଙ୍କର ଚତୁର୍ଥ ପ୍ରସବ ହୋଇଥିବା ବେଳେ ଜଣେ ୮ ବର୍ଷର ପୁଅ ଓ ୪ ବର୍ଷର ଝିଅ ଥିବା କହିଛନ୍ତି ତିନି ନବଜାତ ଶିଶୁଙ୍କ ବାପା କଂସ ମାଝୀ। ବେଲଘର ଭଳି ଭିତର ଅଞ୍ଚଳରେ ଡାକ୍ତରଙ୍କ ସେବା ପାଇଁ ଅଞ୍ଚଳବାସୀ ଖୁସି ଥିବା ସହିତ ପ୍ରଶଂସା କରିଛନ୍ତି

# ଅଶୋକ ପରିଡ଼ାଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ

**ଫିରିଙ୍ଗିଆ,୮।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଜିଲାସ୍ତରୀୟ ୭୬ତମ ବନ ମହୋତ୍ସବ ଉପଲକ୍ଷେ ଫୁଲବାଣୀ ବନଖଣ୍ଡ ସମ୍ମିଳନୀ କକ୍ଷରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟପାଲୀଙ୍କ ଅଧକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଜଙ୍ଗଲ ସୁରକ୍ଷା, ବୃକ୍ଷ ରୋପଣ, ବୃକ୍ଷକୁ ବଞ୍ଚାଇବା, ପରିବେଶ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜୈବ ବିବିଧତା ରକ୍ଷା କରିବା, ଜଳ ପରିଚାଳନା, ଉତ୍ତାପ ବୃଦ୍ଧି, ମୃତ୍ତିକା ସଂରକ୍ଷଣ, ଜଳର ପୂନରଭରଣ ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କନ୍ଧମାଳ ଜିଲାର ସାମାଜିକ କର୍ମୀ ତଥା ପରିବେଶ ପ୍ରେମୀ ଅଶୋକ ପରିଡାଙ୍କୁ ଅତିଥିମାନେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ମାନିତତ କରିଥିଲେ। ଅଶୋକ ପରିଡା ୧୯୯୨ମସିହାରୁ ଜିଲ୍ଲା ପରିବେଶ ସମିତି ଆନୁକୁଲ୍ୟରେ



ଅବିଭକ୍ତ ବୌଦ୍ଧ ଫୁଲବାଣୀ ଜିଲାରେ ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ସଚେତନତା ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛନ୍ତି। ୭୬ତମ ବନ ମହୋତ୍ସବ ପାଳନ ଅବସରରେ ସକାଳୁ କେନ୍ଦ୍ରୀୟ ବିଦ୍ୟାଳୟ ପାର୍କ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା ।

ଏହି ଅବସରରେ ବାଲିଗୁଡା କଲେଜର ଅଧାପକ ବିଭୁତି ଭୂଷଣ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବ୍ଲକର ୮ଜଣଙ୍କୁ ପ୍ରକୃତି ବନ୍ଧୁ ଓ ସୁତ୍ରୁକୁମ୍ପା ନୂଆସାହି ବନ ସଂରକ୍ଷଣ ସମିତିକୁ ବିଜୁ ପଟନାୟକ ବନ ପୁରସ୍କାର ପ୍ରଦାନ କରାଯାଇଥିଲା। ଫୁଲବାଣୀ ବନଖଣ୍ଡର ସମସ୍ତ ବନପାଳ ଓ ଫରେଷ୍ଟରମାନେ ଯୋଗଦାନ କରିଥିବା ବେଳେ ଫୁଲବାଣୀ ଏସିଏଫ ଶ୍ୱେତଲିନା ସାହୁ ସଂଯୋଜନା କରିଥିଲେ। ବହୁ ଛାତ୍ରଛାତ୍ରୀ ଓ ବନସଂରକ୍ଷଣ ସମିତି ସଦସ୍ୟ ପାହାଡର କର୍ମକର୍ତ୍ତା ଯୋଗଦାନ କରିଥିଲେ ।

### ୭୬ତମ ବନ ମହୋତ୍ସବ ପାଳିତ

## ଗଛ ଲଗାଇ ଯତ୍ନ ନେବାକୁ ପରାମର୍ଶ

**କାକଟପୁର/ଅସ୍ତରଙ୍ଗ,୮।୭ (ସଂଚାର ବ୍ୟୁରୋ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ପକ୍ଷରୁ ପୁରୀ ବନଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ବିଭିନ୍ନ ସ୍ଥାନରେ ୭୬ତମ ବନ ମହୋତ୍ସବ ୧ତାରିଖରୁ ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ପାଳନର ଲକ୍ଷ୍ୟ ରଖାଯାଇଥିଲା।ଏହିଅବସରରେଶେଷଦିନରେଅସ୍ତରଙ୍ଗବନ୍ୟପ୍ରାଣୀବନାଞ୍ଚଳ ପକ୍ଷରୁ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପାଳନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷାରେ ଅନିୟମିତତା, ବର୍ଷା ଦିନରେ ଗରମ ଅନୁଭୂତ ହେବା, ଶୀତ ଋତୁରେ ଥଣ୍ଡା ହ୍ରାସ ହେବା, ତାପମାତ୍ରା ବୃଦ୍ଧି ଯୋଗୁଁ ସାମୁଦ୍ରିକ ବାତ୍ୟା ପରି ପରିବେଶରେ




ବିଭିନ୍ନ ଅପ୍ରାକୃତିକ ସମସ୍ୟା ସୃଷ୍ଟି ହୁଏ। ତେଣୁ ବୃକ୍ଷରୋପଣ ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ଏବଂ ଆମ ପରିବେଶ ସୁରକ୍ଷିତ ରହିପାରିବ। ପରିବେଶ ସୁରକ୍ଷିତ ରହିଲେ ମଣିଷ ସମାଜ ସୁରକ୍ଷିତ ରହିବ ବୋଲି ବନାଞ୍ଚଳ ଅଧିକାରୀ ବକ୍ତବ୍ୟ ରଖିଥିଲେ। ବେଳାଭୂମି ଉଚ୍ଚ ବିଦ୍ୟାଳୟ ପରିସରରେ ଅତିଥି ଭାବେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଛାତ୍ର, ଛାତ୍ରୀ ମାନଙ୍କୁ ବନ ବିଭାଗ କର୍ମଚାରୀ ଗଛ ଲଗାଇ ତାକୁ ଯତ୍ନ ନେଇ ସମାଜରେ ପ୍ରେରଣାଦାୟୀ ହେବାକୁ ପରାମର୍ଶ ଦେଇଥିଲେ।

## ଚାରାରୋପଣ କାର୍ଯ୍ୟକ୍ରମ



**ଡେଲାଙ୍ଗ,୮।୭ (ସଂଚାର ବ୍ୟୁରୋ):** ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଗୋଦାସାହି ପ୍ରାଥମିକ ବିଦ୍ୟାଳୟରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ସହାୟତାରେ ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ୫୦ରୁ ଉର୍ଦ୍ଧ୍ୱ ବୃକ୍ଷ ବିଦ୍ୟାଳୟ ପ୍ରାଙ୍ଗଣରେ ଚାରା ବୃକ୍ଷ ରୋପଣ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବୃକ୍ଷ ରୋପଣ କରିବା ସହିତ ବୃକ୍ଷର ଯତ୍ନ ନେବା ପାଇଁ ଶପଥ ପାଠ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବୃକ୍ଷ ଉପରେ କବିତା ଆବୃତ୍ତି କରି ଶୁଣାଇ ଥିଲେ। ଶିକ୍ଷକ ଗୋପାଳ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବ୍ୟବସ୍ଥା ଘେରରେ ଟାଙ୍ଗଣକଣା ପ୍ରାଥମିକ ବିଦ୍ୟାଳୟ

**ଛାତରୁ ଗଳୁଛି ବର୍ଷା ପାଣି**

**ଗୋଟିଏ କୋଠରିରେ ବସି ପଢୁଛନ୍ତି ୫ଟି ଶ୍ରେଣୀର ଛାତ୍ରଛାତ୍ରୀ**

**ମରାମତି ନକଲେ ପିଲାଙ୍କୁ ସ୍କୁଲ ଛାଡ଼ିବୁନି: ଅଭିଭାବକ**

**ଲାଞ୍ଜିଗଡ,୮।୭ (ସଂଚାର ବ୍ୟୁରୋ):** ସରକାର ଶିକ୍ଷାକୁ ଗୁରୁତ୍ୱ ଦେଇ ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକ ଅଞ୍ଚଳରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳିଛି। ଅଞ୍ଚଳରେ ଥିବା ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡିକ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ୮୦ ପ୍ରତିଶତ ବିଦ୍ୟାଳୟରେ ପାଣି ଗଳୁଛି। ଏହା ବ୍ୟତୀତ ବହୁ ସ୍କୁଲରେ ଆବଶ୍ୟକ ଶ୍ରେଣୀଗୃହ ନଥିବାରୁ ଛାତ୍ରଛାତ୍ରୀ ବହୁ ଅସୁବିଧା ଭୋଗୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି




ଜିଲ୍ଲା ଲାଞ୍ଜିଗଡ ବ୍ଲକ ଟାଙ୍ଗଣକଣା ପ୍ରାଥମିକ ବିଦ୍ୟାଳୟରେ।

ସୂଚନାନୁସାରେ ୨୦ ଏପ୍ରିଲ ୨୦୦୭ ମସିହାରେ ଟାଙ୍ଗଣକଣା ବିଦ୍ୟାଳୟ ସ୍ଥାପନ ହୋଇଥିବାବେଳେ ବର୍ତ୍ତମାନ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷା ଦାନ ପାଇଁ ୨ଜଣ ଶିକ୍ଷକ ଅଛନ୍ତି। ୫ ଶ୍ରେଣୀ ପିଲାଙ୍କ ପାଇଁ ମାତ୍ର ୨ଟି କୋଠରି ରହିଥିବା ବେଳେ ଗୋଟିଏ ଛୋଟିଆ ଅଫିସ କୋଠରୀ ରହିଛି। ଛାତ୍ରଛାତ୍ରୀ ପଢୁଥିବା ଏହି ୨ଟି କୋଠରୀ ଓ ଅଫିସ କୋଠରୀରେ ବର୍ଷା ପାଣି ଗଳୁଥିବା ଯୋଗୁଁ ଛାତ୍ରଛାତ୍ରୀମାନେ ଗୋଟିଏ କୋଠରୀର କୋଣରେ ବସି ବହୁ ଅସୁବିଧାର ସମ୍ମୁଖୀନ ହୋଇ ପାଠ ପଢ଼ିବା ଦୃଶ୍ୟ ଦେଖିବାକୁ ମିଳିଛି।

ବର୍ଷ ବର୍ଷ ଧରି ସ୍କୁଲର ସମସ୍ୟା ନେଇ ବ୍ଲକ ଶିକ୍ଷା ବିଭାଗ, ଗ୍ରାମପଞ୍ଚାୟତ ସରପଞ୍ଚ, ବ୍ଲକ ବିଡ଼ିଓଙ୍କ ଆଗରେ ବହୁବାର ଅଭିଯୋଗ କରିବା ପରେ ଗତ ୨୦୨୪ ଜୁନ ମାସରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ଉକ୍ତ ସ୍କୁଲକୁ ଆସି ତଦନ୍ତ କରି ସ୍କୁଲର ଅବସ୍ଥା ଦେଖି ଅତିଶୀଘ୍ର ଏହାର ପୁନରୁଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଆଜିଯାଏଁ କୌଣସି ପଦକ୍ଷେପ ନିଆଯାଇନାହିଁ। ବ୍ଲକ ଓ ପଞ୍ଚାୟତର ଖାମଖିଆଲି ମନୋଭାବ ଓ ଚରମ ଅବହେଳା ଯୋଗୁଁ ଆଜି ସ୍କୁଲର ଏଭଳି ସମସ୍ୟା ଦେଖା ଦେଇଛି ବୋଲି ସ୍କୁଲ କମିଟି ଓ ଅଭିଭାବକ ମାନେ ପ୍ରକାଶ କରିଛନ୍ତି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ମୁଣ୍ଡ ଉପରେ ବିପଦ ଝୁଲିକି ରହିଥିବା ଯୋଗୁଁ ସ୍କୁଲ ମରାମତି କର ନଚେତ ପିଲାଙ୍କୁ ସ୍କୁଲ ଛାଡିବୁ ନାହିଁ ବୋଲି ଅଭିଭାବକ ମାନେ ଚେତାବନୀ ଦେଇଛନ୍ତି। ସେହିପରି ସ୍କୁଲରେ ରୋଷେଇ ଘରଟିଏ ମଧ୍ୟ ନାହିଁ। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।





# ସୈୟାରାରେ ଅନନ୍ୟାଙ୍କ ଭାଇ

ଏବେ ବଲିଉଡ୍‌ରେ ବହୁ ନବାଗତ ଅଭିନୟ ଜୀବନ ଆରମ୍ଭ କରୁଥିବା ଦେଖାଯାଇଛି। ବର୍ତ୍ତମାନ ସବୁଠୁ ଚର୍ଚ୍ଚାରେ ଅଛନ୍ତି ଆହାନ୍ ପାଣ୍ଡେ। ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ଦାଦାପୁଅ ଭାଇ ଆହାନ୍ ୨୭ବର୍ଷ ବୟସରେ ବଲିଉଡ୍ ଡେବ୍ୟୁ କରୁଛନ୍ତି। ତାଙ୍କର ପ୍ରଥମ ଫିଲ୍ମର ଟିଜର୍ ଓ ଗୀତ ଦର୍ଶକଙ୍କୁ ପସନ୍ଦ ଆସିଛି। ଆହାନ୍‌ଙ୍କ ଅଭିନୀତ ଗୀତ ଏବେ ଟ୍ରେଣ୍ଡ୍ କରୁଥିବା ବେଳେ ସେ ପ୍ରଥମ ଫିଲ୍ମରୁ ହିଁ ଦର୍ଶକଙ୍କୁ ପ୍ରଭାବିତ କରିଛନ୍ତି। ଯଶ ରାଜ୍ ଫିଲ୍ମସ୍ ଦ୍ୱାରା ପ୍ରଯୋଜିତ 'ସୈୟାରା'ରେ ଡେବ୍ୟୁ କରୁଥିବା ଆହାନ୍‌ଙ୍କ ବିପକ୍ଷରେ ନାୟିକା ଭାବରେ ଅନୀତ ପଡ୍ଡାଙ୍କୁ ଦେଖିବାକୁ ମିଳିବ। ସେ ଶେଷଥର ପାଇଁ 'ବିଗ୍ ଗାର୍ଲ୍‌ସ ଡୋଣ୍ଟ୍ କ୍ରାଏ'ରେ ନଜର ଆସିଥିଲେ। ଏହି ରୋମାଣ୍ଟିକ୍ ଲଭ୍ ଷ୍ଟୋରିର ନିର୍ଦ୍ଦେଶନା ଦେଇଛନ୍ତି ଜଣାଶୁଣା ନିର୍ଦ୍ଦେଶକ ମୋହିତ ସୁରୀ। ଫିଲ୍ମର ଟିଜର୍ ଓ ଗୀତ ଖୁବ୍ ଭାଇରାଲ୍ ଓ ଲୋକପ୍ରିୟ ହୋଇଥିବା ବେଳେ ଫିଲ୍ମଟି ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବ ବୋଲି ନିର୍ମାତା ଆଶା ରଖିଛନ୍ତି। 'ସୈୟାରା' ଜୁଲାଇ ୧୮ରେ ରିଲିଜ୍ ହେବ ବୋଲି ଜଣାଯାଇଛି। ୧୯୯୭ ଡିସେମ୍ବର ୨୩ରେ ମୁମ୍ବାଇରେ ଜନ୍ମିତ ଆହାନ୍ ଅଭିନୟ ଜୀବନ ଆରମ୍ଭ ପୂର୍ବରୁ ସହ-ନିର୍ଦ୍ଦେଶକ ଭାବେ ଅନେକ ବଲିଉଡ୍ ଫିଲ୍ମରେ କାମ କରି ଅଭିଜ୍ଞତା ସାଉଁଟିଛନ୍ତି।



# ପ୍ରଥମ ଥର ସାୟଲ୍‌ଙ୍କ ସହ ସ୍ୱରାଜ



ପ୍ରଥମଥର ପାଇଁ ଏକାଠି ନଜର ଆସିବେ ଓଲିଉଡ୍‌ର ଦୁଇ ଜଣାଶୁଣା ନାୟକ ଓ ନାୟିକା। ଏ ଦୁହେଁ ହେଲେ ସ୍ୱରାଜ ଓ ସାୟଲ୍। ଏହି ଯୋଡ଼ି ଯେଉଁ ନୂଆ ସିନେମାରେ ନଜର ଆସିବେ, ଏଯାଏ ତା'ର ନାମକରଣ ଚୂଡ଼ାନ୍ତ ହୋଇନାହିଁ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହାର ନିର୍ଦ୍ଦେଶନା ଦେଉଛନ୍ତି 'ପ୍ରସ୍ଥାନମ୍', 'ଦଶମ' ଓ 'ଘମାଘୋଟ୍' ପରି ସିନେମାର ନିର୍ଦ୍ଦେଶକ ରାଜା. ଡି। ରାଜା ମଧ୍ୟ ପ୍ରଥମଥର ନିଜ ସିନେମାରେ ସ୍ୱରାଜ ଓ ସାୟଲ୍‌ଙ୍କୁ ନେଇଛନ୍ତି। ଅମିତ କୁମାର ଦାଶ ଓ ପ୍ରଣବପ୍ରସନ୍ନ ରଥ ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି। ଗୌରବ ଆନନ୍ଦ ଓ ଅନୁରାଗ ପଟ୍ଟନାୟକ ଏଥିରେ ସ୍ୱର ସଂଯୋଜନା ଦାୟିତ୍ୱ ଗ୍ରହଣ କରିଛନ୍ତି।
ଏହାର ଅନ୍ୟାନ୍ୟ କଳାକାର ଚୟନ ଚାଲିଛି। ଜୀ-ସାର୍ଥକ ଓ ଆଓ ନେକ୍ସଟ୍ ଦ୍ୱାରା ପ୍ରଯୋଜିତ ଏହି ସିନେମାର ସୁଟିଂ ଚଳିତ ମାସରେ ଆରମ୍ଭ ହେବ। ସ୍ୱରାଜ ଆଗରୁ ଭୂମିକା, ଶିବାନୀ, ସନ୍‌ମୀରା, ଶୀତଲ୍, ଏଲିନା ଓ ଲକି ମନୀଷାଙ୍କ ପରି ନାୟିକାଙ୍କ ବିପକ୍ଷରେ ନାୟକ ସାଜିଛନ୍ତି।
ତେଣେ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ 'ଚାଲ୍ ଟିକେ ଦୁଷ୍ଟ ହେବା' ଜରିଆରେ ନାୟିକା ଭାବେ ସାୟଲ୍ ଓଲିଉଡ୍‌ରେ ପଦାର୍ପଣ କରିଥିଲେ। ଏହାପରେ ସେ ମନମ୍ୟୁଜିୟମ୍ ଭଳି ସିନେମା ଏବଂ 'ରସଗୋଲା କାହାର' ଓ 'ଡ୍ୟାନ୍ସିଂ ଷ୍ଟାର୍' ଭଳି ଟେଲିସିନେମାରେ ନଜର ଆସିଥିଲେ। ତେବେ ଶୈଳେନ୍ଦ୍ରଙ୍କ ସହ ତାଙ୍କର ମ୍ୟୁଜିକ୍ ଭିଡିଓ 'ମହୁଆପାଣି' ସାୟଲ୍‌ଙ୍କୁ ସବୁଠାରୁ ଅଧିକ ଚର୍ଚ୍ଚିତ କରିଛି।

# 'ବୋଉ ବୁଟୁ ଭୂତ' ପରେ 'ଅନ୍ତର୍ଯ୍ୟାମୀ'



'ବୋଉ ବୁଟୁ ଭୂତ' ପରେ ଓଲିଉଡ୍‌ର ଲୋକପ୍ରିୟ ନାୟକ ବାବୁସାନ୍‌ଙ୍କର ଆଗାମୀ ଓଡ଼ିଆ ସିନେମା 'ଅନ୍ତର୍ଯ୍ୟାମୀ' ପରଦାକୁ ଆସିବ ବୋଲି ସୂଚନା ମିଳିଛି। ଏହା ଓଡ଼ିଆ ଛଡ଼ା ତେଲୁଗୁ, ତାମିଲ, ମଲୟାଲମ୍ ଓ କନ୍ନଡ଼ ଆଦି ଛ'ଟି ଭାଷାରେ ବି ରିଲିଜ୍ ହେବ। ଫିଲ୍ମର ଅବଶିଷ୍ଟ ଅଂଶର ସୁଟିଂ ଖୁବ୍ ଶୀଘ୍ର ଶେଷହେବ। ଏହାର ପ୍ରଯୋଜନା କରିଛନ୍ତି ଅମିତ ନିଷାଦ ଓ ଅଭିରାମ। ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ଓ ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ନବାଗତ ଶିବ ସତ୍ୟମ୍। ଜି ଜେ କାର୍ତ୍ତିକେୟନ୍ ଏହାର ସଙ୍ଗୀତକାର। 'ଅନ୍ତର୍ଯ୍ୟାମୀ'ରେ ବାବୁସାନ୍‌ଙ୍କ ବିପକ୍ଷରେ ଦର୍ଶକ ଦକ୍ଷିଣୀ ସିନେମାର ଲୋକପ୍ରିୟ ନାୟିକା ବେଦିକାଙ୍କୁ ଦେଖିବାକୁ ପାଇବେ। ବେଦିକା ୨୦୦୬ରେ ମୁକ୍ତିଲାଭ କରିଥିବା ତାମିଲ ଛବି 'ମାଦ୍ରାସୀ'ରୁ କ୍ୟାରିୟର୍ ଆରମ୍ଭ କରିଥିଲେ। ଏହାପରେ ସେ ବେଶ୍ କେତୋଟି ତେଲୁଗୁ, ତାମିଲ ଓ କନ୍ନଡ଼ ସିନେମାରେ ଅଭିନୟ କରି ଦକ୍ଷିଣ ଭାରତର ଜଣେ ଜଣାଶୁଣା ନାୟିକା ବନିଛନ୍ତି। ଏତଦ୍‌ବ୍ୟତୀତ 'ଅନ୍ତର୍ଯ୍ୟାମୀ'ରେ ଶ୍ରୀତମ ଦାସ ଓ ତେଲୁଗୁ ସିନେଇଣ୍ଡଷ୍ଟ୍ରିର କଳାକାର ଇନ୍ଦ୍ରଜା, କସ୍ତୁରୀ ଶଙ୍କରଙ୍କୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ବାବୁସାନ୍‌ଙ୍କୁ ଭିନ୍ନ ଧରଣର ଭୂମିକାରେ ଦେଖିବାକୁ ପାଇବେ ଦର୍ଶକ। ଏହା ଏକ ଆକ୍ସନ୍ ପ୍ୟାକ୍ଡ୍ ମୁଭି ହୋଇଥିବା ହେତୁ ଏଥିରେ 'ଦମନ', 'ପାବାର' ଓ 'ବୋଉ ବୁଟୁ ଭୂତ' ପରେ ପୁଣି ଭିନ୍ନ ଅବତାରରେ ଆସିବେ ବାବୁସାନ୍। 'ଅନ୍ତର୍ଯ୍ୟାମୀ'କୁ ଆଗାମୀ ଦଶହରା ଅବସରରେ ରିଲିଜ୍ କରିବାର ଲକ୍ଷ୍ୟ ରଖିଛି ପ୍ରଯୋଜନା ସଂସ୍ଥା।



## ହାଲ୍‌ଚାଲ୍

- ବବି ମିଶ୍ର ଓ ରାଲି ନନ୍ଦ ଅଭିନୀତ 'ପୁଣି ଦେଖା ହେବ ଆର ଜନମରେ'ର ନିର୍ଦ୍ଦେଶକ ବେଶ୍ କିଛି ବର୍ଷର ବ୍ୟବଧାନରେ ଆଉ ଏକ ଓଡ଼ିଆ ଛବି ନିର୍ମାଣ କରିବାକୁ ଯାଉଛନ୍ତି। ବିକାଶ ଦାସ ଏହାର ସଙ୍ଗୀତକାର। ଇତିମଧ୍ୟରେ ଏହାର ଗୀତ ରେକର୍ଡିଂ ଶେଷ ହୋଇଥିବା ଜଣାଯାଇଛି। ସିନେମାର କଳାକାର ଚୟନ ଚାଲିଛି। ଖୁବ୍ ଶୀଘ୍ର ଏହା ଫ୍ଲୋର୍‌କୁ ଯିବ।
- ଜଣାଶୁଣା ନିର୍ଦ୍ଦେଶକ ଦିଲୀପ ପଣ୍ଡା 'ସରକାର' ଶୀର୍ଷକରେ ଆଉ ଏକ ଓଡ଼ିଆ ଛବିର ନିର୍ଦ୍ଦେଶନା ଦେବେ। ଏହାର ସଂଳାପ ଲେଖୁଛନ୍ତି 'ବାପା ସୁପରମ୍ୟାନ୍' ଓ 'ଆଇ ଲଭ୍ ୟୁ ୨' ଫେମ୍ ପ୍ରିୟବ୍ରତ ପଣ୍ଡା।
- ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ ଏବେ 'କଟକ ଶେଷରୁ ଆରମ୍ଭ ୨' କାମରେ ବ୍ୟସ୍ତ ଥିବା ହେତୁ ତାଙ୍କର ଅନ୍ୟ ଏକ ସିନେମା 'ନାୟିକା' ଫ୍ଲୋର୍‌କୁ ଯିବାରେ ବିଳମ୍ବ ହେବ ବୋଲି ଜଣାଯାଇଛି।





# ରମେଶ-ରମାଙ୍କ ପ୍ରେମ କାହାଣୀ

ରମେଶ ଓ ରମା ପିଲାଟି ଦିନରୁ ପରସ୍ପରକୁ ଭଲପାଆନ୍ତି। ବଡ଼ ହେବା ପରେ ଦୁହେଁ ବାହାହେବା ଲାଗି ନିଷ୍ପତ୍ତି ନିଅନ୍ତି। ସମୟକ୍ରମେ ରମେଶ ରାଜସ୍ୱ ବିଭାଗର ଜଣେ ପଦସ୍ଥ ଅଧିକାରୀ ଭାବେ ନିଯୁକ୍ତ ହୁଏ। ଏଣେ ରମା ଏକ ଡାକ୍ତରଖାନାରେ କାର୍ଯ୍ୟ କରେ। କିନ୍ତୁ କୌଣସି କାରଣରୁ ରମେଶ ଓ ରମା ବିବାହ ବନ୍ଧନରେ ବାନ୍ଧି ହୋଇପାରନ୍ତି ନାହିଁ। ଏ କ୍ଷେତ୍ରରେ ପ୍ରତିବନ୍ଧକ ଉପୁଜେ। କ'ଣ ଏହି ପ୍ରତିବନ୍ଧକ? କାହିଁକି ପିଲାଦିନର ପ୍ରେମୀଯୁଗଳ ଏକାଠି ହୋଇପାରନ୍ତି ନାହିଁ? ଶେଷରେ ଦୁହେଁ ଅବିବାହିତ ରହିଯାଆନ୍ତି। ଏଭଳି ଏକ ଭିନ୍ନ ସ୍ୱାଦର କାହାଣୀ ଆଧାରରେ ନିର୍ମାଣ ହେଉଛି ଓଡ଼ିଆ ଚଳଚ୍ଚିତ୍ର 'ସାର୍'। ଏଥିରେ ରମେଶ ଭୂମିକାରେ ଅଭିନୟ କରିଛନ୍ତି 'ଏସିପି ସାଗରିକା', 'କେହି ନୁହେଁ କାହାର', 'ଚୁପ୍ ଚୁପ୍ ଚୋରି ଚୋରି', 'କଥା ଦେଲି ମଥା ଛୁଇଁ', 'କଟି ପତଙ୍ଗ' ଓ 'ମାମା ୱେଡ୍‌ସ୍ ପାପା' ଆଦି ଓଡ଼ିଆ ସିନେମାର ନାୟକ ଅଭିଷେକ ରଥ। ତେଣେ ରମା ଭୂମିକା ନିଭାଇଛନ୍ତି ଅର୍ଲିନ୍ ଅଙ୍କିତା, ଯାହାଙ୍କୁ ଦର୍ଶକ ଇତିମଧ୍ୟରେ 'ମାୟାବୀ', 'ସନାତନୀ' ଓ 'ରାକେଟ୍' ଆଦି ଓଡ଼ିଆ ଛବିରେ ଦେଖି ସାରିଛନ୍ତି। ଦର୍ଶକ ପ୍ରଥମଥର ଲାଗି ଅଭିଷେକ-ଅର୍ଲିନ୍ ଅଙ୍କିତା ଯୋଡ଼ିଙ୍କୁ ବଡ଼ ପରଦାରେ ଦେଖିବାକୁ ପାଇବେ। ଅଭିଜ୍ଞ କେଶବ ମଲ୍ଲିକ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଥିବା ବେଳେ 'ଗଙ୍ଗଶିଉଳି' ଫେମ୍ ଡକ୍ଟର କମଳଲୋଚନ ସାହୁ କାହାଣୀକାର, ସଂଳାପ ଲେଖକ ଓ ପ୍ରଯୋଜକ।



**କ୍ୟାରିୟର୍ ପ୍ରାରମ୍ଭରେ ଜଣେ ଫିଲ୍ମ ଏଡିଟର୍, କାହାଣୀକାର ଓ ନୃତ୍ୟ ନିର୍ଦ୍ଦେଶକ ଭାବେ ସିନେଶିଳ୍ପ ସହ ଯୋଡ଼ି ହୋଇଥିଲେ ସେ। ସଂପ୍ରତି ଓଲିଉଡ୍‌ର ଜଣେ ସଫଳ ନିର୍ଦ୍ଦେଶକ ଭାବେ ଅନେକ ଭଲ ଭଲ ଛବି ଦର୍ଶକଙ୍କୁ ଉପହାର ଦେଇଛନ୍ତି। 'ଆ ଜନ୍ମରେ ଲେଖିବା ନାଁ'ରୁ ନିର୍ଦ୍ଦେଶନା ଯାତ୍ରା ଆରମ୍ଭ କରିବା ପରେ ଆଉ ପଛକୁ ଫେରିନାହାନ୍ତି ସେ। ନିକଟରେ ତାଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ପାଦେ ଆକାଶ' ମୁକ୍ତିଲାଭ କରିଥିବା ବେଳେ ରିଲିଜ୍ ଅପେକ୍ଷାରେ ରହିଛି 'ଛିରେ ନନୀ ଛି'। ପିଲାଦିନର ଏକ ଅଭୁଲା ସ୍ମୃତିକୁ ଆମ ସହ ବାଣ୍ଟିଛନ୍ତି ସିନେ-ନିର୍ଦ୍ଦେଶକ ସୁଶାନ୍ତ ମଣି।**

# ଏବେ ବି ଭୁଲିପାରୁନି ଦୂରରୁ ଦିଶୁଥିବା ସେ ଧାରେ ଆଲୁଅକୁ

"ମୁଁ ୪ ବର୍ଷର ହୋଇଥିବା ବେଳେ ଏକ ଦୁର୍ଘଟଣାରେ ବାପା ଚାଲିଗଲେ। ମୁଁ ଓ ମୋର ୩ ଭାଇ କୋରାପୁଟରୁ ମାମୁଘର କଟକ ପଳାଇ ଆସିଲୁ। ଆମେ ଆସିବାର ମାସକ ପରେ ମୋର ଆଉ ଜଣେ ସାନଭାଇ ଜନ୍ମହେଲା। ମାଆ ଜୟପୁରରେ ଶିକ୍ଷୟିତ୍ରୀ ଥାଆନ୍ତି। ସେ ତାଙ୍କ ପାଖରେ ନବଜନ୍ମିତ ସାନଭାଇକୁ ରଖିଲେ ଓ ଆମେ ୩ଭାଇ ଅଜାଙ୍କ ଘରେ କଟକରେ ରହିଲୁ। ପ୍ରତ୍ୟେକ ଖରାଛୁଟି ଓ ପୂଜାଛୁଟିରେ ମାଆ କଟକ ଆସନ୍ତି। ଆମେ ସମସ୍ତେ ଆଗରୁ ଜାଣିଥାଉ ଯେ ମାଆ ଆସିବେ ବୋଲି। ମାଆଙ୍କ ଆସିବାର ୨-୩ ଦିନ ପୂର୍ବରୁ ମୋତେ ଆଉ ନିଦ ହୁଏନି। ସବୁବେଳେ ମନରେ ସେଇ ଗୋଟାଏ କଥା, ମାଆ ଆଉ କେତେ ସମୟ ପରେ ଆସିବେ! ଯେଉଁଦିନ ମାଆ ଆସନ୍ତି ଆମେ ସମସ୍ତେ ତାଙ୍କୁ ଆଣିବା ପାଇଁ ମାମୁଙ୍କ ସଙ୍ଗରେ ଷ୍ଟେସନ୍ ଯାଉ। ମୁଁ ପ୍ଲାଟ୍‌ଫର୍ମରେ ଅପେକ୍ଷା କରିଥାଏ କେତେବେଳେ ମା'ଙ୍କ ଟ୍ରେନ୍ ଲାଗିବ। ବହୁ ଦୂରରୁ ଗୋଟାଏ ଆଲୋକ ଦିଶେ। ସେଇ ଧାରେ ଆଲୁଅ ଦେଖିଦେଲେ ମୋ ମନରେ ଶିହରଣ ଖେଳିଯାଏ। ଧୀରେ ଧୀରେ ଟ୍ରେନ୍‌ର ସେ ଲାଇଟ୍ ପାଖକୁ ପାଖକୁ ଆସେ। ସେଇ



ମୁହୂର୍ତ୍ତରେ ମନ ଭିତରେ ଯେଉଁ ଉଦ୍‌ବେଳନ ହୁଏ, ତାହା ଭାଷାରେ ବର୍ଣ୍ଣନା କରି ହେବନି। ମାଆ ଆସି ଓହ୍ଲେଇ ପଡ଼ନ୍ତି। ମୁଁ ଦୌଡ଼ିଯାଇ କେବେ କୁଣ୍ଢେଇ ପକେଇନି ସତ, ହେଲେ ତାଙ୍କୁ ଦେଖି ଦେବା ମାତ୍ରକେ ମୋ ମନ ଆନନ୍ଦରେ ଭରିଯାଏ। ମାଆ ଯେଉଁ ୭-୮ ଦିନ ରହନ୍ତି ମୁଁ ତାଙ୍କ ପାଖ ଛାଡ଼େନି। ତାଙ୍କ ଚାରିପାଖରେ ଘୂରିବୁଲୁଥାଏ। ହେଲେ ଯେଉଁଦିନ ତାଙ୍କ ଫେରିଯିବା କଥା ଉଠେ, ମୋ ଦେହରୁ ଯେମିତି ଜୀବନ ଚାଲିଯାଏ। ମୁଁ ବିବ୍ରତ ହୋଇଉଠେ। ମୋତେ ସମସ୍ତେ ବହୁତ ବୁଝାନ୍ତି। ହେଲେ ମୋ ମନ ଜମା ବୁଝେନି। ଯେମିତି ମାଆଙ୍କୁ ଆଣିବା ପାଇଁ ଷ୍ଟେସନ୍ ଯାଇଥାଏ, ସେମିତି ତାଙ୍କୁ ଛାଡ଼ିବା ପାଇଁ ବି ଷ୍ଟେସନ୍ ଯାଏ। ପ୍ଲାଟ୍‌ଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରେ। ପୁଣି ଦୂରରୁ ଏକ ଆଲୋକ ଦିଶେ। ଏ ଆଲୋକ କିନ୍ତୁ ସେ ଆଲୋକ ପରି ହୋଇ ନଥାଏ। ସେ ଆଲୋକ ଦେଖି ଖୁସିରେ ଦେହରେ ଶିହରଣ ଖେଳେ ସିନା, ଏ ଆଲୋକ କିନ୍ତୁ ଛାତିରୁ ଅତଡ଼ା ଖସାଇଦିଏ। ଟ୍ରେନ୍ ଆସି ପ୍ଲାଟ୍‌ଫର୍ମରେ ଲାଗେ। ମାଆ ଟ୍ରେନ୍‌ରେ ବସନ୍ତି। ନିଜିଷପତ୍ର ଟ୍ରେନ୍‌କୁ ଉଠିବା ଭିତରେ ମୁଁ ଯାଇ ଡବା ଭିତରେ ତାଙ୍କ ପାଖରେ ବସି ଯାଇଥାଏ। ଟ୍ରେନ୍ ଛାଡ଼ିବା ସମୟ ହେଉଥିଲେ ବି ମୁଁ ଜମାରୁ ସେଠୁ ଉଠେନି। ମୋତେ ଯେତେ ବି ଟଣାଓଟରା କରନ୍ତି, ମୁଁ କିନ୍ତୁ ଟ୍ରେନ୍‌ର ରେଲିଂ ଛାଡ଼େନି। ଶେଷରେ ମୋତେ ଟ୍ରେନ୍‌ରୁ ଟେକି ଟେକି ବାହାରକୁ ନେଇ ଆସନ୍ତି। ମୋ ମାଆ ବସିଥିବା ଟ୍ରେନ୍‌ଟି ଧୀରେ ଧୀରେ ମୋ ଆଖି ସାମ୍ନାରୁ ଉଭେଇଯାଏ। ଇଏ ପଚାଶ ବର୍ଷ ତଳର କଥା। ଇତିମଧ୍ୟରେ ମୋ ମା'ଙ୍କର ଦେହାନ୍ତ ବି ହୋଇଗଲାଣି। ହେଲେ ଆଜି ଏ ସ୍ମୃତି ମୋ ଆଖି ଆଗରେ ଏମିତି ଝଲସୁଛି; ଯେମିତି ଗତକାଲି ଘଟିଛି।"



## ନୂତନ ଅଫିସ ସହ ଭିତ୍ତିଭୂମିରେ ଆସିବ ସୁଧାର

# ଟିପିଏସ୍ଓଡିଏଲ୍‌ର ଉନ୍ନତିକରଣ ଜାରି

- ନବରଙ୍ଗପୁର, ମାଲକାନଗିରି ଏବଂ କୋରାପୁଟରେ ନୂତନ ଅଫିସ ବିଲ୍ଡିଂ ଉଦଘାଟିତ
- ଉନ୍ନତ ଭିତ୍ତିଭୂମି ଓ ବିଲିଂ କାଉଣ୍ଟର ସହ ସମନ୍ୱିତ ସୁବିଧା
- ଉପଭୋକ୍ତାଙ୍କ ସୁବିଧା ଓ ସଷ୍ଟେନେବିଲିଟି ଉପରେ ଗୁରୁତ୍ୱ



**ବ୍ରହ୍ମପୁର,୮।୭(ସଂଚାର ବ୍ୟୁରୋ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ନୂତନ ଅଫିସ ସ୍ଥାପନ ହେବା ସହ ବିଦ୍ୟୁତ ବିତରଣ ନେଟୱର୍କ ଏବଂ ଉପଭୋକ୍ତା ସେବା ଆହୁରି ସୁଦୃଢ଼ ହୋଇଛି। ଭିତ୍ତିଭୂମି ବିକାଶ ଦିଗରେ କମ୍ପାନୀର ମିଶନକୁ ସାକାର କରିବାରେ ଏହି ଅତ୍ୟାଧୁନିକ ଅଫିସ ସହାୟକ ହେବ ଏବଂ ଗ୍ରାମାଞ୍ଚଳରେ ଉତ୍ତମ ବିଦ୍ୟୁତ ସେବାକୁ ସୁନିଶ୍ଚିତ କରିବ। ନବରଙ୍ଗପୁରରେ ନୂଆ ଡିଭିଜନ ଏବଂ ସବଡିଭିଜନ ଅଫିସ, ପାପଡ଼ାହାଣ୍ଡିରେ ଏକ ସମନ୍ୱିତ ସବଡିଭିଜନ ଏବଂ ସେକ୍ସନ ଅଫିସ, ମାଲକାନଗିରିର ବାଲିମେଳା ଏବଂ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ନୂତନ ସେକ୍ସନ ଅଫିସ ସ୍ଥାପିତ ହୋଇଛି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବିଲ୍ଡିଂକୁ ଡିଜାଇନ୍ କରାଯାଇଛି, ଯେଉଁଥିରେ ବିଲିଂ କାଉଣ୍ଟର, ଆଧୁନିକ ସୁବିଧା ଏବଂ ଉନ୍ନତ ମାନର ସେବା ଉପଲବ୍ଧ ଅଛି। ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଉପସ୍ଥିତିରେ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଅଫିସଗୁଡ଼ିକୁ ଉଦଘାଟନ କରିଥିଲେ। ଏହି ଅବସରରେ ଉଦଘାଟନୀ କାର୍ଯ୍ୟକ୍ରମରେ କର୍ମଚାରୀମାନେ ଚାରା ରୋପଣ କରିଥିଲେ, ଯାହା ପରିବେଶ ସୁରକ୍ଷା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଏ। ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ଭିତ୍ତିଭୂମି ବିକାଶ ମାଧ୍ୟମରେ ଭରସାଯୋଗ୍ୟ ଏବଂ ଗ୍ରାହକ କୈନ୍ଦ୍ରିକ ସେବା ସୁନିଶ୍ଚିତ ହୋଇପାରିବ। ଏହି ନବନିର୍ମିତ ଅଫିସ ଦକ୍ଷିଣ ଓଡ଼ିଶାର କୋଣ ଅନୁକୋଣରେ ଉନ୍ନତ ବିଜୁଳି ଯୋଗାଣ ଦିଗରେ ଆମର ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଅଛି। ଆମେ ଅଫିସ ବିଲ୍ଡିଂ ତିଆରି କରିବା ସହ ଟିପିଏସ୍ଓଡିଏଲ୍ ପ୍ରତି ଲୋକଙ୍କ ବିଶ୍ୱାସକୁ ସୁଦୃଢ଼ କରିଛୁ। ନୂତନ ଭାବେ ଉଦଘାଟିତ ଅଫିସଗୁଡ଼ିକରେ କର୍ମଚାରୀମାନଙ୍କ ସହ ଆଲୋଚନା କରି ଶ୍ରୀ ଗର୍ଗ ଟିମ୍ ସଦସ୍ୟମାନଙ୍କୁ ଅନୁଷ୍ଠାନର ସେବା ଓ ସମର୍ପଣ ଭଳି ମୌଳିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ। ଦୀର୍ଘସ୍ଥାୟୀ ଏବଂ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ସକ୍ରିୟ ତଥା ଉପଭୋକ୍ତା କୈନ୍ଦ୍ରିକ ସେବା ଯୋଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏସବୁ ପଦକ୍ଷେପ ନିରନ୍ତର ଉନ୍ନତ ବିଜୁଳି ସେବା ଯୋଗାଇ ଗୋଷ୍ଠୀ ସଶକ୍ତିକରଣ କରିବା ଦିଗରେ ଟିପିଏସ୍ଓଡିଏଲର ଯାତ୍ରାରେ ଏକ ମାଇଲଖୁଣ୍ଟ ସାଜିଛି। ସମଗ୍ର ଦକ୍ଷିଣ ଓଡ଼ିଶାରେ ଉନ୍ନତ ଟେକ୍ନୋଲୋଜି, ପରିବେଶ ସଚେତନତା ଏବଂ ଗ୍ରାହକ କୈନ୍ଦ୍ରିକ ଭିତ୍ତିଭୂମି ବିକାଶ ଦ୍ୱାରା ବିଜୁଳି ସେବାକୁ ଆହୁରି ସୁଦୃଢ଼ କରିବା ଉପରେ କମ୍ପାନୀ ଗୁରୁତ୍ୱ ଦେଇଆସୁଛି।

## ନର୍ଲାରେ ଡ୍ରାଇଭର ସଂଘର ଆନ୍ଦୋଳନ



**ନର୍ଲା, ୮।୭(ସଂଚାର ବ୍ୟୁରୋ):** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୬ ଦଫା ଦାବି ନେଇ ଦିଆଯାଇଥିବା ଷ୍ଟିଅରିଂ ଛାଡ ଆନ୍ଦୋଳନକୁ ନର୍ଲା ଡ୍ରାଇଭର ସଂଘ ସମର୍ଥନ କରିଛି। ନର୍ଲା ବ୍ଲକ ଡ୍ରାଇଭର ସଂଘର ସଭାପତି ବିମନ୍ତ ପଧାନ ଓ ସମ୍ପାଦକ ଯଶୋବନ୍ତ ନିଆଲଙ୍କ ନେତୃତ୍ୱରେ ଉପ ସଭାପତି ରବି ଧରୁଆ, ସହ ସମ୍ପାଦକ ପଙ୍କଜ ଜାଲ, କୋଷାଧ୍ୟକ୍ଷ ଧନେଶ୍ୱର ସାହୁଙ୍କ ନେତୃତ୍ୱରେ ୨୦୦ ରୁ ଊର୍ଦ୍ଧ୍ୱ ଡ୍ରାଇଭର ନର୍ଲା ଚାରିଛକରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଡ୍ରାଇଭର ସଂଘର ୬ ଦଫା ଦାବୀ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପୋଲିସକୁ ଗାଡି ଚେକିଂ କରିବାର କ୍ଷମତା ପ୍ରଦାନ ପ୍ରକ୍ରିୟାକୁ ଡ୍ରାଇଭର ମହାସଂଘ ଦୃଢ଼ ବିରୋଧ କରୁଥିବା ବେଳେ ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଓ ୱାର୍କର ବୋର୍ଡରେ ଡ୍ରାଇଭର ମାନଙ୍କୁ ସାମିଲ କରାଯାଉ। ଜନ ସାଧାରଣଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭର ମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ତିଆରି କରାଯାଉ ଭଳି ୬ ଦଫାର ଦାବୀ ରହିଛି। ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ରହିବ ବୋଲି ଡ୍ରାଇଭର ସଂଘ ପକ୍ଷରୁ ସୂଚନା ରହିଛି।

## ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଯାପିତ




**ବଲାଙ୍ଗିର, ୮।୭(ସଂଚାର ବ୍ୟୁରୋ):** ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଠାରେ ରଥଯାତ୍ରା ଉପଲକ୍ଷେ ୩ ଦିନିଆ ରାଜ୍ୟସ୍ତରୀୟ ପାଲା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବର ଉଦଯାପିତ ସନ୍ଧ୍ୟା ରେ କେନ୍ଦ୍ରାପଡ଼ା ର ବଜ୍ରମହାକାଳୀ ପାଲା ସଙ୍ଘ, ମା ଉତ୍କଳ ଭାରତୀ ରାଜ୍ୟ ପାଲା ଗାୟିକା ଓ କଳାକାର ପରିଷଦ ଯୋଗ ଦେଇ ହଜାର ହଜାର ଦର୍ଶକ ଙ୍କୁ ତାଙ୍କ କଳା ରେ ବାନ୍ଧି ରଖିଥିଲେ। ତା ସହ ବାରପୁଡୁଗିଆ, ବଞ୍ଚୋର ପାଲି, କେରମେଲି ର ସାଂସ୍କୃତିକ ଦଳ ଅଂଶ ଗ୍ରହଣ କରି କଳା ପ୍ରଦର୍ଶନ କରିଥିଲେ। ଏହି ଉତ୍ସବ ର ସଭାପତି ତଥା କଳା ସଂଗଠକ ଜୟକୃଷ୍ଣ ମିଶ୍ର ଙ୍କ ଉଦ୍ୟମ ରେ ପ୍ରଥମ କରି ଆୟୋଜିତ ହୋଇଥିବା ଉତ୍ସବ ରେ ଗ୍ରାମ୍ୟ କଳା କାର କଳା ପ୍ରଦର୍ଶନ କରିବା ପାଇଁ ଏକ ଅପୂର୍ବ ସୁଯୋଗ ସଙ୍ଗେ ସଙ୍ଗେ କଳା ସଂସ୍କୃତି ର ସୁରକ୍ଷା ପାଇଁ ଏକ ଅଭିନବ ପ୍ରୟାସ। ସମ୍ମାନିତ ଅତିଥି ଇସ୍ୱ ବିଘ୍ନରାଜ ସାଏ, ଗୌତମ ମହଲା, ଅରବିନ୍ଦ ମିଶ୍ର, ସୁନିଲ ସେଠ୍, ଲବ ନାଗ, ବିକାଶ ନାଏକ, ଗଦନ ସାହୁ, ରିଙ୍କୁ ନାଏକ, ସଞ୍ଜୟ ନାଏକ, ସମ୍ପାଦକ ସଦାନନ୍ଦ ମହଲା ଯୋଗ ଦେଇ କଳାକାର ଗାୟିକା ପାଲା ଗୌରବ ସୁଶ୍ରୀ ସବିତା ଦେହୁରୀ(ଜେନା), ଗୁରୁ ସିପ୍ରା ରାଣୀ ଦେହୁରୀ (ଉପାଧି ପ୍ରାପ୍ତ ନୃତ୍ୟ ଉର୍ବସୀ, ଦେବଦାସୀ, ଗୁରୁ ଗୌରବ, ନୃତ୍ୟ ଧନୁ - ପୁରୀ) ରାଜରାଣୀ ଦେହୁରୀ, ଭଗ୍ୟଲକ୍ଷ୍ମି ପଣ୍ଡା, ଗୀତାଞ୍ଜଳୀ ରାଉତ, କିରଣ କୁମାର ଧଳ, ଆଦ୍ୟାଶା ଅଦିତି, ସୁନିଲ ବାରିକ, ସୌମ୍ୟରଞ୍ଜନ ତ୍ରିପାଠୀ, ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସରକାର ଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗ ରେ ସିଦ୍ଧାଶ୍ରମ ସେବା ପ୍ରତିଷ୍ଠାନ ଓ ସଂଯୋତ କଳା କେନ୍ଦ୍ର, ଦେବାଳୟ ସୁରକ୍ଷା କମିଟି ପ୍ରମୁଖ ଆୟୋଜନ କରିଥିଲେ।

## ବିଦ୍ୟାଳୟର ଅବସ୍ଥା ଦୁର୍ଗମ ଅଞ୍ଚଳ

# ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ଇଁରାଜୀ ପଢ଼ିବାରେ ଅକ୍ଷମ

### ଅଧା ପିଲା ବିଦ୍ୟାଳୟରେ ଅନୁପସ୍ଥିତ



ଜୟପୁର (ସଂଚାର ବ୍ୟୁର)ଆଦିବାସୀ ଅଞ୍ଚଳ ର ଶିକ୍ଷା ର ବିକଳ ଚିତ୍ର। ସବୁବେଳେ ବଦନାମ ମୁଣ୍ଡାଉଛି କୋରାପୁଟ ଜିଲ୍ଲା ବୈପାରୀଗୁଡା ତଥାପି ଶିକ୍ଷା କ୍ଷେତ୍ର ର ହେଉନି ପରିବର୍ତ୍ତନ। ଦୃଗମ ଅଞ୍ଚଳ ର ୫ ମ ଶ୍ରେଣୀ ର ଛାତ୍ର ଛାତ୍ରୀ ମନେ ନିଜ ନାମ ଠିକ ସେ ଲେଖି ପାରୁ ନଥିବା ନଜିର ରହିଥିଲା ବେଳେ ଏବେ କିନ୍ତୁ ବୈପାରୀଗୁଡା ସହରକଣ୍ଠ ବିଦ୍ୟାଳୟ ର ସ୍ଥିତି ସମାନ। କିଛି ମାସ ତଳେ ଓଡିଶା ସରକାର ବିଧାନସଭା ର ସ୍ଥାୟୀ କମିଟି ସଦସ୍ୟ ବିଧାୟକ ଗଣ ବୈପାରୀଗୁଡା ବ୍ଲକ ଠାରୁ ଦୁଇ କିମି ଦୂର ଗୁମ୍ମା ସେବାଶ୍ରମ କୁ ଯାଇଥିଲେ ଏବଂ ସେଠାରେ ଜଣେ ୫ ଶ୍ରେଣୀ ଛାତ୍ରୀ ଙ୍କୁ ଦୁଇ ଏକ ପଣିକିଆ ପଚାରି ଥିଲେ କିନ୍ତୁ ସେ ଉତ୍ତର ଦେଇପାରିନଥିଲେ। ଆଜି ହଟାତ ଓଡିଶା ସରକାର ଙ୍କ ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ନିର୍ଦ୍ଦେଶକ ବୀରେନ୍ଦ୍ର କର୍କର ଏବଂ ସହକାରୀ ନିର୍ଦ୍ଦେଶକ ସୁଧାଂଶୁ ପାତ୍ର ଦୁଇ ଅଧିକାରୀ ଜିଲ୍ଲା ଶିକ୍ଷା ଅଧିକାରୀ ଙ୍କୁ ନେଇ ଜୟପୁର ବ୍ଲକ ଜାତୀୟ ରାଜପଥ କଡ଼ରେ ଥିବା ପତ୍ରପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ କୁ ଗସ୍ତ କରିଥିଲେ ଗସ୍ତ ସମୟରେ ଜଣେ ଶିକ୍ଷୟତ୍ରୀ ବିନା ଦରଖାସ୍ତ ରେ ଅନୁପସ୍ଥିତ ରହିଥିବାରୁ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏବଂ ଛାତ୍ର ଛାତ୍ରୀ ଙ୍କ ବହୁ ସଂଖ୍ୟା ରେ ଅନୁପସ୍ଥିତ ଥିବା ଦେଖି ବିଗିଡିଥିଲେ ଏବଂ ପରେ ବୈପାରୀଗୁଡା ବ୍ଲକ ରାସ୍ତା କଡ଼ରେ ଥିବା ଚନ୍ଦ୍ରପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ପ୍ରଧାନଶିକ୍ଷକ ଅନୁପସ୍ଥିତ ରହିଥିଲେ ଏବଂ ବିଦ୍ୟାଳୟ ରେ ଶିକ୍ଷକ ଶିକ୍ଷୟତ୍ରୀ ନିୟମିତ ଆସୁନଥିବା ନେଇ ଗାଁ ବାସି ଅଭିଯୋଗ କରିଥିଲେ ଏହା ସହ ନିର୍ଦ୍ଦେଶକ ଦଶମ ଶ୍ରେଣୀ କକ୍ଷ କୁ ଯାଇଥିଲେ ଏବଂ ସେଠାରେ ସମସ୍ତ ଛାତ୍ରଛାତ୍ରୀ ଙ୍କୁ ଇଁରାଜୀ ପୁସ୍ତକ ପଢିବାକୁ କହିଥିଲେ କିନ୍ତୁ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଙ୍କ ମଧ୍ୟରୁ ବହୁ ଛାତ୍ର ଛତ୍ରୀ ପୁସ୍ତକ ପଢ଼ିପାରିନଥିଲେ। ଶ୍ରୀ କର୍କର ଶିକ୍ଷକ ମାନଂକୁ ବିଗିଡ଼ିବା ସହ ଠିକ ଭାବରେ ଶିକ୍ଷା ଦାନ କରିବାକୁ ତାଗିଦ କରିଥିଲେ। ତେବେ ରାସ୍ତା କଡ଼ ର ବିଦ୍ୟାଳୟ ରେ ଶିକ୍ଷକ ବିନା ଦରଖାସ୍ତ ରେ ଛୁଟି ରେ ରହିବା। ଅର୍ଦ୍ଧାଧିକ ଛାତ୍ର ଛାତ୍ରୀ ବିଦ୍ୟାଳୟ ରେ ଅନୁପସ୍ଥିତ ରହିବା ଏବଂ ୧୦ଶ୍ରେଣୀ ପିଲା ଇଁରାଜୀ ନ ପଢ଼ିପାରିବା ଦୃଗମ ଅଞ୍ଚଳ ର ଶିକ୍ଷା ର ଅବସ୍ଥା କିପରି ଥିବା ଅନୁମାନ ହେଉଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶିଶୁକନ୍ୟା ମୃତ

**ବାରିପଦା, ୮।୭(ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ବାଦାମ ପାହାଡ଼ ଥାନା ଅନ୍ତର୍ଗତ କୁସୁମି ବ୍ଲକର ଝିପାବନ୍ଧ ଗ୍ରାମର ଜନୈକ ଶିଶୁ କନ୍ୟା ବିଦ୍ୟୁତ ସ୍ପର୍ଶରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଝିପାବନ୍ଧ ଗ୍ରାମର ମହେନ୍ଦ୍ର ମହାନ୍ତିଙ୍କ ୯ ବର୍ଷର ଝିଅ ଗୀତା ମହାନ୍ତି ଆଜି ସୋମବାର ଅପରାହ୍ନରେ ୨.୩୦ ଟା ପାଖାପାଖି ସମୟରେ ଘର ଭିତରେ ଅଜଣାତରେ ବିଦ୍ୟୁତ ସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା।ଡାକ୍ତର ମୃତ ଘୋଷଣା କରିଥିଲେ। ବାଦାମ ପାହାଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୧୪/୨୫ ରୁଜୁ କରିଛି।ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ କରାଯିବ। ଛୋଟ ପିଲାଟିର ଦୁଃଖଦ ମୃତ୍ୟୁରେ ବାପ, ମାଆ ଭାଙ୍ଗି ପଡ଼ିଛନ୍ତି। ଗାଁରେ ଶୋକାକୁଳ ପରିବେଶ ହୋଇପଡ଼ିଛି। ପିଡିତ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି।

### ପୁଣି ଡରାଇଲାଣି ଡାଇରିଆ

## ୫ ଦିନରେ ୫୦ରୁ ଅଧିକ ଆକ୍ରାନ୍ତ

**କଣାସ, ୮।୭(ସଂଚାର ବ୍ୟୁରୋ):** ପୁଣି ଡରାଇଲାଣି ଡାଇରିଆ । ୫ ଦିନ ଭିତରେ ବିଭିନ୍ନ ଅଂଚଳରୁ ୫୦ରୁ ଅଧିକ ବ୍ୟକ୍ତି ଡାଇରିଆରେ ଆକ୍ରାନ୍ତ ହୋଇଛନ୍ତି । ବର୍ତ୍ତମାନ କଣାସ ମେଡିକାଲରେ ୬ ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି । ଏନେଇ ସୂଚନା ଦେଇଛନ୍ତି କଣାସ ମେଡିକାଲର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ । ଗତ କିଛି ମାସ ତଳେ କଣାସ ଅଂଚଳରେ ଡାଇରିଆ ରୋଗ ୪ ଜଣଙ୍କର ମୁଣ୍ଡ ନେଇଥିଲା । ଦୟା ନଦୀ ପାଣି ବିଷାକ୍ତ ହୋଇଥିବାରୁ ଏହି ପାଣିକୁ ବ୍ୟବହାର କରିବାକୁ ମନା କରାଯାଇଥିଲା । ଏବେ ପୁଣି କଣାସ ବ୍ଲକରେ ଝାଡ଼ାବାନ୍ତି ବ୍ୟାପିବା ଚିନ୍ତାର କାରଣ ପାଲଟିଛି। ଏବେ ବି ପିଇବା ପାଣି ସମସ୍ୟା ଲାଗିରହିଛି । ସ୍ଥାୟୀ ସମାଧାନ ଦାବି କରିଛନ୍ତି ସ୍ଥାନୀୟ ଲୋକ ।



# ଛାଡିଲେ ଷ୍ଟିଅରିଙ୍ଗ, ରାସ୍ତାରେ ବସିଲେ ଡ୍ରାଇଭର୍



କଳିଙ୍ଗନଗର: ଆଜି ସାରା ରାଜ୍ୟ ରେ ଡ୍ରାଇଭର ମହାସଂଘ ପକ୍ଷ ରୁ ଷ୍ଟେରିଙ୍ଗ ଛାଡ଼ ଡାକରା ଦିଆଯାଇଛି। ଏହି ପ୍ରରିପ୍ରେକ୍ଷିରେ ଓଡିଶା ଡ୍ରାଇଭର ସଙ୍ଘ ତରଫରୁ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଦାନଗଦି ମିଲିଟାରୀ ଛକ ରେ ଷ୍ଟିଅରିଙ୍ଗ ଛାଡ଼। ଆନ୍ଦୋଳନ ଜାରୀ ରହିଛି.. ସାତ ଦଫା ଦାବୀ ନେଇ ଆନ୍ଦୋଳନ ସକାଳୁ ଶାନ୍ତି ଶୃଙ୍ଖଳା ର ସହ ଚାଲିଛି। ରାସ୍ତା ଘାଟ ଖାଁ.. ଖାଁ.. ଶୂନଶାନ ଲାଗୁଛି। ଶିଳ୍ପାଞ୍ଚଳ ର ଶହ ଶହ କର୍ମଚାରୀ ଶ୍ରମିକ ଚାଲି ଚାଲି କର୍ମ କ୍ଷେତ୍ର କୁ ଯିବାର ଦେଖିବାକୁ ମିଳିଛି। ପୋଲିସ ପ୍ରଶାସନ ରାଜରାସ୍ତା ରେ ପାଟ୍ରୋଲିଙ୍ଗ ସହ ମୁତୟନ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିବା ଦେଖିବାକୁ ମିଳୁଛି ବହୁତ ଶ୍ରମିକ ମାଲ ବୁହା ପିକଅପ ରେ ଯାଉଥିବା ଦେଖିବାକୁ ମିଳୁଛି। ମୋହନ ସରକାର ବିରୋଧି ଦଳରେ ଥିବା ବେଳେ ଆମକୁ ନ୍ୟାୟ ଦେବା ପାଇଁ ଆମ ଦାବୀ ମାନିବା ପାଇଁ ସମର୍ଥନ କରୁଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ହେଲା ପରେ ବଦଳି ଯାଇଛନ୍ତି। ଲୋୟାର ପିଏମଜି ରେ ଗୋଟେ ସପ୍ତାହ ଶାନ୍ତି ପୂର୍ଣ୍ଣ ଧାରଣାରେ ବସିଲୁ କିନ୍ତୁ ଆମ ପାଖକୁ କେହି ଆସିଲେ ନାହିଁ କି ଆମ ଦୁଃଖ ଶୁଣୁ ନାହାଁନ୍ତିଆମର ସାତ ଦଫା ଦାବୀ ଗୁଡିକ ହେଲା ଅଟୋ ଡ୍ରାଇଭର ସଙ୍ଘ କୁ ଶ୍ରମିକ ଭାବେ ନ ଗଣି ଆମ ସହିତ ସାମିଲ କରନ୍ତୁ। ଚାଳକ ମାନଙ୍କୁ ୬୦ ବର୍ଷ ହେଲେ ଏକ ସ୍ୱତନ୍ତ୍ର ଭତ୍ତା ର ବ୍ୟବସ୍ଥା କରନ୍ତୁ। ରାଜ ରାସ୍ତା ପାର୍ଶ୍ୱ ରେ ପ୍ରତି ୧୦୦ କିଲୋମିଟର ଭିତରେ ଶୌଚାଳୟ। ବିଶ୍ରାମ ଗୃହ ନିର୍ମାଣ କରନ୍ତୁ। ଚାଳକ ମାନଙ୍କୁ ଯିଏ ପାଇଲା ସିଏ ଦୁର୍ବ୍ୟବହାର କରୁଛନ୍ତି ସେଥିପାଇଁ ଏକ ଆଇନ ଆଣନ୍ତୁ। ଓଡିଶା ରେ ଥିବା ସମସ୍ତ ଖଣି ଖାଦାନ କଳ କାରଖାନା ରେ ସ୍ଥାନୀୟ ଡ୍ରାଇଭର ଙ୍କ ପାଇଁ ୭୦% କାମ ଦିଅନ୍ତୁ। ସେପ୍ଟେମ୍ବର ୧ ତାରିଖ କୁ ଜାତୀୟ ଡ୍ରାଇଭର ଦିବସ ଭାବେ ଘୋଷଣା କରାଯାଉ। ଗାଡି କାଗଜ ପତ୍ର ଯାଞ୍ଚ ଅଧିକାର ପୋଲିସ ବିଭାଗକୁ ଦିଆଯାଉ। ଯେତେଦିନ ପ୍ରଯ୍ୟନ୍ତ ଆମର ଏହି ୭ ଦଫା ଦାବୀ ପୂରଣ ନ ହୋଇଛି ଅନିର୍ଦ୍ଦିଷ୍ଟ କାଳ ପ୍ରଯ୍ୟନ୍ତ ଆମେ ଏପରି ରାଜ ରାସ୍ତା କଡ଼ରେ ବସି ରହିବୁ ବୋଲି ଡ୍ରାଇଭର ସଙ୍ଘ ର ଯାଜପୁର ଜିଲ୍ଲା ସମ୍ପାଦକ ଶରତ ବେହେରା ଓ ଆଡଭାଇଜର ଅଶୋକ ରାମ ପ୍ରତିକ୍ରିୟା ରେ ଜଣାଇ ଛନ୍ତି।

## ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର

**କୋଲନରା,୮।୭(ସଂଚାର ବ୍ୟୁରୋ):** କୋଲନରା ବ୍ଲକ ପ୍ରଶାସନ ତରଫରୁ ଥେରୁବାଲି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ବୈଠକ ଗୃହରେ ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୀନା ପ୍ରଧାନ, ସରପଞ୍ଚ ପୁଲାକା ମମତା, ନାଏବ ସରପଞ୍ଚ ପ୍ରମୁଖ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ସାତ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ଏଥି ମଧ୍ୟରୁ ଦୁଇଟି ବ୍ୟକ୍ତିଗତ ଓ ପାଞ୍ଚଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ବିଡିଓ ପ୍ରଧାନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଡିଓ ଅଶୋକ କୁମାର ନାୟକ, ବିଏସଏସଓ ପ୍ରଶାନ୍ତ କୁମାର ଶବର, ଆରଡବ୍ଲ୍ୟୁଏସ୍ଏସ୍ ସହକାରୀ ଯନ୍ତ୍ରୀ ଶୁଭଦର୍ଶିନୀ ପଟ୍ଟନାୟକ, ଓଡ଼ିଶା ଜୀବିକା ମିଶନ ସମେତ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭିଏନ୍ କଲେଜର ପ୍ରତିଷ୍ଠା ଦିବସ ପାଳନ



**ଯାଜପୁର ରୋଡ଼, ୮।୭(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଞ୍ଚଳ ସହର ସ୍ଥିତ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟର ୬୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶରତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ କୋରେଇର ବିଧାୟକ ଶ୍ରୀ ଆକାଶ ଦାସନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୌରାଙ୍ଗ ଚରଣ ମଲ୍ଲିକ ଯୋଗ ଦେଇଥିଲେ। ବିଧାୟକ ମହାବିଦ୍ୟାଳୟରେ ହେବାକୁ ଥିବା ଅନେଗୁଡିଏ ପ୍ରକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ନୂତନ ଗୃହ, କମ୍ପ୍ୟୁଟର ପରୀକ୍ଷାଗାର ଓ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦଘାଟନ କରାଯାଇଥିଲା। ଉଦଘାଟନରେ ଜିନ୍ଦଲ ଷ୍ଟେନ୍ଲେସ ଷ୍ଟିଲର ଆବାସିକ ନିର୍ଦ୍ଦେଶକ ଶଶିଭୂଷଣ ଉପାଧ୍ୟାୟ ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର କେଉଁଝରର ଶାଖାର ଆଞ୍ଚଳିକ ପ୍ରବନ୍ଧକ କମଳ ଲୋଚନ ଷଡ଼ଙ୍ଗୀ ଯୋଗ ଦେଇଥିଲେ।। ମହାବିଦ୍ୟାଳୟ ଛାତ୍ରୀ ନିବାସ ପରିସରରେ ବୃକ୍ଷରୋପଣ ଓ ବନ ମହୋତ୍ସବ ପାଳନ କରାଯାଇଥିଲା। କୃତି ତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇଥିଲା। ସମାରୋହ ସମିତିର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମିତିର ସଭ୍ୟା ପିକା ଡ଼ଃ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ରଞ୍ଜନ କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ



**ସୁନ୍ଦରଗଡ଼,୮।୭(ସଂଚାର ବ୍ୟୁରୋ):** ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ପକ୍ଷରୁ ବୁଥ ସ୍ତରୀୟ ଅଧିକାରୀ ମାନଙ୍କର ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୩ ରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏବଂ ଜୁଲାଇ ୮ ରେ ସଂପନ୍ନ ହୋଇଛି। ମାଷ୍ଟର ଟ୍ରେନର ବିରମିତ୍ରପୁର ଓ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟରତ ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରଛନ୍ତି। ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉଭୟ ନିର୍ବାଚନ ମଣ୍ଡଳୀର ୪୯୮ ବିଏଲଓ ପ୍ରଶିକ୍ଷଣ ନେଇଛନ୍ତି। ନିର୍ବାଚନରେ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟି ଶୂନ୍ୟ କରିବା ପାଇଁ ଅଧିକାରୀ ମାନଙ୍କୁ ବିଏଲଓର ଭୂମିକା, ଘରେ ଘରେ ବୁଲି ଭୋଟର ତାଲିକା ସଂଶୋଧନ, ନୂତନ ଭୋଟରଙ୍କ ନାମ ପଂଜିକରଣ, ଫର୍ମ ୬, ୭, ୮ ପୂରଣ କରିବା, ବିଏଲଓ ଆପ ସହିତ ଭୋଟର ହେଲପ ଲାଇନର ବ୍ୟବହାର କରିବା ପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷଣ ପ୍ରଦାନ ପରେ ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରାଯାଇଥିଲା। ପାନପୋଷ ଉପ ଜିଲ୍ଲାପାଳ ବିଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସେ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରି ପ୍ରଶିକ୍ଷଣ କାର୍ଯ୍ୟ ନୀରିକ୍ଷଣ କରି ଥିଲେ ।

## ରାକ୍ସି ଛକରେ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

**ନର୍ଲା,୮।୭(ସଂଚାର ବ୍ୟୁରୋ):** ୬ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ମଙ୍ଗଳବାରଠାରୁ ସାରା ରାଜ୍ୟରେ 'ଷ୍ଟିଅରିଂ ଛାଡ଼' ଆନ୍ଦୋଳନ ଆରମ୍ଭ କରିଛି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକର ଛତିକୁଡା ଛକ, ରାକ୍ସି ଛକ, ନର୍ଲା ଚାରିଛକ, ଆଦି ସ୍ଥାନରେ ଶହ ଶହ ସଂଖ୍ୟାରେ ଡ୍ରାଇଭରମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଛି। ରାକ୍ସି ଛକରେ ଡ୍ରାଇଭର ସଂଘର କର୍ମେଗାଁ ପଞ୍ଚାୟତ ସଭାପତି ହରି କରୁଆଁ, ସରିଆଁ ପଞ୍ଚାୟତ ସଭାପତି ଅଭିମନ୍ୟୁ ମାଝୀ, ରାକ୍ସି ପଞ୍ଚାୟତ ସଭାପତି ଲିଙ୍ଗରାଜ ପୋଢ, ରୁପ୍ରା ସଭାପତି ଅନ୍ତରାମ ଭୋଇଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଛି ଆନ୍ଦୋଳନ। ରାକ୍ସିର ପୂର୍ବତନ ସରପଞ୍ଚ ବିଜୟ ଧଙ୍ଗଡ଼ାମାଝୀ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରି ସରକାର ଡ୍ରାଇଭର ମହାସଂଘର ଦାବି ପୂରଣ କରିବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି। ଆଜିର ଏହି ଆନ୍ଦୋଳନରେ ରଞ୍ଜିତ ନାଗ, ସନ୍ତୋଷ ଯୋଶୀ, ରୁପ୍ରା, କର୍ମେ ଗାଁ ଓ ସରିଆଁ ଗ୍ରାମ ପଞ୍ଚାୟତ ଅଞ୍ଚଳର ଶତାଧିକ ଡ୍ରାଇଭର ଉପସ୍ଥିତ ଅଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଛନ୍ତି। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁଁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି।



# ପରିବା ଦର ଆକାଶ ଛୁଆଁ, ଚିନ୍ତାରେ ଖାଉଟି



**ସୁବର୍ଣ୍ଣପୁର,୮।୭(ସଂଚାର ବ୍ୟୁରୋ):** ବର୍ଷାଋତୁ ଆରମ୍ଭ କ୍ଷଣି ପନିପରିବା ଦର ଆକାଶ ଛୁଆଁ ହେଲାଣି। ଟମାଟୋ କିଲୋ ପ୍ରତି ୫୦ଟଙ୍କା, ବାଇଗଣ କିଲୋ ପ୍ରତି ୮୦ ଟଙ୍କାରୁ କମ୍‌ରେ ମିଳୁନାହିଁ। ୨ମାସ ପୂର୍ବରୁ ଯେଉଁ ଚାଷୀମାନେ ଟମାଟୋ ବିକ୍ରି ହେଉନାହିଁ ବୋଲି ରାସ୍ତାରେ ଗଡ଼ାଇ ଦେଉଥିଲେ, ଏବେ ବଜାରକୁ ଗଲେ ୧୦ ଟଙ୍କା ରେ ମାତ୍ର ୨୦୦ ଗ୍ରାମ୍ ମିଳୁଛି। ରାଜ୍ୟରେ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ପଞ୍ଚାୟତରେ ଶୀତଳଭଣ୍ଡାର କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲା। ସେହିପରି ନିର୍ବାଚନ ପରେ ପ୍ରତ୍ୟେକ ଉପଖଣ୍ଡରେ ଶୀତଳଭଣ୍ଡାର ହେବ ବୋଲି ଘୋଷଣା କରିଥିଲା। କିନ୍ତୁ ବର୍ଷକ ମଧ୍ୟରେ ସେ ଦିଗ ରେ ସରକାର କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି । ସୁବର୍ଣ୍ଣପୁର ଅଞ୍ଚଳ ର ଅଧିକାଂଶ ଚାଷୀ ମୁଖ୍ୟତଃ ଧାନଚାଷ କରୁଥିବା ବେଳେ ଅଳ୍ପସଂଖ୍ୟକ ଚାଷୀ ପନିପରିବା ଚାଷ କରନ୍ତି। କିନ୍ତୁ ଉନ୍ନତ ବୈଷୟିକ ଜ୍ଞାନକୌଶଳ ଓ ସମସ୍ତ ସରକାରୀ ବ୍ୟବସ୍ଥା ଉପଲବ୍ଧ ଥିବା ସତ୍ତ୍ୱେ ଅଣଋତୁ ପରିବା ଚାଷ ହୋଇପାରୁ ନାହିଁ ଓ ତେଣୁ ବର୍ଷାଋତୁରେ ପରିବା ଅମଳ ହେଉ ନ ଥିବାରୁ ଅଧିକାଂଶ ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଯାଇଛି। ସୁବର୍ଣ୍ଣପୁର ସମେତ ଅଞ୍ଚଳ ର ପ୍ରାୟ ସବୁ ବଜାର ରେ ସବୁ ପରିବାର ମୂଲ୍ୟ କିଲୋ ପ୍ରତି ୬୦ରୁ ୧୨୦ଟଙ୍କା ରହିଛି। ୫୦୦ ଟଙ୍କାର ବଜାର କଲେ ବଡକଷ୍ଟ ରେ ବ୍ୟାଗ୍ ଭର୍ତ୍ତି ହେଉଛି। ଏକ କିଲୋ କିଣିବାକୁ ଯାଉଥିବା ବେଳେ ଗ୍ରାହକ କାନ ମୁଣ୍ଡା ଆଉଁଷି ମାତ୍ର ୨୫୦ ଶହ ଗ୍ରାମ୍ ପରିବା କିଣି ଘରକୁ ଫେରୁଛି। ମଙ୍ଗଳବାର ସାପ୍ତାହିକ ବଜାରରେ ଟମାଟୋ ନ କିଲୋ ପ୍ରତି ୫୦ ରୁ ୬୦ ହୋଇଥିବା ବେଳେ ଫୁଲକୋବି ୬୦ରୁ ୮୦ ଟଙ୍କା ରହିଛି। ସେହିପରି ବନ୍ଧାକୋବି ୪୦ରୁ ୫୦ ଟଙ୍କା, ପୋଟଳ ୬୦ରୁ ୮୦ ଟଙ୍କା, ବାଇଗଣ ୬୦ରୁ ୮୦ ଟଙ୍କା, କାକୁଡ଼ି ୬୦ ଟଙ୍କା, ଭେଣ୍ଡି ୮୦ ଟଙ୍କା, କଲରା ୮୦ ଟଙ୍କା, ଝୁଡ଼ଙ୍ଗ ୮୦, ଜହ୍ନି ୬୦, ଗାଜର ୬୦ ଟଙ୍କା ଦର ରହିଛି। ପରିବା ବେପାରୀ ଙ୍କ ସଫେଇ ହେଲା, ଅଞ୍ଚଳର ପରିବା ବଜାରକୁ ଆସୁ ନ ଥିବାରୁ ଏବଂ ବର୍ଷା ଯୋଗୁଁ ପରିବା ପଚି ସଢ଼ି ଯାଉଥିବାରୁ ଦର ବୃଦ୍ଧି ଘଟିଛି। ଦର ବୃଦ୍ଧିକୁ ନେଇ ଖାଉଟି ଏବେ ଚିନ୍ତା। ଯଦି ଶୀତଳଭଣ୍ଡାର ପର୍ଯ୍ୟାପ୍ତ ମାତ୍ରାରେ ଥାଆନ୍ତା ତେବେ ଦର ନିୟନ୍ତ୍ରଣ ହୋଇପାରନ୍ତା ବୋଲି ସଚେତନ ବର୍ଗ ମତବ୍ୟକ୍ତ କରୁଛନ୍ତି। ଓଡ଼ିଶା ସରକାର ୨୦୧୮ ମସିହାରେ ସରକାରୀ-ଘରୋଇ ସହଭାଗିତାରେ ୧୫୦ଟି ଶୀତଳ ଭଣ୍ଡାର ସ୍ଥାପନ କରିବା ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ୨୦୨୩ ମସିହାରେ ପ୍ରତ୍ୟେକ ପଞ୍ଚାୟତରେ ଶୀତଳଭଣ୍ଡାର ଖୋଲିବା ଲକ୍ଷ୍ୟରେ ଘରୋଇ ଉଦ୍ୟୋଗୀଙ୍କୁ ୭୦% ରିଆତି ଦେବାକୁ ଘୋଷଣା କରାଯାଇଥିଲା।